Digitized by PPRACHIN, SOA

ମୂକ

ଡଃ ନାରାୟଣ ସାହୁ

କୁନ୍‌ମା ପବ୍ଲିକେଶନ
ବାଦାମବାଡ଼ି, କଟକ—୧୨

Digitized by PPRACHIN, SOA

ମୂକ

MUKA

ନାଟ୍ୟକାର :
ଡଃ ନାରାୟଣ ସାହୁ
ଭି.ଏସ୍.ଏସ୍.ନଗର
ଭୁବନେଶ୍ୱର, ଫୋନ୍-୫୮୧୧୪୭

Author :
Dr. Narayan Sahu

ପ୍ରକାଶକ :
କୁନ୍‌ମା ପବ୍ଲିକେଶନ୍
ବାଦାମବାଡ଼ି, କଟକ—୧୨

Publisher :
Kunma Publication
Badambadi, Cuttack-12

ମୁଦ୍ରଣ :
ଶ୍ରୀ ଜଗନ୍ନାଥ ଲାମିନେଟ୍ର
ବାଦାମବାଡ଼ି, କଟକ—୭୫୩୦୧୨

Printer :
Sri Jagannath Laminator
Badambadi, Cuttack-12

ପ୍ରଥମ ପ୍ରକାଶନ :
୨୦୦୦

First Edition : **2000**

ପ୍ରଚ୍ଛଦ :
ସ୍ୱାହା ମିଶ୍ର

Cover Design :
Swaha Mishra

ମୂଲ୍ୟ : ୪୦ ଟଙ୍କା

Price : Rs.40/-

Digitized by PPRACHIN, SOA

ନାଟକଟି 'ମୂକ'...'ପ୍ରଶ୍ନ'...'ଉପହାର' ଆଦି ନାମରେ ବିଭିନ୍ନ ସ୍ଥାନରେ ଅଭିନୀତ....

- ନାଟକ - 'ଉପହାର' ଅଭିନୟ ସ୍ଥାନ - କେନ୍ଦୁଝର ଟାଉନହଲ ତା୨୯।୧୧।୯୫ କାସାଣ୍ଡ୍ରା କଲଚରାଲ କ୍ଲବଦ୍ୱାରା ଆୟୋଜିତ ନାଟକ ପ୍ରତିଯୋଗିତାରେ 'ଆମେ କ୍ରାନ୍ତି' ଉଦଳାର ନାଟକ 'ଉପହାର' ପାଇଥିବା ବିଭିନ୍ନ ପୁରସ୍କାର - ଶ୍ରେଷ୍ଠନାଟ୍ୟକାର, ଶ୍ରେଷ୍ଠ ଅଭିନେତା।

- ନାଟକ - 'ପ୍ରଶ୍ନ' ଅଭିନୟ ସ୍ଥାନ - ରବୀନ୍ଦ୍ରମଣ୍ଡପ, ତା୧୮।୩।୯୬ ଜନସେବକ କ୍ଲବ ଦ୍ୱାରା ଆୟୋଜିତ ନାଟକ ପ୍ରତିଯୋଗିତାରେ ଏହି ନାଟକ ପାଇଥିବା ପୁରସ୍କାର - ଶ୍ରେଷ୍ଠ ନାଟ୍ୟକାର, ଶ୍ରେଷ୍ଠ ଅଭିନେତା, ଶ୍ରେଷ୍ଠହାସ୍ୟ ଅଭିନେତା।

- ନାଟକ - 'ମୂକ' ଅଭିନୟ ସ୍ଥାନ - ସଭାଘର, ତା୨୧।୧୨।୯୬ ନାଟ୍ୟମ୍ - ଅନୁଗୁଳର ନାଟକ ପ୍ରତିଯୋଗିତାରେ ଏହି ନାଟକ ପାଇଥିବା ପୁରସ୍କାର - ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତ୍ରୀ, ଉଚ୍ଚ ପ୍ରଶଂସିତ ଅଭିନେତା ଦୁଇଜଣ।

- ନାଟକ - ମୂକ ଅଭିନୟ ସ୍ଥାନ - ବ୍ରହ୍ମପୁର ଟାଉନହଲ ତା୨୬।୨।୯୯ ଶାଶ୍ୱତୀ ନାଟ୍ୟସଂସ୍ଥା ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ପାଇଥିବା ପୁରସ୍କାର - ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶନା, ୨ୟ ଶ୍ରେଷ୍ଠ ପ୍ରଯୋଜନା, ୨ୟ ଶ୍ରେଷ୍ଠ ନିର୍ଦ୍ଦେଶନା ଏବଂ ୩ୟ ଶ୍ରେଷ୍ଠ ନାଟ୍ୟକାର।

- ନାଟକ - ମୂକ ଅଭିନୟ ସ୍ଥାନ - ସାରସ୍ୱତ ଶିକ୍ଷା କେନ୍ଦ୍ର,
  ମହତାବ ରୋଡ୍, ଭୁବନେଶ୍ୱର
  ତା୨୧।୩।୯୯

Digitized by PPRACHIN, SOA

ନାଟ୍ୟମ୍ ନାଟ୍ୟମେଳା - ୧୯୯୬
ଚତୁର୍ଥ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା

ସ୍ଥାନ -	ଅନୁଗୁଳ ସଭାଘର
ପରିବେଶ ରଜନୀ -	୨୧.୧୨.୯୬
ପ୍ରଯୋଜନା -	ଆମେ କ୍ରାନ୍ତି, ଉଦଳା, ମୟୂରଭଂଜ
ରଚନା -	ଡ଼ଃ ନାରାୟଣ ସାହୁ
ନିର୍ଦ୍ଦେଶନା -	ରାମଚନ୍ଦ୍ର ମହାପାତ୍ର

ବିଭିନ୍ନ ଭୂମିକାରେ

ଅଭିଜିତ -	ରତିକାନ୍ତ ବେହେରା
ବାଇଡ଼ଙ୍କ -	ପ୍ରଦ୍ୟୁମ୍ନ ଦାସ
ମହୀପାଳ -	ଅଖିଳ ସ୍ୱାଇଁ
ଏଡ଼ିଟର -	ରତ୍ନାକର ଦାସ
ଭୂଷଣ -	କ୍ଷୀରୋଦ ମହାନ୍ତି
ବାଇଡ଼ଙ୍କ -	ମହେଶ୍ୱର ସାହୁ
ସଲିମ୍ -	ଆଶୀଷ ମହାନ୍ତି
ପୋଲିସ୍ ଇନିସ୍ପେକ୍ଟର -	ପଙ୍କଜ ଖୁଣ୍ଟିଆ
ଟ୍ରାଫିକ୍ ପୋଲିସ -	ସୁଦର୍ଶନ ନାୟକ
ଲୋକ -	ପ୍ରଦୀପ ପଣ୍ଡା, ଦୀନେଶ କବାଟ, ଦେବେନ୍ଦ୍ର ମହାନ୍ତି
ମୂକ ଶିଶୁ ଅନାମ -	ସିତୁନ
ଅଳକା-	ଶ୍ୟାମା କର୍ମକାର
ଆୟୋଜକ -	ଶ୍ୱେତାଙ୍କ
ସଙ୍ଗୀତ -	ଜୟକୃଷ୍ଣ ପୃଷ୍ଟି

Digitized by PPRACHIN, SOA

ନାଟକର ଚରିତ୍ର

୧. ଅଭିଜିତ

୨. ବାଇଡ଼ଙ୍କ

୩. ମହୀପାଳ

୪. ବାଇମନ

୫. ଏଡ଼ିଟର/ପରମଗୁରୁ

୬. ପୋଲିସ ଇନ୍‌ସପେକ୍ଟର

୭. ସଲିମ

୮. ଟ୍ରାଫିକ୍ ପୋଲିସ

୯. ଅଳକା

୧୦. ମୂକ ଶିଶୁ

୧୧. ଲୋକ/ଭୂଷଣ

Digitized by PPRACHIN, SOA

ମୂକ

Digitized by PPRACHIN, SOA

ପ୍ରଥମ ଦୃଶ୍ୟ

ସ୍ଥାନ - ପାଦଚଲା ରାସ୍ତା
ସମୟ - ରାତି
ଚରିତ୍ର - ଶିବଭକ୍ତ ଗଣ, ଅଳକା

(ମଞ୍ଚ କ୍ରମଶଃ ଆଲୋକିତ ହୋଇ ଆସୁଥିଲା। ଆଲୋକରେ ଗତି ରେଖା ସହିତ ତାଳଦେଇ ଦୂରରୁ ଭାସି ଆସୁଥିଲା ଶିବଭକ୍ତମାନଙ୍କର 'ହର ହର ବମ୍' ଧ୍ୱନି। ଧ୍ୱନି କ୍ରମେ କ୍ରମେ ନିକଟତର ହେବାରେ ଲାଗିଲା। ମଞ୍ଚରେ ଆଲୋକ ପୂର୍ଣ୍ଣମାତ୍ରାରେ ଆସି ଯାଇଥିଲା। ଜଣକ ପରେ ଜଣେ ଶିବଭକ୍ତ ମଞ୍ଚକୁ ପ୍ରବେଶ କଲେ। ସମସ୍ତଙ୍କ କାନ୍ଧରେ ଥିଲା ବାଉଁଗୀ। ବାଉଁଗୀରେ ଥିବା କଳସୀରେ ସେମାନେ ସଂଗ୍ରହ କରିଥିଲେ ପବିତ୍ର ଜଳ, ଯାହା ଶିବଙ୍କ ପାଇଁ ଅଭିପ୍ରେତ ଥିଲା।)

ଭକ୍ତ - ୧ 'ହର ହର ବମ୍' -
ଅନ୍ୟମାନେ ବୋଲରେ ବମ୍
ଭକ୍ତ - ୨ 'ଜଟିଆ ବାବା'
ଅନ୍ୟମାନେ ପାର କରେଗା।
ଭକ୍ତ - ୩ 'ଦାଢ଼ିଆ ବାବା'
ଅନ୍ୟମାନେ ଉଦ୍ଧାର କରେଗା।

(କିଛି ସମୟ ମଞ୍ଚରେ ଘୂରିବା ପରେ ସେମାନେ ସ୍ଥିର ହୋଇ ଯାଇଛନ୍ତି। ସମସ୍ତଙ୍କ ମୁଖ ମଣ୍ଡଳରେ କ୍ଳାନ୍ତିର ରେଖା)

ଭକ୍ତ-୪ ଏଇ ଯାଗାଟା ଭଲ ହେବ। ରାତିଟା ଏଇଠି କଟେଇ ଦବା।
ଭକ୍ତ-୫ ନିକଟରେ ମଶାଣି। ଏଠି ରହିବାଟା -
ଭକ୍ତ-୬ ଆରେ ସାଙ୍ଗ, ଭୟ କାହିଁକି କରୁଛୁ ? ଜଟିଆ ବାବା ଅଛି। କିଛି ଅସୁବିଧା ହେବ ନାହିଁ।

Digitized by PPRACHIN, SOA

ଭକ୍ତ-୧ ଆଉ ତାହେଲେ ଡେରି କାହିଁକି କରୁଛ ?

(ଜଣକ ପରେ ଜଣେ ଯାଇ ଅଟରାଜରେ ବାଉଁଗୀ ରଖି ଆସିଛନ୍ତି। ମାଟି ଉପରେ ବସି ପଡ଼ି ଥକା ମେଣ୍ଟାଇବାକୁ ଚେଷ୍ଟା କରିଛନ୍ତି। ପଥଶ୍ରମ ଯୋଗୁ ଭକ୍ତଗଣ ଶୋଇଯାଇଛନ୍ତି। ଘୁଙ୍ଗୁଡ଼ି ଶବ୍ଦ କ୍ରମେ ବଢ଼ିଚାଲିଛି। ରାତିର ଭୟାବହତାକୁ ଆହୁରି ବ୍ୟାପକ କରିଛି ଝିଙ୍କାରୀର ଶବ୍ଦ। ଖୁବ୍ ନିକଟରୁ ଭାସିଆସିଛି ଏକ କରୁଣ ରାଗିଣୀ। ଜଣେ ଭକ୍ତ ଉଠିପଡ଼ି ଭୟରେ ଥରିଛି। ଅନ୍ୟଜଣକୁ ଡାକିଲା)

ଭକ୍ତ ସାଙ୍ଗ, ଉଠ।

ଭକ୍ତ କ'ଣ ହେଲା ? ରାତିଟାରେ ଟିକିଏ ଶୋଇବାକୁ ବି ଦବୁନି ?

(ନାରୀ କଣ୍ଠର ବିଳାପ ଧ୍ୱନି କ୍ରମେ ନିକଟରୁ ନିକଟତର ହୋଇଛି)

(ଜଣକ ପରେ ଜଣେ, ସବୁ ଭକ୍ତ ଉଠି ପଡ଼ିଛନ୍ତି। ମନରେ ଭୟ।)

ଭକ୍ତ-୧ ଏତେ ରାତିରେ କିଏ କାନ୍ଦୁଛି ?

ଭକ୍ତ-୪ ଚାଲ ଯିବା ତା' ପାଖକୁ। ଆମେ ଏତେ ଲୋକ ଅଛେ। ଭୟ କ'ଣ ?

ଭକ୍ତ-୨ ପାଖରେ ମଶାଣି। ନିଶ୍ଚୟ ଡାଆଣୀ କି ପିତାଶୁଣୀ ହେଇଥିବ! ତା' ପାଖକୁ ଯିବାଟା ଆଦୌ ଉଚିତ ହବନି।

ଭକ୍ତ-୫ କେହି ନିଆଶ୍ରୀ ସ୍ତ୍ରୀ ଲୋକଟିଏ ବିପଦରେ ପଡ଼ିଛି। ନଇଲେ ଏତେ ରାତିରେ–

ଭକ୍ତ-୨ ଏତେ ରାତିରେ ! ପୁଣି ମଶାଣିରେ ! ସ୍ତ୍ରୀଲୋକ। ନା' ବାବା' ନା !

ଭକ୍ତ-୬ ଆରେ ଏଡ଼େ ଡରକୁଳା ଗୁଡ଼ାକ। ଆସ ମୁଁ ଯାଉଛି। ମୋ ସାଙ୍ଗରେ ଆସ। ରାତିରେ ସ୍ତ୍ରୀ ଲୋକଟିଏ ଅସୁବିଧାରେ ପଡ଼ିଛି। ତାକୁ ସାହାଯ୍ୟ କରିବା କ'ଣ ଆମର ଧର୍ମ ନୁହଁ ?

ଭକ୍ତ-୩ ଯଦି ଡାହାଣୀ କି ଚିରୁଗୁଣୀ ହେଇଥିବ ?

ଭକ୍ତ-୬ ଆମ ପଛରେ ଜଟିଆ ବାବା ଅଛି। କିଏ ଆମର କ'ଣ କରିବ ?

ଭକ୍ତ-୨ ନିଜେ ତ ମରିବ। ଆମ ସମସ୍ତଙ୍କୁ ମରେଇବ।

ଭକ୍ତ-୬ କିଏ କାନ୍ଦୁଛ ? ଭଉଣୀ, ପାଖକୁ ଆସ। ଆମେ ନିଶ୍ଚୟ ସାହାଯ୍ୟ କରିବୁ।

(ଖୁବ୍ ଜୋର୍‌ରେ ଝଲକାଏ ପବନ ଆସିଛି। ସମସ୍ତେ ଥରି ଉଠିଛନ୍ତି।)

Digitized by PPRACHIN, SOA

ଭକ୍ତ-୪ ମୁଁ କହୁ ନ ଥିଲି ? ଯାଗାଟା ଭଲ ନୁହଁ ।

ଭକ୍ତ-୬ ଭଉଣୀ ଆସ । ଆମ ଉପରେ ଭରସା ରଖ । କଥା ଦଉଛୁ । ନିଶ୍ଚୟ ସାହାଯ୍ୟ କରିବୁ ।

(ଆଲୋକ ମଳିନ ହୋଇଛି । ନାରୀ କଣ୍ଠସ୍ୱର ମଞ୍ଚରେ ବିଚ୍ଛୁରି ଉଠିଛି)

ନାରୀ କଣ୍ଠସ୍ୱର : ମୁଁ ତମମାନଙ୍କ ପାଖରେ । ମତେ ଦେଖି ପାରୁନ ? ଦେଖିବାକୁ ଚେଷ୍ଟାକର ।

ଭକ୍ତ-୫ ମୁଁ କହୁ ନଥିଲି, ପାଖରେ ମଶାଣି । ଯାଗାଟା ମୋଟେ ଭଲ ନୁହେଁ ।

ଭକ୍ତ-୬ ଆସ ଭଉଣୀ । ତମେ ସାମନାକୁ ଆସ । ପାଖକୁ ଆସି ପୁଣି ଦୂରରେ କାହିଁକି ?

ନାରୀ କଣ୍ଠସ୍ୱର : ମୁଁ ତମମାନଙ୍କ ଭିତରେ । ମୁଁ କିଛି କ୍ଷତି କରିବିନି । ମତେ ଦେଖ । ହଁ...ହଁ...ଦେଖିବାକୁ ଚେଷ୍ଟାକର ।

(ମଳିନ ଆଲୋକ ଭିତରେ ଶୁଭ୍ର ବସନ ପିନ୍ଧିଥିବା ଜଣେ ମହିଳା ଆସିଛି । ମୁଣ୍ଡର କେଶଗୁଚ୍ଛ ମୁକୁଳା । ପଣତକାନି ମାଟିରେ ଘୁଷୁରୁଛି । ଦୁଃଖର ଛାପା ।)

ଭକ୍ତ-୬ କ'ଣ ହେଇଛି ତମର ? କାହିଁକି କାନ୍ଦୁଛ ?

ଅଳକା ଏଁ, କ'ଣ କହିଲ ? କାହିଁକି କାନ୍ଦୁଛି ? ତମେମାନେ ଜାଣିନା ? ନା' ଜାଣି, ସବୁ ଭୁଲି ଯାଇଛ ?

ଭକ୍ତ-୬ ତମ କଥାରୁ ଆମେ କିଛି ବୁଝିପାରୁନୁ ।

ଅଳକା ଜୀବିତ ଥିଲାବେଳେ ମତେ କେହି ବୁଝିପାରିଲ ନାହିଁ । ଆଉ ମଲାପରେ କେମିତି ବୁଝିବ ?

ଭକ୍ତ କ'ଣ ହେଇଛି ଖୋଲିକରି କୁହ । ଆମେ ସାହାଯ୍ୟ କରିବୁ ।

ଅଳକା ସାହାଯ୍ୟ କରିବ, ପୁଣି ତମେମାନେ ! ସେଦିନ କଣ୍ଠ ଫଟାଇ ଚିତ୍କାର କରିଥିଲି । କେହି ଜଣେ ବି ଆସିଲ ନାହିଁ । ଆଉ ମରିଗଲା ପରେ - ? ଧିକ୍ ତମମାନଙ୍କୁ ! ଧିକ୍ ତମର ମଣିଷ ଜନ୍ମକୁ ! ଜାଣ, ମୋର ଏ ଅବସ୍ଥା ପାଇଁ ଦାୟୀ କିଏ ?

ଭକ୍ତ-୬ କିଏ ?

ଅଳକା 'ତମେମାନେ' ।

ଭକ୍ତ-୧ 'ଆମେମାନେ ! କ'ଣ ତମେ କହୁଛ ?

ଅଳକା ହଁ,...ହଁ ତମେମାନେ ।

(ଭକ୍ତମାନଙ୍କ ଭିତରେ ଭୟର ଭାବ । ପରସ୍ପରର ମୁହଁକୁ ଚାହିଁଛନ୍ତି)

Digitized by PPRACHIN, SOA

ଭକ୍ତ-୬ କ'ଣ ଯେ ତମେ କହୁଛ ଭଉଣୀ, ଆମେ କିଛି ବୁଝିପାରୁନୁ। ତମେ କିଏ ? କାହିଁକି ଏମିତି ଅତୃପ୍ତ ଆତ୍ମାନେଇ ଘୂରିବୁଲୁଛ ? କ'ଣ ହେଇଛି ତମର ?

ଅଳକା ତମେମାନେ ଯଦି ସଚେତନ ହେଇଥାନ୍ତ, ଥରୁଟିଏ ମାତ୍ର ମୁହଁ ଖୋଲିଥାନ୍ତ, ମୋର ଏ ଅବସ୍ଥା ହୋଇନଥାନ୍ତା !

ଭକ୍ତ-୩ 'ମାନେ' ?

(ପାଟି ଆଁ କରି ଦେଖାଇଛି ଅଳକା। ସମସ୍ତେ ଚାହିଁଛନ୍ତି ପାଟି ଭିତରକୁ)

ଅଳକା ଦେଖିଲ ? ସେମାନେ ମୋର ଜିଭଟାକୁ କାଟିଦେଲେ। କ'ଣ ପାଇଁ ? କେବଳ ତମରିମାନଙ୍କ ଅପାରଗତା ପାଇଁ। ତମେମାନେ ଯଦି ମୁହଁ ଖୋଲିଥାନ୍ତ, ସେମାନେ ମୋ ପାଖ ମାଡ଼ିବାକୁ ସାହସ କରିନଥାନ୍ତେ !

(ଅଳକାର ଆକ୍ଷେପରେ ବିବ୍ରତ ହୋଇପଡ଼ିଛନ୍ତି ଭକ୍ତଗଣ। ମୁଖମଣ୍ଡଳରେ ପ୍ରଶ୍ନବାଚୀ)

ଭକ୍ତ-୨ କାହାକଥା କହୁଛ ?

ଭକ୍ତ-୩ କୋଉ କଥା ?

ଅଳକା କିଛି ମନେ ପଡୁନି ? ମନେ ପକାଅ। ହଁ...ମନେପକାଅ। ଅତୀତ କଥା...ସେହିକଥା...

(ଭକ୍ତଗଣ ମନେ ପକାଇବାକୁ ଚେଷ୍ଟା କରିଛନ୍ତି। ମାତ୍ର କିଛି ମନେପଡ଼ି ନାହିଁ। ସେମାନଂକ ଚାହାଣୀରେ ବ୍ୟାକୁଳତାର ଆହ୍ବାନ)

ସମସ୍ତେ କିଛି ମନେ ପଡୁନି।

ଅଳକା ମୁଁ ଜାଣେ।...ମୁଁ ଜାଣେ ତମରିମାନଂକ ପାଇଁ ମୋର ଆଜି ଏପରି ଅବସ୍ଥା। ମନେପକାଅ ସେହି ମହାଭାରତ କଥା। ଦ୍ରୌପଦୀ ବସ୍ତ୍ରହରଣ କଥା। ସମସ୍ତଙ୍କ ଆଖି ସାମନାରେ ଗୋଟାଏ ଅସହାୟ ନାରୀର ଇଜ୍ଜତକୁ କେମିତି ନିଲାମ୍ କରାଯାଇଥିଲା। କେହି ଜଣେ ବି ପ୍ରତିରୋଧ କରିନଥିଲେ। ବିଚ୍‌ବଜାର ଉପରେ ଗୋଟାଏ ଅସହାୟା ନାରୀକୁ ସେମାନେ....

(କଣ୍ଠସ୍ୱର କ୍ରମେ କରୁଣ ହୋଇଯାଇଛି। ଧୀରେ ଧୀରେ ନାରୀ ମୂର୍ତ୍ତିଟି ଅପସରି ଯିବାକୁ ଆରମ୍ଭ କରିଛି। କରୁଣ ରାଗିଣୀ ତେଜି ଉଠି ପୁଣି ମିଳେଇ ଯାଇଛି)

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

ସ୍ଥାନ - ପ୍ରେକ୍ଷାଳୟ

ସମୟ - ରାତି

ଚରିତ୍ର - ଅନାମ, ମହୀପାଳ, ବାଇଦ୍ଵଙ୍କ, ଅଭିଜିତ

(ସହରର କୌଣସି ଏକ ପ୍ରେକ୍ଷାଳୟ। ପ୍ରେକ୍ଷାଳୟରେ ଜନପୂର ଦର୍ଶକ ଉପଭୋଗ କରୁଥିଲେ ଏକ ଶିଶୁର ନୃତ୍ୟ। ଏଇ ଶିଶୁଟି ହେଉଛି ଅନାମ। ନୃତ୍ୟ ଶେଷରେ କରତାଳିରେ ଫାଟି ପଡ଼ିଛି ପ୍ରେକ୍ଷାଗୃହ। ମଞ୍ଚ ଉପରକୁ ଆସିଛନ୍ତି ଆୟୋଜକ)

ଆୟୋଜକ — ସୁଧୀ ଦର୍ଶକବୃନ୍ଦ! ଆମ ସଂସ୍କୃତି ପରିଷଦର ଆନୁକୂଲ୍ୟରେ ଅନୁଷ୍ଠିତ ଏହି ନୃତ୍ୟ ଉତ୍ସବକୁ ଆପଣମାନେ ଶୃଙ୍ଖଳିତ ଭାବେ ଉପଭୋଗ କରିଥିବାରୁ ମୁଁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି। ସୁଧୀଜନ! ଯେଉଁ ଶିଶୁ କଳାକାରର ନୃତ୍ୟ ଦେଖି ଆପଣମାନେ ଆଜି ଏମିତି ପ୍ରଶଂସାମୁଖର ହୋଇ ଉଠିଛନ୍ତି, ସେହି ଶିଶୁ ଦ୍ୱାରା ପରିବେଷିତ ଆଉ ଏକ ଭିନ୍ନ ସ୍ୱାଦର ନୃତ୍ୟ ଦେଖିବାକୁ ପାଇବେ ଆଗାମୀ ଜାନୁୟାରୀ ଛବିଶି ତାରିଖ ସଂଧ୍ୟାରେ ଠିକ୍ ଏଇଠି....ଏଇ ସମୟରେ....

(ଆୟୋଜକ ନିଜର ଘୋଷଣା ସାରି ଭିତରକୁ ଚାଲି ଯାଉଛନ୍ତି। ଶିଶୁଟି ଦର୍ଶକମାନଙ୍କୁ ନମସ୍କାର କରୁଥିବା ସମୟରେ ଦର୍ଶକ ଗ୍ୟାଲେରୀ ଭିତରୁ ମଞ୍ଚ ଉପରକୁ ଆସିଛନ୍ତି ଦେଶର ନେତା ମହୀପାଳ। ବେଶଭୂଷାରେ ଆଭିଜାତ୍ୟର ଅହଂକାର)

ମହୀପାଳ — ହାଲୋ, ଲିଟିଲ ମାଷ୍ଟର। ତମ ନାଚ ପାଇଁ ବହୁତ ବହୁତ ଧନ୍ୟବାଦ। ସତରେ ଦେଶ ଆଜି ଏହିଭଳି କଳାକାର ଚାହୁଁଛି।

(ମହୀପାଳ ଶିଶୁଟି ସହିତ କରମର୍ଦ୍ଦନ ପାଇଁ ହାତ ବଢ଼ାଉଛନ୍ତି। ଶିଶୁଟି ହାତ ଯୋଡ଼ି ନମସ୍କାର କରିଛି। ବାଧ ହୋଇ ନେତା ପ୍ରତି ନମସ୍କାର ଜଣାଉଛନ୍ତି।)

Digitized by PPRACHIN, SOA

ମହାପାତ୍ର ସୁଧୀବୃନ୍ଦ, ମୁଁ ଆପଣଙ୍କ ସାମ୍ନାକୁ ଆଜି ଏ ଦେଶର ନେତା ହିସାବରେ ଆସିନି। ଆସିଛି ଜଣେ କଳାର ପୂଜାରୀ ଭାବରେ। ସତ କହିବାକୁ ଗଲେ, ଏଇ ବାଳକର ନୃତ୍ୟ ମୋ ହୃଦୟକୁ ଗଭୀର ଭାବେ ସ୍ପର୍ଶ କରିଛି। ଆପଣମାନେ କହନ୍ତୁ, କେମିତି ମୁଁ ସ୍ଥିର ହୋଇ ବସିପାରିଥାନ୍ତି!

(ଶିଶୁଟି ପାଖକୁ ଆସିଛନ୍ତି ମହାପାତ୍ର)

କୁହ ବାଳକ, ତମେ କ'ଣ ଚାହଁ? ମୁଁ ତମକୁ କି ପ୍ରକାର ସାହାଯ୍ୟ କରିପାରିବି? କୁହ। ଲଜ୍ଜା କରିବାର କିଛି ନାହିଁ। ମୁଁ ତମର ସେବକ...। ଏ ଦେଶର ନେତା...ଶାସକ। ମୋ ନିକଟରେ ଲଜ୍ଜା କ'ଣ?

(ଶିଶୁଟି ଇଙ୍ଗିତରେ କହିଛି, ତାର କିଛି ଦରକାର ନାହିଁ)

ମହାପାତ୍ର କୁହ, ବାଳକ। ମୁଁ ତମକୁ କି ପ୍ରକାର ସାହାଯ୍ୟ କରିପାରିବି? ତମର ନୃତ୍ୟ ମୋତେ ବିଭୋର କରିଛି। କହ। ସଂକୋଚ କରନି।

(ଅପ୍ରସ୍ତୁତ ହୋଇ ପଡ଼ିଛି ଶିଶୁଟି। କ'ଣ କରିବ କିଛି ଚେଷ୍ଟା କରି ପାରିନି)

ମହାପାତ୍ର ତମକୁ କିଛି ଦେଇ କରି ନ ଗଲେ, କଳା ଜଗତ ପ୍ରତି ଅପମାନ ହେବ। ଆରେ ମୁଁ ତ ଏ ଯାଏ ତମ ନାଁ ପଚାରିବାକୁ ଭୁଲି ଯାଇଛି। ତମ ନାଁ କ'ଣ ବାଳକ?

(ଶିଶୁଟି ଛଟପଟ ହୋଇଛି। ଯିବାକୁ ଚାହିଁ ମଧ୍ୟ ଯାଇପାରୁନି। ବାଧ୍ୟ ହୋଇ ଉତ୍ତର ଦେବାକୁ ଚେଷ୍ଟା କରିଛି)

ଅନାମ *(ଠାରରେ କହିଛି ଯେ ତାର ନାଁ ନାହିଁ)*

(ବିସ୍ମିତ ହୋଇଛନ୍ତି ମହାପାତ୍ର। ସୁନ୍ଦର ଶିଶୁଟି କଥା କହି ପାରୁ ନଥିବାରୁ ଦୁଃଖ କରିଛନ୍ତି ସେ।)

ମହାପାତ୍ର ତମର ନାଁ ନାହିଁ? ନା...ତ...' କେବେ ହୋଇପାରେନା। ଏ ସୃଷ୍ଟିରେ ଏଡ଼େ ସୁନ୍ଦର କଳାକାରର ପୁଣି ନାଁ ନାହିଁ। ତମର ନିହାତି ଗୋଟାଏ ନାଁ ଦରକାର। କ'ଣଟା ନାଁ ଦେଲେ ଚଳିବ...କ'ଣଟା..

(ମହାପାତ୍ର ନାମଦେବା ପାଇଁ ଚିନ୍ତା କରୁଥିବା ବେଳେ ତା'ପାଇଁ ବ୍ୟସ୍ତ ନ ହେବା ପାଇଁ ବୁଝାଇଛି ଅନାମ)

Digitized by PPRACHIN, SOA

ମହୀପାଳ	ମୁଁ ତମକୁ ନାଁ ଦେବି। ହଁ...ହଁ...ଆଜିଠାରୁ ତମ ନାଁ ହେଲା 'ଅନାମ'।
	(ତାଳି ମାରି ମନେ ମନେ ଖୁସି ହୋଇଛି ମୂକ ଶିଶୁଟି। ମୁଖ ମଣ୍ଡଳରେ ଦୀପ୍ତି)
ମହୀପାଳ	ତମେ 'ଅନାମ'। ତମେ ଅଣାକାର। ନିତ୍ୟ ସନାତନ। ତମେ ନିରାକାର। ସର୍ବବ୍ୟାପୀ। ଏ ସୃଷ୍ଟିର ଆଦ୍ୟ ଓଁକାର।
	(ଶିଶୁଟି କିଛି ବୁଝି ନ ପାରି ଚାହିଁଛି)
ମହୀପାଳ	ବ୍ୟସ୍ତ ହୁଅନି ବାଳକ। ତମେ ମତେ ମୋ ଅଫିସ୍‌ରେ ଭେଟିବ। ଆମ ସରକାର ତମ ପାଇଁ ନିଶ୍ଚୟ କିଛି ବନ୍ଦୋବସ୍ତ କରିବ।
	(ଦର୍ଶକ ଗ୍ୟାଲେରୀ ଭିତରୁ ଆସିଛନ୍ତି ଆଉ ଜଣେ ଖଦାଧାରୀ ନେତା, ବାଇମନ)
ବାଇମନ	ହଇହୋ ମହୀପାଳ, କାହିଁକି ମିଛଟାରେ ପିଲାଟାକୁ ଭଣ୍ଡଉଛ?
ମହୀପାଳ	ମାନେ?
ବାଇମନ	ମାନେଟା କ'ଣ ତମେ ଜାଣିନା, ମୁଁ ଆହୁରି ବୁଝେଇବି! ଆଜିଯାଏ ତମେ ଯାହା ପାଇଁ ଯାହା କହିଛ, କ'ଣଟେ କରିଛ କହିଲ? କେତେ ଜଣ ତମ ଦ୍ୱାରା ଉପକୃତ ହୋଇଛନ୍ତି? ହେଲେ ଓଭର ବ୍ରିଜ ମୁଁ କରିଛି। ଇସ୍ପାତ କାରଖାନା ମୁଁ ବସେଇଛି। ବନ୍ଦର ମୁଁ କରେଇଛି। ଗୋଳାବାରୁଦ ଘାଟି ମୁଁ ବସେଇଛି।
ମହୀପାଳ	ମୁଁ ନ ଚାହିଁଥିଲେ ଗୋଳାବାରୁଦ ଘାଟୀ ନା' କଚୁଡ଼ିଟା କରିଥାତ! ରାଜ୍ୟ ରାଜଧାନୀର ଚାରିଥାକିଆ ସଡ଼କ ମୁଁ କରେଇଛି।
ବାଇମନ	ବିଶ୍ୱବ୍ୟାଙ୍କକୁ ପ୍ରପୋଜାଲ କିଏ ଦେଇଥିଲା? ସେ ତାକତ୍ ଅଛି ତମର?
ମହୀପାଳ	ବାଇମନ ବାବୁ, ଆଚ୍ଛା ତମର କ'ଣ ଏତିକି ବେଳେ ଆସିବାର ଥିଲା? କିଛି କାମ ନାହିଁ ବୋଧେ! ହଉ କହିଲ, କ'ଣ ଦରକାର?
ବାଇମନ	ହଇହୋ ଦରକାରଟା ତମ ପାଖରେ ନୁହେଁ। ବିନା କାମରେ ମୁଁ କୋଉ ଯାଗାକୁ ଯାଏ! ଭଲ ଫୁଲଟି ଦେଖିଲେ, କାହାର ଇଚ୍ଛା ନ ହେବ ଧରିବାକୁ!
ମହୀପାଳ	କଥାଟା ବୁଝୁନା କାହିଁକି? ଏଇଟା ପୁଅ ପିଲା। ମେଲ୍ ଚାଇଲ୍ଡ୍।
ବାଇମନ	ମୁଁ କ'ଣ ସେକଥା ଜାଣିନି।
ମହୀପାଳ	ଆଉ ତାହେଲେ?

Digitized by PPRACHIN, SOA

ବାଇମନ	ପିଲାଟାର ନାଚ ଦେଖି ଆଉ ସମ୍ଭାଳି ହେଲାନି। ଭଲ ପିଲାଟା। ନିଜ ଗୋଡ଼ରେ ଏତେ ବାଟ ଉଠିଲାଣି। ଆଉ ଟିକିଏ ଟେକିଦେଲେ ପୁରା ଉପରକୁ ଉଠିଯିବ। ବାପା, ଅନାମ କହିଲୁ। ଏ ବାଇମନ ତୋ ପାଇଁ କ'ଣ କରିପାରିବ ?
ଅନାମ	*(ଇଙ୍ଗିତରେ କହିଛି, କିଛି ଦରକାର ନାହିଁ)*
ମହୀପାଳ	ତମେ ତ ବିରୋଧୀଦଳ ନେତା, କ'ଣଟେଶ ତାକୁ ସାହାଯ୍ୟ କରିପାରିବ ?
ବାଇମନ	ଯେ ମହୀପାଳ, ସେମିତି କହିବୁନି। ଏ ବାଇମନର ଉଭା ଯେତିକି, ପୋତା 'ସେତିକି। ଯାହା ଚାହିଁବ, କରି ଦେଖେଇଦବ।
ମହୀପାଳ	ଏଇଟା ବିଧାନସଭା ନୁହଁ। ପ୍ରତିଶ୍ରୁତି ଦେଇ ବାହାରକୁ ଆସିଲା ବେଳକୁ ପୁରାପୁରି ଭୁଲି ଯାଇଥିବ। କ'ଣ ଦରକାର କହୁନ।
ବାଇମନ	ଏ ମହୀପାଳ, ତୁ ଶାସକ ଦଳ ନେତା ହେଲେ ବି ମୁଁ ବିରୋଧୀ ଦଳ ନେତା। ଆଖି ମାରିଲେ ତୋ ସରକାର ଭାଂଗିଯିବ।
ମହୀପାଳ	ତୁ ଯାହା ତାଡ଼ିବୁ, ଜଣାଅଛି। ଯା...ଯା...
ବାଇମନ	ମହୀପାଳ, ସାପ ଲାଂଜରେ ହାତ ମାରନି।
ମହୀପାଳ	ବାଇମନ, ନିଆଁ ସାଙ୍ଗରେ ଖେଳନି।
ବାଇମନ	ଅନାମର ଭବିଷ୍ୟତ ମୁଁ ଗଢ଼ିବି। ଆଜିଠାରୁ ତା' ଦାୟିତ୍ୱ ପୁରାପୁରି ମୋର।
ମହୀପାଳ	'ନା'! ଆଜିଠାରୁ ଅନାମର ସବୁ ଖର୍ଚ୍ଚ ଆମ ସରକାର ବହନ କରିବ। ମୁଁ ତାକୁ ମଣିଷ କରି ଗଢ଼ି ତୋଳିବି।
ବାଇମନ	ତୁ ତ ମାଇଚିଆଟେ। ନିଜେ ତ ଏଯାଏ ପୁରାପୁରି ପୁରୁଷ ହୋଇପାରିଲୁନି। ଆଉ ତୁ କି ମଣିଷ କରିବୁ, ତାକୁ ?
ମହୀପାଳ	ତୁ କୋଉ ଭଲ ଲୋକଟା। ସମସ୍ତେ ଜାଣନ୍ତି ତୁ ତ ବାଇଆଟା। ତୋ ପାଖେ ପିଲାଟା ରହିଲେ ସେ ପାଗଳା ହେଇଯିବ।
ବାଇମନ	ଅନାମ ମୋ ପାଖରେ ରହିବ।
ମହୀପାଳ	ନା' ସେ ମୋ ପାଖରେ ରହିବ। *(ଅନାମ କିଛି ବୁଝି ନପାରି କେବଳ ଚଲବଲ କରି ଉଭୟଙ୍କୁ ଚାହିଁଛି)*
ବାଇମନ	ମୋ ପାଖରେ।

Digitized by PPRACHIN, SOA

ମହୀପାଳ — ମୋ ପାଖରେ ।

(ଅନାମର ଦୁଇହାତକୁ ଦୁଇଜଣ ଦୁଇ ଦିଗରୁ ଧରି ଟାଣିଛନ୍ତି । ଚିତ୍କାର କରିଛି ଅନାମ)

(ଦର୍ଶକ ଗ୍ୟାଲେରୀ ଭିତରୁ ଚିତ୍କାର କରି କରି ଆସିଛେ ଅଭିଜିତ୍ ମଞ୍ଚକୁ)

ଅଭିଜିତ୍ — ବନ୍ଦକର ଏ ପାଲା ।

(ମହୀପାଳ ବାଇମନ ହାତ ଛାଡ଼ି ଦେଇଛନ୍ତି)

ଅଭିଜିତ୍ — ଏ ଦେଶର ଜନତା ତମ ଦିହିଙ୍କର ମାଙ୍କଡ଼ ନାଚ ବହୁ ଥର ଦେଖି ସାରିଲେଣି । ଆଉ କାହିଁକି ସେ ପୁରୁଣା ଢୋଲ ପିଟୁଛ ?

(ଅନାମ ଚାଲି ଆସିଛି ଅଭିଜିତ୍ ପାଖକୁ)

ବାଇମନ — 'ଅଭିଜିତ୍'

ଅଭିଜିତ୍ — ପାଟି ବନ୍ଦକର ।

ମହୀପାଳ — 'ଅଭିଜିତ୍', ତମେ କାହା ସାମ୍ନାରେ କଥାବାର୍ତ୍ତା କରୁଛ, ଜାଣିଛ ତ ?

ଅଭିଜିତ୍ — ଗୋଟାଏ 'ଚୁଚୁନ୍ଦ୍ରା' ଆଉ ଗୋଟାଏ 'ମୂଷା' । ଜଣକ ସାଥିରେ ଲାଗିଲେ ହାତ ଗନ୍ଧାଏ । ଆଉ ଗୋଟାଏ ମଣିଷ ଦେଖିଲେ ଲୁଚେ ।

ବାଇମନ — ଅଭିଜିତ୍ *(ରାଗିକରି)*

ଅଭିଜିତ୍ — ସେ ନାଲି ଆଖିଟା ଆଉ କାହାକୁ ଦେଖେଇଲେ ଚଳିବ । ହେଲେ ଅଭିଜିତ୍‌କୁ ନୁହେଁ ।

ମହୀପାଳ — ଅଭିଜିତ୍, ଏତେ ଘଟଣା ପରେ ବି ତମର ଚୈତନ୍ୟ ଉଦୟ ହେଲାନି ? ବିପ୍ଳବ କରୁଛ, କର । ଦେଖିବା ।

ଅଭିଜିତ୍ — ଗୋଟାଏ ସ୍ୱର ଲିଭିଗଲେ ବିପ୍ଳବ ଦବିଯାଏନି, ଗୋଟାଏ ହାତ କଟିଗଲେ ମଣିଷ ମରିଯାଏନି । ଗୋଟାଏ ଜୀବନ ଚାଲିଗଲେ ବିଦ୍ରୋହ ଶେଷ ହୋଇଯାଏନି । ବିପ୍ଳବ ଏମିତି ଏକ ଆହ୍ୱାନ, ଯାହାର ଆରମ୍ଭ ଅଛି ସତ, ହେଲେ ଶେଷ ନାହିଁ । ଶେଷ ନାହିଁ ।

ବାଇମନ — ମହୀପାଳ, ବୁଝା...ବୁଝା...ତାକୁ । ଆମ ସାଥିରେ ଲାଗି ସିଏ କ'ଣଟା ପାଉଛି ।

ମହୀପାଳ — ଦେଖ ଅଭିଜିତ୍, ତମର ଭବିଷ୍ୟତ ଅଛି । ହେଲେ ତମେ ଯେଉଁ ରାସ୍ତା ଧରିଛ—

Digitized by PPRACHIN, SOA

ଅଭିଜିତ : କ'ଣଟା କରିବ ? ମାରି ପକେଇବ ? ଆରେ ଗୋଟାଏ ଅଭିଜିତ ଟଳି ପଡ଼ିଲେ ହଜାର ହଜାର ଅଭିଜିତ୍ ଜନ୍ମନେବେ। ହେଲେ ତମେ ଦି'ଟା ସମାଜ ପାଇଁ ଅଭିଶାପ।କଳଙ୍କ।

ବାଇମନ କ'ଣଟା ଚାହୁଁଛ, କୁହ ? କାହିଁକି ସଦାବେଳେ ଆମ ପଛରେ ପଡ଼ିଛ ?

ଅଭିଜିତ ଅନେକ ପୁରୁଣା ହିସାବ ବାକି ଅଛି। ମହାଭାରତ ଯୁଦ୍ଧଟା ଆରମ୍ଭ ଯେତେବେଳେ ହେଇଛି, ନିଶ୍ଚୟ ସରିବ। ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବନି ? ଯେଉଁ ଆଖି କୃଷ୍ଣାର ବସ୍ତ୍ରହରଣ ଦେଖିଛି, ସେହି ଆଖି ଦେଖିବ କୁରୁବଂଶର ଅପଚୟ...ଦୁର୍ଯ୍ୟୋଧନର ଜାନୁଭଙ୍ଗ...ଆଉ ଦୁଃଶାସନର ହୃଦୟ ବିଦାରଣ।

ମହୀପାଳ 'ଅଭିଜିତ'

ଅଭିଜିତ ଆଃ...ଚିଲ୍ଲାନି। ଯେଉଁ ପିଲାଟି ପାଇଁ ତମ ଦି'ଟାଙ୍କର ଦରଦ ଉଛୁଳି ପଡୁଛି, ଜାଣିଛ ସେ କିଏ ? ନିଜକୁ ଥରେ ପଚାର। କାହା ପାଇଁ ସେ ଆଜି ମୂକ ? କାହା ପାଇଁ ତାର ଏ ଦୁରବସ୍ଥା ? କାହା ପାଇଁ ? କାହାପାଇଁ ?....

(ମଞ୍ଚ ଅନ୍ଧକାର)

Digitized by PPRACHIN, SOA

ତୃତୀୟ ଦୃଶ୍ୟ

ସ୍ଥାନ - ଥାନା
ସମୟ - ଦିବସ
ଚରିତ୍ର - ବାଇଡ଼ଙ୍କ, ଅଳକା, ଇନ୍‌ସପେକ୍ଟର

(ସହର ତଳି ଅଞ୍ଚଳର କୌଣସି ଏକ ଥାନା। ଟେବୁଲ ଉପରେ ଫାଇଲ, ଫୋନ୍ ଏବଂ ଅନ୍ୟାନ୍ୟ ଜିନିଷ। ପାଖରେ ଦୁଇ ତିନୋଟି ଚେୟାର। ସାମାନ୍ୟ ଦୂରରେ ଟୁଲ୍‌ଟି ପଡ଼ିଛି। ବସିଛି କନେଷ୍ଟବଳ ବାଇଡ଼ଙ୍କ। ମନକୁମନ ହିନ୍ଦୀ ଫିଲ୍ମର ସୁର ଧରି ଗୁଣୁଗୁଣୁ ହେଇ ଗୀତ ଗାଉଛି। ଟେଲିଫୋନ ରିଙ୍ଗ ହେଉଛି)

ବାଇଡ଼ଙ୍କ — 'ହାଲୁ'...'ହାଲୁ'...। ୟେସ୍, ଥାନାବାବୁ ସ୍ପିକିଙ୍ଗ୍। ..କ'ଣ କହିଲେ, ପାଇଖାନା? ନା' ଆଜ୍ଞା, ଏଇଟା ପାଇଖାନା ନୁହେଁ, ଥାନା। କ'ଣ କହିଲେ, 'ନନ୍‌ସେନ୍‌ସ'। ହଁ, ଆଜ୍ଞା!..ନାଇଁ ନାଇଁ ମୁଁ ନନ୍‌ସେନ୍‌ସ ନୁହଁ, ବାଇଡ଼ଙ୍କ। ରଖି ଦେଲା।

(ରିସିଭର ରଖୁଛି ବାଇଡ଼ଙ୍କ। ଜଣେ ସ୍ତ୍ରୀ ଲୋକକୁ ଆସୁଥିବାର ଦେଖି ଗୀତ ବୋଲିଛି)

ବାଇଡ଼ଙ୍କ — ''ମେରା ଅଙ୍ଗନ ମେଁ ତୁମାରା କ୍ୟା କାମ୍ ହେ''...

(ଥାନା ଦରଜା ପାଖେ ଠିଆ ହେଉଛି ଅଳକା)

ବାଇଡ଼ଙ୍କ — ଏତେ ବାଟ ଯେତେବେଳେ ଆସିଗଲଣି, ଆଉ କପଟ କ'ଣ ପାଇଁ? କି ଯୁଗ ହେଲା କେଜାଣି, ଦିନ ଦି ପହରେ ଖାଲି ରେପ୍ ଆଣ୍ଡ ମଡ଼ର। ଆସିବା ହୁଅନ୍ତୁ।

ଅଳକା — 'ଆଜ୍ଞା' -

ବାଇଡ଼ଙ୍କ — ଏ ବାଇଡ଼ଙ୍କ ମଣିଷ ଚିହ୍ନିବାରେ ହେଲା କେବେ କଉଣି। କ'ଣ ମିଛ କହିଲି?

ଅଳକା — କଥା କ'ଣ କି -

Digitized by PPRACHIN, SOA

ବାଇଡ଼ଙ୍କ — କହିବା ଦରକାର ନାହିଁ। ମୁଁ ସବୁ ଜାଣିଛି। ଏ ଥାନାରେ ମୋର କୋଡ଼ିଏ ବର୍ଷ ବିତିଗଲାଣି।

ଅଳକା — ମୋ କଥା ଟିକିଏ–

ବାଇଡ଼ଙ୍କ — କ'ଣ ଆଉ ଶୁଣେଇବ ? ସେ ଗୁଡ଼ାକ ଶୁଣିଶୁଣି କାନ ଦଦରା ହେଇଗଲାଣି। ହଉ, ଚାହୁଁଛ ଯଦି କୁହ। ଖୁବ୍ ସଂକ୍ଷେପରେ। ମାନେ 'ଟୁ ଦି ପଏଣ୍ଟ'। ତାପରେ ବେଶି କଥା ଶୁଣିବାକୁ କାହାର ବେଳ ଅଛି ଯେ...

ଅଳକା — ମତେ କହିବାକୁ ଦେବେ ନା' ଆପଣ କହି ଚାଲିଥିବେ ?

ବାଇଡ଼ଙ୍କ — ସେ ଭୁଲ୍ ପୁଲିସ୍ କ୍ଷମା କରିବନି। ଜନତାର ସେବକ। ଆଇନର ରକ୍ଷକ। ହଉ କୁହ। କିଏ ରେପ୍ କରିଛି ? କେତେ ଜଣ ରେପ୍ କରିଛନ୍ତି ? କେଉଁଦିନ ? ଏବଂ କେତେବେଳେ ? ଆଉ କିଏ କିଏ ସାକ୍ଷୀ ଅଛନ୍ତି ?

ଅଳକା — ଆଜ୍ଞା ମୁଁ ଆସିଛି–

(ଅଳକା ବ୍ୟସ୍ତ ହୋଇ ପଡ଼ିଛି)

ବାଇଡ଼ଙ୍କ — ଏତିକି, ନା' ଆଉ କିଛି ? ମାନେ ଇଏ ଥାନାକୁ ଯେତେ ଲୋକ ଆସିଛନ୍ତି, ସମସ୍ତଙ୍କ ନାଡ଼ି ନକ୍ଷତ୍ର ମୁଁ ଚିହ୍ନିଛି।

ଅଳକା — ମୋ କଥା ଶୁଣିବେ, ନା' ନାହିଁ ?

ବାଇଡ଼ଙ୍କ — ମୁଁ କାଲ ନୁହଁ। ଆଉ କାଲ ହେଲେ ଏ ପୁଲିସ୍ ଚାକିରି କରିପାରିବନି। କାହିଁକି ଜାଣିଛ ? ସଦାବେଳେ, ମାନେ ଚବିଶି ଘଣ୍ଟା ଆଖିକାନ ତୟାର୍ ରଖିବାକୁ ପଡ଼ିବ।

ଅଳକା — 'ଆଜ୍ଞା'

ବାଇଡ଼ଙ୍କ — ରେପ୍ କେଶ୍ ନ ହେଲା ନାହିଁ। ପିଟାପିଟି, ମାନେ ଫୌଜଦାରୀ କେଶ୍ ହେଇଥିବ ! ହାଜତରେ ପୂରେଇ ଏମିତି ଖୋଦ୍ଦିବି, ପୁଅ ବୋପାକୁ ମଉସା ଡାକୁଥିବ।

ଅଳକା — ମୁଁ ତାହେଲେ– ?

ବାଇଡ଼ଙ୍କ — ଥାନା, ପାଇଖାନା, ଡାକ୍ତରଖାନା —ଏସବୁ ଜାଗାରେ ଏମିତି ତରତର ହେଲେ ଚଳିବ ? ସମସ୍ତଙ୍କ ସେବା କରିବା ପାଇଁ ଆମେ ତ ବସିଛୁ। ଆପଣଙ୍କର ତାହେଲେ ଯୌତୁକ କେଶ୍। ସ୍ୱାମୀ, ଶାଶୂ ଶଶୁର, ଦିଅର, ନଣନ୍ଦ – ଯିଏ ହଉ, କାହାରିକି ଛାଡ଼ିବିନି। ୪୯୮ 'କ'ଧାରାରେ ଚାଲାଣ କରିଦେବି।

Digitized by PPRACHIN, SOA

ଅଳକା — ମୁଁ ସେଭଳି କୌଣସି କେଶ୍ ନେଇ ଆସିନି।

(ବିରକ୍ତ ହୋଇ ଏକା ସାଙ୍ଗରେ କହିଛି ଅଳକା)

ବାଇଡ଼ଙ୍କ — କ'ଣ କରିବି, ଅଭ୍ୟାସଟା ତ ବଦଳୁନି। ହଉ ଏଥର କୁହନ୍ତୁତ। ନାଁ ଟା ?

ଅଳକା — 'ଅଳକା'

ବାଇଡ଼ଙ୍କ — କ'ଣ କହିଲେ ?

ଅଳକା — 'ଅଳକା' (ବଡ଼ ପାଟିକରି)। ତାକ ନାମ ହଉଛି 'ଗଙ୍ଗା'। ଶୁଭିଲା ନା' ନାହିଁ ?

('ଗଙ୍ଗା' ନାଁ ଶୁଣି ଭାବନାରେ ବୁଡ଼ିଗଲା ବାଇଡ଼ଙ୍କ। ମନେ ପଡ଼ିଛି - ''ରାମ ତେରୀ ଗଙ୍ଗା ମୈଲୀ ହୋ ଗଇ ପାପୀଓଁ କୀ ପାପ୍ ଧୋତେ ଧୋତେ' ପଦଟି। ଅନ୍ତରାଳରୁ ଗୀତର ପଦଟି ଭାସିଆସିବ)

ଅଳକା — କ'ଣ ମୋ କଥା ଶୁଭୁଛି, ନା' ନାହିଁ ?

(ଏଥର ଭାବ ରାଜ୍ୟରୁ ଫେରି ଆସିଛି ବାଇଡ଼ଙ୍କ)

ବାଇଡ଼ଙ୍କ — ଏଁ, କ'ଣ କହିଲେ ? ମୁଁ କିଛି କହୁଥିଲି ?

ଅଳକା — ନା' ଆପଣ ଚୁପ୍‌ଚାପ୍ ବସିଥିଲେ। ଯାହା କହିବା କଥା, ମୁଁ କହୁଥିଲି।

ବାଇଡ଼ଙ୍କ — କ'ଣ କହୁଥିଲେ ?

ଅଳକା — ମୁଁ ଅଳକା। ଅଳକା ଦାସ। ପେଷା ହେଲା ସାମ୍ବାଦିକତା।

ବାଇଡ଼ଙ୍କ — ବସ୍ତୁ ନାହାତି। ସେତେବେଳୁ ଠିଆଟା ହେଇଛନ୍ତି !

ଅଳକା — ସାମ୍ବାଦିକ ଅଭିଜିତ୍ ଦାସଙ୍କୁ ଜାଣିଥିବେ ?

ବାଇଡ଼ଙ୍କ — ସାମ୍ବାଦିକମାନଙ୍କୁ କିଏ ନ ଚିହ୍ନେ।

ଅଳକା — ମୁଁ ହେଉଛି ତାଂକ ପତ୍ନୀ।

ବାଇଡ଼ଙ୍କ — ସେ କଥା କହୁନାହାନ୍ତି। ଏ ରାଇଜଟା ତ ହଉଛି ଦାସେଙ୍କର। ଦେଖୁନାହାନ୍ତି ଶାସକ ଦଳ ନେତା ମହୀପାଳ ଦାସେ, ଆଉ ବିରୋଧୀ ଦଳ ନେତା ବାଇମନ ଦାସେ। ଗୋଟାଏ ମାଇଚିଆ ଆଉ ଗୋଟାଏ ବାଇଆ। ତଥାପି ଶାସନ ଚାଲିଛି। ଦାସେଙ୍କ ରାଇଜ ତ !

ଅଳକା — ଇନ୍‌ସପେକ୍ଟର ବାବୁ କାହାନ୍ତି ?

Digitized by PPRACHIN, SOA

ବାଇଡ଼ଙ୍କ — ସିଏ ତ ଭାରି ବିଜି ଲୋକ। ତାଂକ ଦେଖା କ'ଣ ସହଜରେ ମିଳିବ! କ'ଣ କିଛି କାମ ଥିଲା? ମତେ କହୁନାହାନ୍ତି। ମୋ ଠୁଁ କ'ଣ ବଳେଇଯିବ? ଚାକିରିଟା ସିନା କନେଷ୍ଟବଲ, ହେଲେ ବଡ଼ ବଡ଼ ଜମଣା ପିଟିଛି।

ଅଳକା — ଆପଣ ବହୁତ ବକୁଛନ୍ତି। ଆଜେ ବାଜେ କଥା।

ବାଇଡ଼ଙ୍କ — ମୋ ସ୍ତ୍ରୀ ବି ସେଇଆ କହୁଛି। ଆମ ସାହି ଲୋକ ସେମାନଙ୍କ କଥା ଛାଡ଼। ଆପଣ କହୁନାହାନ୍ତି, ବକିବାଟା କ'ଣ ଖରାପ? ମାନେ ମୁଁ କ'ଣ କହୁଥିଲି କି ଏକଦମ୍ ଖରାପ୍?

ଅଳକା — ଓଃ...! ଏଠି ଆଉ କିଛି ସମୟ ରହିଲେ ମଣିଷ ମୁଣ୍ଡ ଖରାପ ହେଇଯିବ।

ବାଇଡ଼ଙ୍କ — ମାଡ଼ାମ୍, ଆପଣ ବୋଧେ ମୋ ଉପରେ ବିରକ୍ତ ହେଉଛନ୍ତି! ହେଲେ ମୁଁ କ'ଣ କରିବି ଯେ। ସେଇଟା ତ ମୋ ନେଚର୍...। ହଉ, କୁହନ୍ତୁ। କାହିଁକି ଆସିଛନ୍ତି?

ଅଳକା — ମୁଁ ଆସିଛି ଷ୍ଟେଟମେଣ୍ଟ ଦବାକୁ।

ବାଇଡ଼ଙ୍କ — ଦଉନାହାନ୍ତି। କିଏ ମନା କରୁଛି ଯେ! ଗଣତନ୍ତ୍ର ଶାସନ। ସମସ୍ତଙ୍କର ତ ଅଧିକାର ଅଛି।

ଅଳକା — କାଲି ଦିନ ଦଶଟା ବେଳେ ଆସେମ୍ବ୍ଲି ଛକରେ ଯେଉଁ ହତ୍ୟାକାଣ୍ଡଟା ଘଟିଗଲା -

ବାଇଡ଼ଙ୍କ — କି ଜଘନ୍ୟ ହତ୍ୟାକାଣ୍ଡ! ଛେଳି କାଟିଲା ଭଳି ମଣିଷଟାକୁ ସୋରା ସୋରା କରି କାଟି ପକେଇଲେ।

ଅଳକା — ମୁଁ ଷ୍ଟେଟମେଣ୍ଟ ଦେବି ତାରି ଉପରେ।

ବାଇଡ଼ଙ୍କ — ମାଡ଼ାମ୍, ପାଣି ଦେବି?

ଅଳକା — କଣ ପାଇଁ?

ବାଇଡ଼ଙ୍କ — ମୁଁ ଭାବୁଥିଲି, କାଳେ ମୁଣ୍ଡ ଗରମ ହେଇଗଲାଣି।

ଅଳକା — ମୋର କିଛି ହେଇନି। ମୁଁ ଠିକ୍ ଅଛି।

ବାଇଡ଼ଙ୍କ — ଯାହା କୁହନ୍ତୁ ମାଡ଼ାମ୍। ମଣିଷକୁ କ'ଣ କଲବଲ କରି ମରାଯାଏ! ସେ ଲୋକଟା ହଉଛି ବାଇମନ ବାବୁଙ୍କ ପାର୍ଟିଲୋକ।

ଅଳକା — ମୃତ ଲୋକଟି ଯେଉଁ ଦଳର ହେଉ ପଛେ, ସେ ସ୍ୱାଧୀନ ଭାରତର ଜଣେ ନାଗରିକ, ଏ କଥା କେହି ଅସ୍ୱୀକାର କରିବେ? ମଣିଷ ଯଦି ସ୍ପଷ୍ଟ ଦିବାଲୋକରେ ଏମିତି ମରାଯିବ, ତେବେ ଆଇନ କାନୁନ କ'ଣ ପାଇଁ ଅଛି? କାହା ପାଇଁ ଅଛି?

Digitized by PPRACHIN, SOA

ବାଇଡ଼ଙ୍କ	'ଆଇନ୍', ସେଗୁଡ଼ାକ ସବୁ ବହିପାଠ। କାହିଁକି ସେଥିରେ ମୁଣ୍ଡ ପୂରାଉଛନ୍ତି। ପାଠ ଯୋଉଠି ରହିବା କଥା, ସେଠି ଅଛି। ଆମେ ଖାଲି ଯାହା ମିଛୁଟାରେ ହଇରାଣ ହରକତ ହଉଛୁ। ମାଡ଼ାମ୍, ଆପଣ ବାଇମନ ବାବୁଙ୍କର କେହି ବନ୍ଧୁବାନ୍ଧବ ନୁହନ୍ତି ତ ?

ଅଳକା	ମୁଁ ଜଣେ ସାମ୍ବାଦିକ। ଏତିକି ମୋର ପରିଚୟ। ଯେଉଁ ଲୋକଟା ମଲା, ସେ ହତ୍ୟାକାଣ୍ଡ ମୁଁ ନିଜେ ଦେଖିଛି। ଟିକିନିଖି ବିବରଣୀ ମୋ ପାଖରେ ମହଜୁଦ ଅଛି। ଆଇନ ଆସାମୀକୁ ସହଜରେ ଫାଶୀଖୁଣ୍ଟ ପର୍ଯ୍ୟନ୍ତ ନେଇପାରିବ।

ବାଇଡ଼ଙ୍କ	ମାଡ଼ାମ୍, କାହିଁକି ସେ ଝାମେଲାରେ ପଶୁଛନ୍ତି ! କାଦୁଅରେ ପଶିବେ କାହିଁ, ଗୋଡ଼ ଧୋଇବେ କାହିଁ ! ରାଜନୀତିରେ ମାରିବା ଆଉ ମରିବା ବି ଗୋଟିଏ ପ୍ରକାର ନୀତି।

ଅଳକା	ଜଣେ ସଚେତନ ନାଗରିକ ଭାବେ ଆପଣ ଏତେ ସହଜରେ ଏ କଥା କହିପାରୁଛନ୍ତି ?

ବାଇଡ଼ଙ୍କ	ମୋ ପୈତୃକ ପ୍ରାଣ ଖଣ୍ଡିକ ମତେ ପ୍ରିୟ। ଦେଖି ଚାହିଁ ପାଦ ନ ପକେଇଲେ ମୁଣ୍ଡ ଗଣ୍ଡି ଦି'ଟା ଯାକ ଚାଲିଯିବ। କ'ଣ କରିବା। ଯୁଗ ତ ସେଇଆ ହେଲାଣି।

ଅଳକା	ଏଇଟା ଥାନା ନା' ଭୂତଖାନା ? ଦିନ ଦି' ପହରେ ଲୁଟତରାଜ ହତ୍ୟାକାଣ୍ଡ ଚାଲିବ। ଆଉ ଆପଣମାନେ ବସି ମଜା ଦେଖିବେ। ବାଃ... ବାଃରେ ଆଇନର ରକ୍ଷକ !

ବାଇଡ଼ଙ୍କ	ପାଟି ଖୋଲିଲେ ଜିଭ ଓପାଡ଼ି ନେବେ। ଆଖି ଖୋଲିଲେ, ପୁଅଡ଼ୋଳା ତାଡ଼ି ଫୋପାଡ଼ି ଦେବେ। ଆରବର୍ଷ ଦଶହରା ଭସାଣି ବେଳେ କେମିତି ରାଜାକୁ ଛେଳି କାଟିଲା ପରି କାଟି ପକେଇଲେ।

ଅଳକା	ଆପଣମାନେ ତାହେଲେ କରୁଛନ୍ତି କ'ଣ ? ଆଇନ କ'ଣ ପାଇଁ ଅଛି ?

ବାଇଡ଼ଙ୍କ	କହିବାକୁ ଗଲେ 'ଚେଇଁ ଶୋଇବ ଯିଏ ତାକୁ ଉଠେଇବ କିଏ ?' ଆମ ଜନଗଣ ତ ଚିନିବୁହା ବଳଦ। କହିବ କାହାକୁ ? ଶୁଣିବ କିଏ ?

ଅଳକା	ପୋଲିସ୍ ଡିପାଟମେଣ୍ଟ ତାହେଲେ କାହିଁକି ଅଛି ?

Digitized by PPRACHIN, SOA

ବାଇଡ଼ଙ୍କ	ଢେର କାମ ଅଛି କରିବାକୁ। ଏନକ୍ୱାରୀ ଚାଲିଛି। ଶେଷ ହବାକୁ ତିନି ଚାରିବର୍ଷ ଲାଗିବ। ତେବେ ରିପୋର୍ଟ ନିଶ୍ଚୟ ଦିଆଯିବ। ସେ ଦିନଯାଏ ଅନ୍ତତଃ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡ଼ିବ।

ଅଳକା	ଫଳଟା କ'ଣ ମିଳିବ, ସେ କଥା ଦେଶର ଜନତା ଭଲ ଭାବେ ଜାଣନ୍ତି। ଏଇଥି ଲାଗି ପୋଲିସ୍ ଉପରୁ ଲୋକଙ୍କର ଆସ୍ଥା ତୁଟିଯାଇଛି।

ବାଇଡ଼ଙ୍କ	ସେ କଥା ନୁହେଁ, ମାଡ଼ାମ୍। ଅସଲ କଥା ହଉଛି, ଆମ ଲୋକେ ସହି ସହି ପିଠିଆ ହୋଇଗଲେଣି। ଯେତେ ମାଡ଼ ଦେଲେ, ଆଉ ବାଧୁନି। *[ପ୍ରବେଶ କରିଛନ୍ତି ପୋଲିସ୍ ଇନ୍‌ସପେକ୍ଟର ହାତରେ ଗୋଟାଏ ଫାଇଲ୍]*

ଅଳକା	ଆଜ୍ଞା, ନମସ୍କାର।

ପୋ: ଇ:	'ନମସ୍କାର'।

ବାଇଡ଼ଙ୍କ	ସାର୍, ଏ ମାଡ଼ାମ ଆସିଛନ୍ତି ଆସେମ୍ଲି ଛକ ହତ୍ୟାକାଣ୍ଡ ବିଷୟରେ ଷ୍ଟେଟମେଣ୍ଟ ଦବାପାଇଁ। *[ପୋ: ଇ: ଚାହିଁ ରହିଛନ୍ତି ମହିଳାଙ୍କୁ।]*

ଅଳକା	ଇନ୍‌ସପେକ୍ଟର ବାବୁ, ମୋରି ଆଖି ସାମ୍ନାରେ ସେ ଲୋକଟାକୁ ସେମାନେ ମାରି ପକେଇଲେ।

ପୋ:ଇ	ଧନ୍ୟବାଦ୍! ଏ ଦେଶରେ ଅନ୍ତତଃ ଜଣେ ସଚେତନ ନାଗରିକ ଅଛି। ସେତିକି ମୋ ପାଇଁ ଯଥେଷ୍ଟ। ଆପଣ କ'ଣ କରନ୍ତି ?

ଅଳକା	ମୁଁ ଜଣେ ଫଟୋ ଜର୍ନାଲିଷ୍ଟ। ସେ ହତ୍ୟାକାଣ୍ଡର କିଛି ଫଟୋ ବି ମୁଁ ସଂଗ୍ରହ କରିଛି।

ପୋ:ଇ	ଛକ ଉପରେ ଏତେ ଲୋକ ଚଳପ୍ରଚଳ ହେଉଛନ୍ତି ଏତେ ଦୋକାନ ବଜାର ଅଛି। କେହି ଜଣେ ବି ଷ୍ଟେଟମେଣ୍ଟ ଦେଲେନି। ଥରୁଟିଏ ମୁହଁ ଖୋଲିଥିଲେ-

ବାଇଡ଼ଙ୍କ	ସେମାନଙ୍କର ମୁହଁ ଥିଲେ ତ....

ଅଳକା	ପୂରାପୂରି ଠିକ୍ କଥା।

ବାଇଡ଼ଙ୍କ	ସାର୍, ଅଟା ଚାଉଳ ଡାଲି ତେଲ ଘିଅ ସବୁଠି ତ ଭେଜାଲ। ଆଉ ତାକୁ ଯୋଉମାନେ ଗିଳୁଛନ୍ତି, ସେମାନେ କିପରି ଭଲ ହେଇ ବାହାରିବେ !

ପୋ:ଇ	'ବାଇଡ଼ଙ୍କ'।

Digitized by PPRACHIN, SOA

ବାଇଡ଼ଙ୍କ	ସରି, ସାର୍। ସହି ହଉନି କି ରହିହଉନି। ସାର୍, 'କରପ୍ସନ' ଉପରେ ଯଦି ପୃଥିବୀରେ ଗୋଟାଏ ପ୍ରତିଯୋଗିତା ହୁଅନ୍ତା, ତାହେଲେ ଆମ ଦେଶ ନିଶ୍ଚୟ ଫାଷ୍ଟ ପ୍ରାଇଜ୍ ପାଆନ୍ତା!

ପୋ:ଇ	ସଟ୍ ଅପ୍ ଯେତେବେଳେ ଦେଖିବ ବାଜେ କଥା।

ବାଇଡ଼ଙ୍କ	ସରି, ସାର୍।

ପୋ:ଇ	ଯେଉଁଠି ଜନତା ନିର୍ବୋଧ, ସେଠି ସେମାନଂକୁ ଭୂଆଁ ବୁଲାଇବା ଭାରି ସହଜ। ଆଇନ ବା ସେଠି କ'ଣ ଆଉ କରିପାରିବ!

ଅଳକା	ତେବେ ଏଇଟା ସତ ଯେ ସବୁଦିନ ସବୁ ମଣିଷ ଅନ୍ଧ ହୋଇ ରହିବେନି। ଦିନେ ନା ଦିନେ ଚେତନା ଜାଗ୍ରତ ହେବ।

ବାଇଡ଼ଙ୍କ	ସାର୍, ସାତ ସପନକୁ ରାତି ଥିଲେ ହେଲା!

ପୋ:ଇ	'ବାଇଡ଼ଙ୍କ'...

ବାଇଡ଼ଙ୍କ	ସରି, ସାର୍।

ପୋ:ଇ	ଯେତେବେଳେ ଦେଖିବ ଫାଜିଲ୍ କଥା। ହଁ ମାଡ଼ାମ୍

ଅଳକା	ମୁଁ ଅଳକା ଦାସ। ସାମ୍ବାଦିକ ଅଭିଜିତ୍ ଦାସଙ୍କ–

ପୋ:ଇ	ବାସ୍, ଆଉ କହିବା ଦରକାର ନାହିଁ। ଆପଣଂକୁ ମୁଁ ସବୁପ୍ରକାର ସାହାଯ୍ୟ କରିବି, ନିର୍ଭୟରେ ଆପଣ ଷ୍ଟେଟମେଣ୍ଟ ଦିଅନ୍ତୁ। ହଁ, ଯେଉଁମାନଂକ ବିରୁଦ୍ଧରେ ଆପଣ ମୁହଁ ଖୋଲିବାକୁ ଯାଉଛନ୍ତି, ସେମାନଙ୍କୁ ଚିହ୍ନିଛନ୍ତି ତ?

ଅଳକା	ଜାଣି ନଥିଲେ ଥାନାକୁ ଆସିବାକୁ ସାହସ କରିଥାନ୍ତି?

ବାଇଡ଼ଙ୍କ	ସାର୍, ସେ ବିଷୟରେ ସବୁକଥା ମୁଁ ବୁଝେଇ ସାରିଛି।

ପୋ:ଇ	ଏ ହତ୍ୟାକାଣ୍ଡରେ କେଉଁମାନେ ଜଡ଼ିତ, ସେମାନଙ୍କୁ ମୁଁ ଭଲଭାବେ ଜାଣେ। କେବଳ ପ୍ରମାଣ ଅଭାବରୁ ମୋ ହାତଗୋଡ଼ ବନ୍ଧା ଥିଲା।

ଅଳକା	ସବୁ ପ୍ରମାଣ ମୁଁ ଯୋଗାଇ ଦେବି।

ପୋ:ଇ	ସେମାନଂକ ଅସଲି ମୁଖା ଖୋଲିଦେବାକୁ ମତେ ବେଶି ସମୟ ଲାଗିବନି।

ଅଳକା	ଦୁର୍ନୀତିକୁ କିଛି ସମୟ ପାଇଁ ଘଣ୍ଟ ଘୋଡ଼ାଇ ରଖାଯାଇପାରେ, ହେଲେ ସବୁ ସମୟ ପାଇଁ ନୁହେଁ।

ପୋ:ଇ	ଆପଣ ଆଗେଇ ଯାଆନ୍ତୁ। ମୁଁ ଆପଣଂକ ପଛରେ ଅଛି। ସତ୍ୟର ନିଶ୍ଚୟ ବିଜୟ ହେବ।

Digitized by PPRACHIN, SOA

ବାଇଡ଼ଙ୍କ	ସାର୍, ଆପଣ କେବେ ତ ପାହାଡ଼ିଆ ଜାଗାକୁ ଯାଇନାହାନ୍ତି ?
ପୋ:ଇ	ବାଇଡ଼ଙ୍କ, ତମେ କ'ଣ କହିବାକୁ ଚାହୁଁଛ, ମୁଁ ଠିକ୍ ବୁଝିଛି। ଟ୍ରାନ୍ସଫର୍‌କୁ ମୋର ଭୟ ନାହିଁ। ଢେଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବ। ଧାନ କୁଟିବା ତ ତାର ସ୍ୱାଭାବିକ ଧର୍ମ। ଅଳକାଦେବୀ, ଆପଣ ଯାହା ଯାହା ଦେଖିଛନ୍ତି, ସେ ସବୁ ଟିକିନିଖି ମନେପକାଇ ଲେଖନ୍ତୁ।
	[କାଗଜ ଖଣ୍ଡିଏ ବଢ଼ାଇ ଦେଇଛନ୍ତି ପୋ:ଇ, ଲେଖିବସିଛନ୍ତି ଅଳକା]

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

[ଆସେମ୍ବ୍ଲିଛକ। ରାଜଧାନୀର ଜନଗହଳି ଅଞ୍ଚଳ। ଗାଡ଼ିମଟର ଭିଡ଼। ଟ୍ରାଫିକ ନିୟନ୍ତ୍ରଣ କରୁଛି ଟ୍ରାଫିକ ପୋଲିସ୍ 'ଝପଟ ସିଂ'। ପାଟିରେ ହୁଇସିଲ ବଜାଉଛି। ଦୂରରୁ କିଛି ଗୋଟାଏ ଗଣ୍ଡଗୋଳର ସ୍ପଷ୍ଟ ସଙ୍କେତ ମିଳିଛି। ଛକ ଦେଇ ଦୁଇଥର ଏପଟ ସେପଟ ହେଉଛି ଗୋଟାଏ ଲୋକ। ତା' ଦେହରେ ଆଘାତର ଚିହ୍ନ। ଶରୀର ମଧ ରକ୍ତରେ ଜୁବୁଜୁବୁ। ଲୋକଟିର ଏପଟ ସେପଟ ହେବା ଦେଖି ଖୁବ୍ ଜୋର୍‌ରେ ହୁଇସିଲ ବଜାଉଛି ଝପଟ ସିଂ।]

ଟ୍ରା.ପୋ./ଝପଟସିଂ — ହଇବେ ଯା'.... ଯା'... ପଳା। ଆରେ ଆଉ କୋଉଠି ଜାଗା ମିଳିଲା ନାହିଁ। ଏଇଠିକୁ ଆସିଲୁ। ଆରେ ଛକ ଜାଗାଟା। କେତେବେଳେ କିଏ ଆସି ପହଂଚିଯିବ। ଯା'... ପଳା...।

[ଟ୍ରାଫିକ ପୋଲିସ୍‌ର ପାଦ ଦୁଇଟାକୁ ଜାବୁଡ଼ି ଧରିଛି ଲୋକଟି। ଆଘାତ ପାଇଥିବାରୁ ତାର ଶରୀର ନିସ୍ତେଜ ହୋଇ ଆସୁଛି]

ଟ୍ରାଫିକ୍ ପୋଲିସ୍ : କି ଝାମେଲାରେ ପଡ଼ିଲା ମଣିଷ ! କ'ଣ ଯେ କରିବି ଏଇନେ।

ଲୋକ — ସେମାନେ ମତେ ମାରି ପକେଇବେ। କୋଉଠି ମତେ ଟିକିଏ ଲୁଚେଇଦିଅ।

ଟ୍ରାଫିକ ପୋଲିସ — ଏଁ..! ଝପଟ ସିଂ ଏରିଆରେ ପୁଣି ମଡ଼ର କରିବ! କାହାର ସାହସ ଅଛି ? ଆଇନ କ'ଣ ଦେଶରୁ ଉଠିଗଲା ?

ଲୋକ — ଆଜ୍ଞା, ଆଉ ଡେରି କରନ୍ତୁ ନାହିଁ। ମତେ ଟିକିଏ କୋଉଠି ନିରାପଦ ଜାଗା ଦେଖି ଲୁଚେଇ ଦିଅନ୍ତୁ।

ଟ୍ରାଫିକ ପୋଲିସ — ଆରେ ଏଇଟା ସତରେ ମାଇଚିଆ କିଏ ଆସୁଛି ଆସୁ। କେଡ଼େ କେଡ଼େ ଗାଡ଼ିକୁ ମୁଁ ପାଣି ପିଆଇ ଛାଡ଼ିଛି।

Digitized by PPRACHIN, SOA

ଲୋକ ସଲିମ୍‌ଟା ଭାରି ମାରାତ୍ମକ ଗୁଣ୍ଡା। ସେ କାହାରିକି ଖାତିର କରେନା।

ଟ୍ରାଫିକ୍ ପୋଲିସ କେତେ ସଲିମ୍‌କୁ ମୁଁ ଲଣ୍ଡନ ଦେଖାଇ ଛାଡ଼ିଛି। ହଉ ସେ ବେଳ ଆସୁ।

ଲୋକ କଥା କଥାକେ ସେ ଭୁଜାଲି ଚଳାଏ। ତମେ ଟାକୁ ଜାଣିନା, ଭାଇ। ସାତଟା ଖୁନ୍ କରିସାରିଲାଣି। କାହାରିକୁ ତାର ଭୟ ନାହିଁ। ସେ ମହାପାଳ ପାର୍ଟିର।

[ମହାପାତ୍ର ନାଁ ଶୁଣି ଭୟରେ ଥରିଛି ଟ୍ରାଫିକ ପୋଲିସ। ପାଟିରେ ଥିବା ହୁଇସିଲ୍ଲି ଖୁବ୍ ଜୋର୍‌ରେ ବାଜିଛି।]

ଲୋକ ଆଜ୍ଞା.... ଆଜ୍ଞା !

[ନିଜର ସ୍ଥାନ ଫେରିପାଇଛି ଟ୍ରାଫିକ ପୋଲିସ]

ଟ୍ରାଫିକ୍ ପୋଲିସ ତୁ ସେତେବେଳୁ ମତେ କହୁନୁ। ଯା' ପଳା ଜୀବନରେ ଯଦି ଆଶା ଅଛି, ଏ ଯାଗା ଛାଡ଼ି ପଳା। ଯା'... ପଳା।

ଲୋକ କୁଆଡ଼େ ଯିବି ? ଚାରିପଟେ ସଲିମ୍‌ର ଲୋକ। ମତେ ଟିକିଏ ଦୟାକର।

ଟ୍ରାଫିକ ପୋଲିସ ତୁ ତ ନିଜେ ବୁଡ଼ିବୁ, ତା' ସାଙ୍ଗରେ ମତେ ବି ବୁଡ଼େଇ ମାରିବୁ। ଆରେ ବାବୁ, ସେ ସଲିମ୍ ସାଙ୍ଗରେ ବାଦ କରି ମୁଁ ଜାଣି ଶୁଣି କିଏ ବରଣ କରିବି ?

ଲୋକ ଆଜ୍ଞା, ଆସୁଛି। ଏଇ ଆଡ଼କୁ ମାଡ଼ି ଆସୁଛି। ମତେ ଟିକିଏ କୋଉଠି-

[ଟ୍ରାଫିକ ପୋଲିସ୍‌ର ଗୋଡ଼କୁ ଖୁବ୍ ଜୋର୍‌ରେ ମାଡ଼ି ବସିଛି ଲୋକଟି। ହାତରେ ଭୁଜାଲି ଧରି ପହଂଚିଛି ସଲିମ୍]

ସଲିମ ଏ ଟ୍ରାଫିକ୍ ! ତୋର ଏଠି କେତେ ବର୍ଷ ହେଲାଣି ?

[ସଲିମ୍‌କୁ ଦେଖି ଭୟରେ ଥରିଛି ଟ୍ରା:ପୋ:]

ଟ୍ରାଫିକ୍ ପୋଲିସ ମୁଁ ତାକୁ କେତେବେଳୁ ମନା କରୁଛି...

ସଲିମ୍ ଭାବିଛୁ, ଏଠାକୁ ଆସିଗଲେ ଆଇନ ତତେ ରକ୍ଷା କରିଦେବ ! ନା'... ନା'.... ! ସେ କଥା ଭୁଲି ଯା। ଏ ଭୁଜାଲିକୁ ଦେଖୁଛୁ !

ଲୋକ ମତେ ଛାଡ଼ିଦେ ସଲିମ୍। ତୋ ପାଦ ଧରୁଛି। ତୋ ଗୋଡ଼ ଧରୁଛି।

[ସଲିମ୍‌ର ପାଦକୁ ଜାବୁଡ଼ି ଧରିଛି ଲୋକଟି। ତା' ବେକକୁ ଧରିଛି ସଲିମ୍]

Digitized by PPRACHIN, SOA

ସଲିମ୍ — ହଇବେ, ଆମ ନେତାଙ୍କୁ କହିବୁ ମାଇଚିଆ ! ମହୀପାଳବାବୁଙ୍କୁ କହିବୁ ମାହିଆ ! କୋଉ ପୁରୁଷ ପୁଅ ତୋତେ ରକ୍ଷା କରିବାକୁ ଆସିବ ମୁଁ ଦେଖିବି । ଆ'... ବେ.... । ଆ....

[ସଲିମ୍ ଟାଣି ଟାଣି ଲୋକଟାକୁ ନେଇ ଯାଉଛି ଅନ୍ତରାଳକୁ । ଟ୍ରାଫିକ୍ ପୋଲିସ୍ ଏ ସବୁ ଦେଖି ଜଡ଼ ପାଲଟିଯାଇଛି । ହୁଇସିଲ ଖସି ପଡ଼ିଛି ।]

ସଲିମ୍ — ହୁଁ, ପୁରୁଷ ପୁଙ୍ଗବ !

ଲୋକ — ଆଃ... ଆଃ...

[ଲୋକଟିର ବିକଳ ଚିତ୍କାର ଶୁଭିଛି]

ସଲିମ୍ — ମର୍... ମର୍..। କିଏ ତୋ ପିଠିରେ ପଡ଼ିବାକୁ ଆସିବ ମୁଁ ଦେଖିବି । *(ଅନ୍ତରାଳରେ ସଲିମ୍)*

[ଲୋକଟିର କରୁଣ ଚିତ୍କାର ବେଳେ ରାଜ ଭବନରେ ଶପଥ ଗ୍ରହଣ କରୁଥିଲେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମହୀପାଳ । ତାଂକ ଶପଥ ପାଠର କିଛି ଅଂଶ ଘୋଷଣା କରାଯିବ]

ଘୋଷଣା — "ମୁଁ ମହୀପାଳ ଦାସ ଈଶ୍ୱରଙ୍କ ନାମରେ ଶପଥ କରୁଅଛି ଯେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଯେଉଁ ବିଷୟ ମୋର ବିଚାରକୁ ଅଣାଯିବ ବା ମୋତେ ଜ୍ଞାତ ହେବ, ତାହାକୁ ମୁଖ୍ୟମନ୍ତ୍ରୀ ରୂପେ ମୋର କର୍ତ୍ତବ୍ୟର ସମୁଚିତ ନିର୍ବାହ ନିମିତ୍ତ ଯେପରି ଆବଶ୍ୟକ ହେବ, ତଦ୍‌ଭିନ୍ନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଂକୁ ଜଣାଇବି ନାହିଁ ବା ପ୍ରକଟ କରିବି ନାହିଁ।"

[ଘନ ଘନ କରତାଳି ଶବ୍ଦ । ଅନ୍ତରାଳରୁ ଆସିଛି ରକ୍ତଲଗା ଭୁଜାଲି ଧରି ସଲିମ୍]

ସଲିମ୍ — ଏଇ ଟ୍ରାଫିକ୍, କ'ଣ ଦେଖିଲୁ ?

ଟ୍ରାଫିକ୍ — ସତ କହୁଛି ସଲିମ୍ ଭାଇ, ମୁଁ କିଛି ଦେଖିନି । ମାଇପ ରାଣ ପକେଇ କହୁଛି ।

ସଲିମ — ତୁ ସବୁ ଦେଖିଛୁ । ମିଛ କହୁଛୁ ।

ଟ୍ରାଫିକ — ଆଖି ଛୁଉଁଛି । କାନ ଛୁଉଁଛି । ମା'ରାଣ ମୁଁ କିଛି ଦେଖିନି ।

ସଲିମ୍ — ଦେଖିନୁ, ଭଲ କରିଛୁ । ଆବେ ଶୁଣ୍ । ଯଦି ମୁହଁ ଖୋଲିବୁ, ଠିଆ ଫାଡ଼ିଦେବି ।

Digitized by PPRACHIN, SOA

ଟ୍ରାଫିକ୍ — ଆଜ୍ଞା, ସେ ଭୁଲ୍ ଏ ଛୋଟିଆ ଜୀବଟି କେବେ କରିବନାହିଁ। ମୋ ଜୀବନ କ'ଣ ମତେ ପିତା ଲାଗୁଛି।

[ସର୍ଜିମ୍ ଚାଲିଯାଇଛି। ଆଶ୍ବସ୍ତ ହୋଇଛି ଟ୍ରାଫିକ ପୋଲିସ୍। ଘନ ଘନ ଗାଡ଼ିମଟରେ ହର୍ଣ୍ଣ ବାଜି ଉଠିଛି। ପରେ ପରେ ପୋଲିସ୍ ସାଇରନ୍। କ'ଣ କରିବ କିଛି ଭାବିପାରିନି ଟ୍ରାଫିକ ପୋଲିସ୍। ଦଉଡ଼ି ପଳାଇ ଯିବାକୁ ବାହାରିଛି। ବାଟ ଓଗାଳିଛି କନେଷ୍ଟବଳ]

ବାଇଡ଼ଙ୍କ — କୁଆଡ଼େ ? କେତେ ଗଣିଲ ?

ଟ୍ରାଫିକ — କ'ଣ ? କୋଉକଥା ?

ବାଇଡ଼ଙ୍କ — ପୁଅ ମା' କ୍ଷୀର ଖାଉଛି। କିଛି ଜାଣିନି।

ଟ୍ରାଫିକ — ସତ କହୁଛି ମୁଁ କିଛି ଜାଣିନି।

ବାଇଡ଼ଙ୍କ — ଏ ଛକ ଉପରେ ଏତେବଡ଼ ଜଘନ୍ୟ ହତ୍ୟାକାଣ୍ଡ ଘଟିଗଲା, ତମେ ଥାନାକୁ ଫୋନ୍‌ଟେ କରି ପାରିଲନି ? ଜଣେଇ ପାରିଲନି ?

ଟ୍ରାଫିକ୍ — କୋଉ ବିଷୟରେ ଜଣେଇଥାନ୍ତି ?

ବାଇଡ଼ଙ୍କ — ଘରପୋଡ଼ି, କି ହଡ଼ାବଳଦର ଆତ୍ମକାହାଣୀ। ପିଲାଦିନେ ରଚନା ଲେଖିନା ? ହଇହୋ ତମେ କି ଟ୍ରାଫିକ୍ କଣ୍ଟ୍ରୋଲ କରୁଛ ? ତମ ଆଖି ସାମ୍ନାରେ ଲୋକଟାକୁ ମାରି ପକେଇଲେ-

ଟ୍ରାଫିକ୍ — ଛକ ଜାଗା। ସେପଟକୁ ଅନେଇବାକୁ ବେଳ କାହିଁ ? ଦେଖୁଛନ୍ତି, ଗାଡ଼ି ମଟର କେମିତି ଭିଡ଼।

ବାଇଡ଼ଙ୍କ — ହଇରେ ପୁଅ, ତୁ ତାଙ୍କେ ତାଙ୍କେ ଗଲେ ଆମେ ପତରେ ପତେର ଯିବା ଲୋକ। କିଏ କାହାକୁ ଛାଡ଼ି ଦଉଛି ଯେ।

ଟ୍ରାଫିକ — ମୋ କଥା ବିଶ୍ୱାସ କରନ୍ତୁ। ମୁଁ କିଛି ଦେଖିନି।

ବାଇଡ଼ଙ୍କ — ଛେଳି କାଟିଲା ଭଳିଆ ଲୋକଟାକୁ ହାଣି ପକେଇଲେ ତମ ସାମନାରେ, ଆଉ ତମେ କିଛି ଦେଖିନା ? ଜାଣିଲ ବନ୍ଧୁ, ଆଗାମୀ ଜାନୁଆରୀ ଛବିଶି ତାରିଖରେ ସଚ୍ଚାସେବକ ପୁରସ୍କାରଟା ତମକୁ ନିଶ୍ଚୟ ମିଳିବ।

[ମଞ୍ଚ ଅନ୍ଧକାର ହୋଇଛି]

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

[ମୁଖ୍ୟମନ୍ତ୍ରୀ ମହାପାତ୍ର ବାବୁଙ୍କ ଦପ୍ତର। ବିବ୍ରତ ଅବସ୍ଥାରେ ପଦଚାଳନା କରୁଥିଲେ ମହାପାତ୍ର। କିଛି ଗୋଟାଏ ଗଭୀର ଚିନ୍ତାରେ ବୁଡ଼ି ରହିଥିଲେ। ମନକୁ ମନ ଏଣୁତେଣୁ ଗପି ଚାଲିଥିଲେ।]

ମହାପାତ୍ର ତିନିଥର ଖବର ଦିଆ ସରିଲାଣି। ଏ ଯାଏ ଲୋକଟା ଆସୁନି! ବିଜ୍ଞାପନ ନେଲା ବେଳକୁ ଆସି ପହଂଚିଯିବ! ସ୍ୱାର୍ଥପର ଲୋକଗୁଡ଼ାକ! ନିଜ ସ୍ୱାର୍ଥଛଡ଼ା ଆଉ କିଛି ଜାଣନ୍ତିନି ଏମାନେ।

[ବାହାରୁ ହସି ହସି ନମସ୍କାର ପୂର୍ବକ ପ୍ରବେଶ କରିଛନ୍ତି ପରମଗୁରୁ।]

ପରମଗୁରୁ : ନମସ୍କାର... ନମସ୍କାର...

ମହାପାତ୍ର : ନମସ୍କାର। ଆଜିକାଲି ଯୁଗ ଓଲଟି ଗଲାଣି। ନେତାଏ ଏଣିକି ଦଉଡ଼ିବେ ଏଡ଼ିଟରମାନଂକ ପଛରେ!

ପରମଗୁରୁ : ହଠାତ୍ ଏମିତି କ'ଣ ଦରକାର ପଡ଼ିଲା ?

ମହାପାତ୍ର : ବିନା ଦରକାରରେ କେବେ କେହି ପେପରବାଲାଙ୍କୁ ଡାକିଛି, ନା' ଡାକିବ ?

ପରମଗୁରୁ କଥାଟା କ'ଣ କୁହନ୍ତୁ।

ମହାପାତ୍ର ଜାଣିଶୁଣି ମୁଁ କାହାରିକୁ ଏଇ ସମୟରେ Appointment ଦେଇନି। କେବଳ ତମରି ପାଇଁ। ଆଉ ତମେ-! ଛାଡ଼... ଛାଡ଼..

ପରମଗୁରୁ ଏଡ଼ିଟରିଆଲ୍‌ଟା ସରିଲେ ତ ଆସିବି! ହଉ କୁହନ୍ତୁ। ହଠାତ୍ ଏ ଦୁଃସ୍ଥ ଏଡ଼ିଟର ପାଖରେ କ'ଣ କାମ ପଡ଼ିଲା ?

ମହାପାତ୍ର କ'ଣ କେବଳ କାମ ପଡ଼ିଲେ ଆମେ ତମକୁ ଖୋଜୁଛୁ! ଆଉ କେତେବେଳେ ପଚାରୁନୁ!

ପରମଗୁରୁ : ସେ କଥା ନୁହେଁ ଯେ...

ମହାପାତ୍ର : ଆମ ସଂପର୍କଟା କ'ଣ ଖାଲି ରାଜନୀତି ସ୍ତରର ?

ପରମଗୁରୁ : ମୁଁ କ'ଣ ମନାକଲି ?

Digitized by PPRACHIN, SOA

ମହୀପାଳ — ମୁଁ ପାଓ୍ୱାରକୁ ଆସିଲା ପରଠୁଁ ତମେ ଥରୁଟିଏ ଏ ଜାଗା ମାଡ଼ିଛ ?

ପରମଗୁରୁ — ଆସିବାକୁ ସମୟ କୋଉଠି ମିଳୁଛି ! କାଗଜ ସହିତ ଆମେ ସମସ୍ତେ ବି କାଗଜ ପାଲଟି ଗଲୁଣି । ବାହାର ଦୁନିଆଟା ଜାଣି ହଉନି ।

ମହୀପାଳ — ନା' ଆସିବାକୁ କୁଣ୍ଠା ।

ପରମଗୁରୁ — ସେମିତି ଭାବନ୍ତୁ ନାହିଁ । ଆପଣ ଦେଶର ନେତା । ଆପଣଂକୁ ଛାଡ଼ି ଆମେ ବଂଚିପାରିବୁ ? ହଁ, ଏଥର କୁହନ୍ତୁ । ଏ ଦୁଃସ୍ଥ ଏଡ଼ିଟରଟି ଆପଣଂକ ପାଇଁ କ'ଣ କରିପାରିବ ? କି ସେବା ? ନିଃସଂକୋଚରେ କୁହନ୍ତୁ ।

ମହୀପାଳ — ଦେଖନ୍ତୁ ପରମଗୁରୁ ବାବୁ ! ମୁଁ ଡାକିବାର ଅସଲ କାରଣଟା ହେଉଛି— ଆମେ ତମ କାଗଜକୁ ସବୁଠୁଁ ବେଶି ବିଜ୍ଞାପନ ଦେଉଛୁ । ଦଉଛୁ' ନା' ନାହିଁ ?

ପରମଗୁରୁ — 'ଆଜ୍ଞା' ।

ମହୀପାଳ — ବିରୋଧୀବାଲାଏ ଏ ନେଇ କେତେ ତୁମ୍ଭିତୋଫାନ କରିଛନ୍ତି, ସେ କଥା ତମେ ଭଲଭାବେ ଜାଣ ।

ପରମଗୁରୁ — ହଁ ।

ମହୀପାଳ — ଏ ସବୁ ଦବା ମୂଳରେ ଆମର ତ ପୁଣି କିଛିଟା ସ୍ୱାର୍ଥ ଅଛି । ତା' ପ୍ରତିବଦଳରେ ଆମେ ଚାହୁଁଛୁ— ମାନେ-

ପରମଗୁରୁ — ଆପଣଂକ ନିଉଜ୍ ଆମେ ବେଶି ଛାପିବୁ । ମାନେ ଆପ୍ତିବାଟକ ! ଏଇଆ ତ ?

ମହୀପାଳ — ହଁ ।

ପରମଗୁରୁ — ଦେଖନ୍ତୁ ଆଜ୍ଞା, ମୋ କାଗଜର ଗୋଟାଏ ଭଲ ଇମେଜ୍ ଅଛି । ମୁଁ ଯଦି ଆପଣଂକ କଥା ମାନିନିଏ, ତାହେଲେ ତାର ସୁନାମରେ ଆଞ୍ଚ ଆସିବ । ବ୍ୟକ୍ତିଗତ ଭାବେ ମୁଁ ଯେତିକି ପାରିବି, ନିଶ୍ଚୟ ସାହାଯ୍ୟ କରିବି ।

ମହୀପାଳ — ଅସଲ କଥା ହଉଛି, ଆମ ହାତରେ ଗୋଟାଏ ପେପର ଦରକାର । ତେଣୁ ମୋର ମତ ହେଲା, ତମେ ଆମକୁ ଚାହିଁଲେ, ଆମେ ନିଶ୍ଚୟ ତମ ସ୍ୱାର୍ଥ ପ୍ରତି ଦୃଷ୍ଟିଦବୁ ।

ପରମଗୁରୁ — ନା' ସମ୍ଭବ ନୁହେଁ । ଅନ୍ତତଃ 'ସତ୍ୟବଚନ' ସେହି କାମଟା କରି ପାରିବନି ।

ମହୀପାଳ — କେତେଦିନ ସେହି 'ସତ୍ୟବଚନ'କୁ ଧୋଇ ଶୁଖେଇ ପିଉଥିବ ?

Digitized by PPRACHIN, SOA

ପରମଗୁରୁ	ବୁଝି ପାରିଲିନି।
ମହୀପାଳ	ଆରେ ଭାଇ ନିଜ କଥା ଟିକିଏ ଭାବ। ତମର ଭଲ ଭାବମୂର୍ତ୍ତି ଅଛି। ଲୋକେ ତମକୁ ସମ୍ମାନ ଦଉଛନ୍ତି। ମୁଁ ଚାହୁଁଛି, ତମେ ଆମ ସହିତ ହାତ ମିଳାଅ। ଆମ ପାର୍ଟି ଠିକ୍ କରିଛି, ଏଥର ଲୋକସଭା ପାଇଁ ତମକୁ ଟିକେଟ ଦବ।
ପରମଗୁରୁ	କାହିଁକି ସେ ମାୟା ଭିତରକୁ ମତେ ଟାଣୁଛନ୍ତି ? ସତ୍ୟବଚନ ଭଲ ତ ମୁଁ ଭଲ। କାହିଁକି ସେ ଝାମେଲାରେ ପଶିବି।
ମହୀପାଳ	ରାଜଧାନୀ ସିଟ୍‌ଟା ପାଇଁ ବହୁ ଲୋକ ଲାଇନ୍‌ରେ ଅଛନ୍ତି। ହେଲେ ମୁଁ ଚାହୁଁଛି ତମକୁ। ତମ ଭାବମୂର୍ତ୍ତି ଭଲ ଅଛି। ନିଶ୍ଚୟ ଜିତିବ। ତମ ପଛରେ ଆମ ପିଲାଏ ଲାଗିପଡ଼ିବେ। ଭୟ କରିବାର କିଛି ନାହିଁ।
	[ନୀରବ ରହିଛନ୍ତି ପରମଗୁରୁ। କିଛି ଗୋଟାଏ ଭାବି ବସିଛନ୍ତି]
ମହୀପାଳ	କ'ଣ ଭାବୁଛ ?
ପରମଗୁରୁ	ମୁଁ ଟିକିଏ ଭଲଭାବେ ଚିନ୍ତାକରେ। ଯାହା ଗୋଟାଏ ନିଷ୍ପତ୍ତି ନେବି।
ମହୀପାଳ	ତମେ କିଭଳିଆ ଲୋକ ! ହାତୀ ତମ ମୁଣ୍ଡରେ ସୁନାକଳସୀ ଢାଳିବାକୁ ଯାଉଛି। ଆଉ ତମେ କହୁଛ, ଚିନ୍ତା କରିବ ? କ'ଣଟା ଚିନ୍ତା କରିବ ? ମତେ ଦେଖ। କ'ଣ ମୋର ଥିଲା ? ଆଉ ଆଜି ?
ପରମଗୁରୁ	ମତେ ଆପଣ ଧୀରେ ଧୀରେ ଗ୍ରାସ କରିବାକୁ ଆରମ୍ଭ କଲେଣି। ମୁଁ ଅବଶ ହୋଇପଡୁଛି। ମୋ ଭିତରେ ଗୋଟାଏ ଝଡ଼ ଆରମ୍ଭ ହୋଇଯାଇଛି। ଜାଣିପାରୁନି, ଯାର ଶେଷ କୋଉଠି !!
ମହୀପାଳ	ଭାଗ୍ୟ ବଦଳି ଯିବ। କେନ୍ଦ୍ରରେ ମନ୍ତ୍ରୀ ପଦଟା ନିଶ୍ଚୟ ମିଳିବ। କ୍ୟାବିନେଟ ନ ହଉ। ଉପମନ୍ତ୍ରୀ କିମ୍ବା ରାଷ୍ଟ୍ରମନ୍ତ୍ରୀ ହେଲେ ବି ଚଳିବ। ଯାହା ମିଳୁଛି, ମିଳୁ। କ୍ଷତି କ'ଣ ?
ପରମଗୁରୁ	ଇଲେକସନ୍‌ଟା ଆଉ ଅଳ୍ପଦିନ ରହିଲା।
ମହୀପାଳ	ଆମ ପାର୍ଟି ନିଶ୍ଚୟ ଜିତିବ। ଯାହା ଚାହିଁବା କରିପାରିବା। ଥରେ ମନ୍ତ୍ରୀପଦଟା ମିଳିଯାଉ। କେତେ ଜନତାଙ୍କ ସେବା କରୁଛ, କର।
ପରମଗୁରୁ	ମୋର ସବୁ କେମିତି ଗୋଳମାଳ ହୋଇଯାଉଛି।

Digitized by PPRACHIN, SOA

ମହୀପାଳ — ପ୍ରଥମେ ପ୍ରଥମେ ସେମିତି ଲାଗିବ। ଅଭ୍ୟାସରେ ପଡ଼ିଗଲେ ସବୁ ଠିକ୍ ହୋଇଯିବ। ଏ ସହରରେ କ'ଣ ଖବରକାଗଜର ଅଭାବ ଅଛି? ଯାହାକୁ ଚାହିଁବି, ମୁଁ ଲିଫ୍ଟ ଦେଇପାରିବି। ହେଲେ ତମ ପ୍ରତି ମୋର ଗୋଟାଏ 'ସଫ୍ଟ କର୍ଣର' ରହି ଆସିଛି। ମୁଁ ଚାହୁଁଛି, 'ସତ୍ୟବଚନ' ଉନ୍ନତି କରୁ।

ପରମଗୁରୁ — ମୋ ଜୀବନର ଲକ୍ଷ୍ୟ। ସତ୍ୟବଚନ ଦୁନିଆର ଏକ ନମ୍ବର ଖବରକାଗଜ ହେଉ ବାହାରୁ।

ମହୀପାଳ — ପକେଟ୍ ଖାଲି। କେମିତି ଆଗେଇ ପାରିବ? ହୃଦୟକୁ ପ୍ରସାରିତ କର। ଚକ୍ଷୁ ସଜାଗ ରଖ। ଦେଖିବ, ସବୁଜିନିଷ ଆପେ ଆପେ ହାତ ପାଖକୁ ଆସିଯିବ।

ପରମଗୁରୁ — ତାହେଲେ?

ମହୀପାଳ — ସମୟ ଅଛି। ଭାବି ଦେଖ। ଶୀଘ୍ର ଖୁବ୍ ଶୀଘ୍ର।

ପରମଗୁରୁ — ମୁଁ... ମୁଁ....

ମହୀପାଳ — ହଁ, କୁହ। କୁହ।

ପରମଗୁରୁ — ଠିକ୍ ଅଛି। ମୁଁ ରାଜି।

ମହୀପାଳ — ହାଣ୍ଡସେକ୍।

[ଉଭୟ ହାଣ୍ଡସେକ୍ କରିଛନ୍ତି ଖୁସିହୋଇ]

ମହୀପାଳ — ମୁଁ ତାହେଲେ ଆଜି ହାଇକମାଣ୍ଡଙ୍କୁ ତମ ବିଷୟ ଜଣାଇ ଦଉଛି?

ପରମଗୁରୁ — ହଁ।

ମହୀପାଳ — ଆଜିଠାରୁ ତମ ଭାଗ୍ୟ ଖୋଲିଲା ବୋଲି ଜାଣ। ଦେଖ, କୋଉଠି ପହଂଚୁଛ। ସିଡ଼ି ହାତ ପାଖରେ ଅଛି। ଚଢ଼ିବାବାଲାର ତାକତ ଥିବା ଦରକାର। କୁହ। ପାରିବ ତ?

ପରମଗୁରୁ — ହଁ, ମୁଁ ପାରିବି। ନିଶ୍ଚୟ ଚଢ଼ିପାରିବି। ମୁଁ ଉଠିବି ଉପରୁ ଉପରକୁ। ଆହୁରି ଉପରକୁ। ଅନେକ ଉପରକୁ। ଯେଉଁଠି ହାତ ପାଖରେ ଆକାଶ ଥିବ। ଜହ୍ନ ଆଉ ତାରା। ତାରା ଆଉ ଜହ୍ନ। ଗୋଟାଏ ବିଚିତ୍ର ଅନୁଭୂତି।

ମହୀପାଳ — ମୁଁ ଜାଣେ, ପରମଗୁରୁ। ତମେ ନିଶ୍ଚୟ ପାରିବ। କାରଣ ତମର ଭାବମୂର୍ତ୍ତି ପୂରାପୂରି ନିର୍ମଳ। ତମେ ଯାହାକୁ ସ୍ପର୍ଶକରିବ, ସେ ସୁନା ହୋଇଯିବ। ତା'ଚେହେରା ବଦଳିଯିବ। ସତରେ ତମେ ବଡ଼ ଭାଗ୍ୟବାନ୍! ଏମିତି ଭାଗ୍ୟ ଖୁବ୍ କମ୍ ଲୋକଙ୍କୁ ମିଳେ।

Digitized by PPRACHIN, SOA

ପରମଗୁରୁ	ଆପଣଂକ ଆଶୀର୍ବାଦ। ଯାହା କରୁଛନ୍ତି, କରନ୍ତୁ।
ମହୀପାଳ	ହଁ, ବାଇମନ ପ୍ରତି ଟିକିଏ ସାବଧାନ ଥିବ। ଲୋକଟା ଦେଖିବାକୁ ଯାହା, ତା' ଭିତରଟା ଠିକ୍ ସେଇଆ ନୁହେଁ।
ପରମଗୁରୁ	ହଁ, ସବୁ କିଛି ବଦଳିଯିବ। ଠିକ୍ ମୋ ଭଳି।
ମହୀପାଳ	ଆଜି ଡିନରଟା ତାହେଲେ ମୋ ସହିତ ?
ପରମଗୁରୁ	ନିଶ୍ଚୟ।
ମହୀପାଳ	ତାହେଲେ ଆଜିର ଏଇ ଶୁଭ ଅବସରରେ ଦି'ପେଗ୍ ହୋଇଯାଉ ?
ପରମଗୁରୁ	ଚାଲନ୍ତୁ।
ମହୀପାଳ	ତମେ ଖାଲି ଦେଖ। ଭାଗ୍ୟଦେବୀ ତମକୁ କୁଆଡ଼ିକି ବାଟ କଢ଼େଇ ନଉଛନ୍ତି।

[ଉଭୟ ଖୁସି ମନରେ ଚାଲି ଯାଉଛନ୍ତି।]

Digitized by PPRACHIN, SOA

ଷଷ୍ଠ ଦୃଶ୍ୟ

ସ୍ଥାନ - ଏଡ଼ିଟରଙ୍କ ଅଫିସ୍
ସମୟ - ଦିବସ
ଚରିତ୍ର - ଅଭିଜିତ୍, ଅଳକା, ପରମଗୁରୁ

(ଦୈନିକ ସମ୍ବାଦପତ୍ର 'ସତ୍ୟବଚନ'ର ସମ୍ପାଦକ ପରମଗୁରୁଙ୍କ କାର୍ଯ୍ୟାଳୟ। ସଂପାଦକଙ୍କ ଟେବୁଲ ଉପରେ ଫାଇଲ୍, ଖବରକାଗଜ, ଟେଲିଫୋନ୍ ଏବଂ ଅନ୍ୟାନ୍ୟ କାଗଜପତ୍ର। ଟେବୁଲ ଚାରିପଟେ କେତୋଟି ଚେୟାର। ସଂପାଦକ କାର୍ଯ୍ୟାଳୟରେ ଅନୁପସ୍ଥିତ। ତାଂକୁ ଅପେକ୍ଷା କରିଛନ୍ତି ଅଭିଜିତ୍।)

ଅଭିଜିତ୍ — ଓଃ...କେତେବେଳେ ଯେ ଫେରିବେ!

(ଟେଲିଫୋନ୍ ରିଙ୍ଗ ହୋଇଛି। ଅଭିଜିତ୍ ରିସିଭର ଉଠାଇଛନ୍ତି)

ଅଭିଜିତ୍ — 'ହାଲୋ'...! ହଁ, 'ସତ୍ୟବଚନ' ଅଫିସ୍।...'ସଂପାଦକ'...ନା', ସେ ଅଫିସ୍‌କୁ ଆସିନାହାନ୍ତି।...କୁଆଡ଼େ ଯାଇଛନ୍ତି, ମୁଁ କହି ପାରିବିନି...ଧନ୍ୟବାଦ!

(ରିସିଭର ରଖିଛନ୍ତି ଅଭିଜିତ୍)

(ବିବ୍ରତ ଅବସ୍ଥାରେ କାର୍ଯ୍ୟାଳୟ ଭିତରେ ଏଣେ ତେଣେ ବୁଲୁଛନ୍ତି ଅଭିଜିତ୍। ଲେଖିବାରେ ମନୋନିବେଶ କରିଛନ୍ତି ଅଭିଜିତ୍। ଆସିଛନ୍ତି ଫଟୋ ଜର୍ଣ୍ଣାଲିଷ୍ଟ ଅଳକା)

ଅଳକା — 'ଅଭିଜିତ୍'....

(ନିଜ ଲେଖାଭିତରେ ଗଭୀର ଭାବେ ବୁଡ଼ି ଯାଇଥିଲେ ଅଭିଜିତ୍। ଅଳକା ତାଂକ ଆଗରେ ହାତ ହଲାଇଛନ୍ତି। ତଥାପି ଅଭିଜିତ୍ ନିର୍ବିକାର)

ଅଳକା — *(ଜୋର୍‌ରେ ପାଟିକରି)* Can I meet Reporter Ashok Das please ? *(ଏଥର ଭାବନା ରାଜ୍ୟରୁ ଫେରିଆସିଛନ୍ତି ରିପୋର୍ଟର ଅଭିଜିତ୍)*

ଅଭିଜିତ୍ — ଆରେ ଅଳକା! ତମେ କେତେବେଳେ ଆସିଲ?

Digitized by PPRACHIN, SOA

ଅଳକା   ରିପୋର୍ଟର ସାହେବ କେବେଠାରୁ ବେଳକାଳର ହିସାବ ରଖିଲେଣି ?

ଅଭିଜିତ୍   Oh, No.... : Do not be ସିଲି....

(ଅଭିଜିତ୍ ନିଜ ପାଖକୁ ଭିଡ଼ିନେଇଛନ୍ତି ଅଳକାଙ୍କୁ)

ଅଳକା : ଆରେ, ଏ କ'ଣ ହଉଛି ? ଏଇଟା ଅଫିସ୍...

ଅଭିଜିତ୍ : ହଁ... *(ଦୀର୍ଘଶ୍ୱାସ)*

(ପୁଣି ଚିନ୍ତା ରାଜ୍ୟକୁ ଫେରି ଯାଇଛନ୍ତି ଅଭିଜିତ୍)

ଅଳକା   ଯେ, କ'ଣ ହେଲା ?

ଅଭିଜିତ୍   କିଛି ମନେ ପଡୁଛି ?

ଅଳକା   କୋଉକଥା ?

ଅଭିଜିତ୍   ସେହିକଥା....

ଅଳକା   ମାନେ ?

ଅଭିଜିତ୍   ପାଞ୍ଚବର୍ଷ ତଳର କଥା, ଏଇଠି ଠିକ୍ ଏତିକିବେଳେ..... ଆଉ ଆଜି ତାରିଖରେ.....

(ଏଥର ଭାବନା ଭିତରକୁ ଫେରିଯାଇଛନ୍ତି ଅଳକା ଉଭୟ କିଛି ସମୟ ବୃତ୍ତର ପରିଧିରେ ଘୂରିବୁଲି ଅତୀତକୁ ସ୍ମରଣ କରିଛନ୍ତି)

ଅଳକା   ତମେ ଆସିଥିଲ ଇଣ୍ଟରଭିଉ ଦେବା ପାଇଁ।

ଅଭିଜିତ୍   ତମେ ବି।

ଅଳକା   ହଁ...।

ଅଭିଜିତ୍   କିନ୍ତୁ ପୋଷ୍ଟ ଥିଲା ଗୋଟାଏ।

ଅଳକା   ଇଣ୍ଟରଭିଉରେ ସିଲେକ୍ଟ ହୋଇଥିଲ ତମେ।

ଅଭିଜିତ୍   ହେଲେ ଚାକିରିଟା ତମ ପାଇଁ ନିତାନ୍ତ ଜରୁରୀ ଥିଲା।

(Music ଏଠି କରୁଣ ହେବ)

ଅଳକା   ଘରେ ରୋଗିଣା ମା'....। ସାନଭାଇର ପାଠପଢ଼ା...। ଏସବୁ ମତେ ବାଧ୍ୟ କରିଥିଲା ଚାକିରି ଖୋଜିବା ପାଇଁ...

ଅଭିଜିତ୍   ସେଦିନ ତମ ଆଖିର ଭାଷାରୁ ମୁଁ ସବୁକଥା ଭଲଭାବେ ବୁଝି ସାରିଥିଲି।

ଅଳକା   ମୋ ପାଇଁ ତମେ ସେ ଚାକିରି ଛାଡ଼ିଦେଲ।

ଅଭିଜିତ୍   କିଛିଦିନ ପରେ ଏଡ଼ିଟର ସବୁକଥା ଜାଣିଥିଲେ।

ଅଳକା   ତମକୁ ପେପରରେ ଜଏନ୍ କରିବା ପାଇଁ ଲେଖିଲେ।

ଅଭିଜିତ୍   ମୋ ପାଇଁ ଏଡ଼ିଟରଙ୍କୁ ଅନୁରୋଧ କରିଥିଲ, ତମେ।

ଅଳକା   ହଁ। ତମେ ଜଏନ୍ କଲ।

Digitized by PPRACHIN, SOA

ଅଭିଜିତ୍ — ପ୍ରଥମ ଦେଖାରୁ ଆମେ ପରସ୍ପରକୁ ଭଲପାଇ ବସିଲେ।

ଅଳକା — ସାକ୍ଷାତରୁ ଅନୁରାଗ। ଅନୁରାଗରୁ ପ୍ରେମ।

ଅଭିଜିତ୍ — ଆଉ ପ୍ରେମରୁ ବିବାହ।

ଅଳକା — ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ, ନିଜେ ଏଡ଼ିଟର।

ଅଭିଜିତ୍ — ପରିବାରର ଶତ ବିରୋଧ ସତ୍ତ୍ୱେ ଆମ ବିବାହ ସଂପନ୍ନ ହୋଇଥିଲା ଆର୍ଯ୍ୟ ସମାଜରେ। ନିରାଡ଼ମ୍ବର ଭାବରେ।

ଅଳକା — ପାଞ୍ଚବର୍ଷର ବ୍ୟବଧାନ ପରେ, ସେଇ ତାରିଖରେ, ଠିକ୍ ସେତିକିବେଳେ ଆମେ ପରସ୍ପରକୁ ଭେଟୁଛେ।

ଅଭିଜିତ୍ — ଅତୀତର ସେ ମୁହୂର୍ତ୍ତଗୁଡ଼ାକ ସବୁ ମନେପଡ଼ିଯାଉଛି।

ଅଳକା — ଆଖିରେ ଅସୁମାରୀ ସ୍ୱପ୍ନ। ନୂଆ ନୀଡ଼। ଗୋଟାଏ ପରିପୂର୍ଣ୍ଣ ସଂସାର।

ଅଭିଜିତ୍ — ସବୁକିଛି ଥ୍ରିଲିଙ୍ଗ୍... *(ଭାବନା ଶେଷ ହୋଇଛି)*

ଅଳକା — ଅନେକ ଦିନ ବିତିଯାଇଛି। ଆମ ସ୍ୱପ୍ନ ସାକାର ହୋଇଛି।

ଅଭିଜିତ୍ — Is it ?

ଅଳକା — ହଁ, ଅଭିଜିତ୍।

ଅଭିଜିତ୍ — ମେଡ଼ିକାଲ ଯାଇଥିଲ ?

(ଗୋଟିଏ ଚେୟାର୍‌ରେ ବସିପଡ଼ି ଅଳକା)

ଅଳକା — 'ହଁ' ଏଡ଼ିଟର ନାହାନ୍ତି ବୋଧେ!

ଅଭିଜିତ୍ — ଥିଲେ ଆଉ ମୁଁ ଏଠି ବସିଥାନ୍ତି! ଡାକ୍ତରଙ୍କୁ ପଚାରିଲ ? କାହିଁକି ଏମିତି ବାରମ୍ବାର ଦେହ ଖରାପ ହେଉଛି ?

ଅଳକା — 'ହଁ'।

ଅଭିଜିତ୍ — ମେଡ଼ିସିନ୍ ଲେଖି ଦେଇଛନ୍ତି ?

(ଅଳକା ମୁହଁରେ ଚାପା ହସ)

ଅଭିଜିତ୍ — କ'ଣ ହେଉଛି ? ହସୁଛ କାହିଁକି ?

ଅଳକା — ତମେ କ'ଣ ଭାବିଥିଲ ?

ଅଭିଜିତ୍ — 'ମାନେ' ?

ଅଳକା — ମାନେ, ତମେ ଖୁବ୍ ଶୀଘ୍ର ପିତାଶ୍ରୀ ହବାକୁ ଯାଉଛ। ଏଥର ବୁଝିଲ ତ!

(ଖୁବ୍ ଖୁସିରେ ଅଳକାକୁ ଶୂନ୍ୟକୁ ଟେକି ନେଇଛି ଅଭିଜିତ୍)

ଅଭିଜିତ୍ — ଏଡ଼େ ଶୁଭ ଖବରଟା ଲୁଚାଇ ରଖିଥିଲ!

ଅଳକା — ଆରେ ଛାଡ଼ନା। କିଏ କାହେ ଆସିଯିବ!

Digitized by PPRACHIN, SOA

ଅଭିଜିତ୍	ଯିଏ ଆସୁଛି ଆସୁ। ସମସ୍ତଙ୍କ ପାଇଁ ଆଜି ଆମ ଦୁଆର ଖୋଲା, *(ଅଳକାକୁ ଛାଡ଼ିଦେଇଛନ୍ତି ଅଭିଜିତ୍)*
ଅଳକା	ଏ ସମୟରେ ତ ଏଡ଼ିଟର କୁଆଡ଼େ ଯାଆନ୍ତି ନାହିଁ। ହଠାତ୍ କ'ଣ କାମ ପଡ଼ିଥିବ!
ଅଭିଜିତ୍	ମୋ ପାଖକୁ ଖବର ପଠେଇଲେ। ମୁଁ ଏଠି ଆସି ଦୁଇ/ତିନି ଘଣ୍ଟା ହେବ ବସିଛି। ହେଲେ ଆମ ଏଡ଼ିଟର ମହାଶୟଙ୍କ ଦର୍ଶନ ମିଳିବାକୁ ନାହିଁ।
ଅଳକା	ନିଶ୍ଚୟ କିଛି ଦରକାର ଥିବ! ମୋ ଫଟୋଗୁଡ଼ାକ ଆଜି ଏଡ଼ିସନ୍‌ରେ ଯାଉଛି ତ?
ଅଭିଜିତ୍	ଅଶୋକ ସାଙ୍ଗରେ ଦେଖା ହୋଇନି। ଆସୁ। ପଚାରି ଦବା। ବୋଧେ ଯାଇପାରେ!
ଅଳକା	ହଁ, ଗୋଟାଏ ନୂଆ ଖବର।
ଅଭିଜିତ	କ'ଣ?
ଅଳକା	କାଲି ରାତିରେ ଆମ ଏଡ଼ିଟର ମହାଶୟ ମହୀପାଳ ବାବୁଙ୍କ କାର୍‌ରେ ଫେରୁଥିଲେ।
ଅଭିଜିତ୍	ତମ ମୁଣ୍ଡ ଠିକ୍ ଅଛି ତ? ତମ ଆଖି ଦୋଷ। ନିଶ୍ଚୟ ଭୁଲ୍ ଦେଖିଛ।
ଅଳକା	ମୁଁ ଏକା ନୁହେଁ। ଅନ୍ୟମାନେ ବି ଦେଖିଛନ୍ତି।
ଅଭିଜିତ୍	ମହୀପାଳ ବାବୁଙ୍କ ସହିତ ଏଡ଼ିଟରେ! ନା' ଅସମ୍ଭବ! ଏଇଟା କେବେ ସମ୍ଭବ ନୁହେଁ।
ଅଳକା	ସହରସାରା ଏଇ ଖବର ଚର୍ଚ୍ଚା। ଘଣଟାର ଭିତିରି ରହସ୍ୟ କିଛି ଜାଣିହଉନି।
ଅଭିଜିତ୍	ମହୀପାଳ ଆଉ ପରମଗୁରୁ। ଜଣେ ଉତ୍ତରମେରୁ ତ ଆଉ ଜଣେ ଦକ୍ଷିଣମେରୁ। ଦୁଇମେରୁର ମିଳନ ଅସମ୍ଭବ।
ଅଳକା	ରାଜନୀତିରେ ସବୁ ସମ୍ଭବ।
ଅଭିଜିତ୍	ଛାଡ଼ ସେ ବାଜେ କଥାରୁ ଆମକୁ କ'ଣ ମିଳିବ। ହଁ, କହିଲ ଦେଖି। ଆମର କ'ଣ ହେବ? ପୁଅ ନା' ଝିଅ?
ଅଳକା	ଯାହା ହେଲେ ଚଳିବ। ହେଲେ ସେଇ ଗୋଟିଏ। ଏତେବେଳୁ ତମକୁ ଚିନ୍ତା ଘାରିଲାଣି?
ଅଭିଜିତ୍	ପୁଅ ହେଲେ ନା' ନାଁ ରଖିବା 'ସତ୍ୟବ୍ରତ'। ନା' କ'ଣ ଭାବୁଛ? ଭଲ ହବନି?

Digitized by PPRACHIN, SOA

ଅଳକା	ହଁ. ସତ୍ୟବଚନ ଖବର କାଗଜରେ ରିପୋର୍ଟର ତ । ତେଣୁ ପୁଅ ନାଁଟା 'ସତ୍ୟବ୍ରତ' ଦବନି ତ ଆଉ କ'ଣ ଦବ। ଆଉ ଝିଅ ହେଲେ ?
ଅଭିଜିତ୍	ସେ ଦାୟିତ୍ୱ ତମର। କ'ଣ ରଖିବ ? କିଛି ଭାବିଛ ?
ଅଳକା	'ଯାଜ୍ଞସେନୀ' ! କେମିତି ଲାଗୁଛି ?
ଅଭିଜିତ	ସିଧା ଚାଲିଗଲ ମହାଭାରତକୁ ! ଇନ୍ଦିରା, ଚନ୍ଦ୍ରିକା, ବେନଜିର୍ ଏମାନଙ୍କ ଭିତରୁ କେହି ପସନ୍ଦ ହେଲେନି ?
ଅଳକା	ଏଗୁଡ଼ାକ ସବୁ ନାଁ ?
ଅଭିଜିତ୍	ହଉ ହେଲା ବାବା।
ଅଳକା	ଆରେ ହଁ, ତମ ରିପୋର୍ଟ ନେଇ କାଲି ବିଧାନ ସଭାରେ ଗୋଟାଏ ବେଶ୍ ବଡ଼ ଧରଣର ଖୋଳତାଡ଼ ଆରମ୍ଭ ହୋଇଯାଇଛି।
ଅଭିଜିତ୍	ଦେଖିବା, ତା' ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯାଉଛି ! ବିଧାନ ସଭାଟା ଖାସ ତିଆରି ହେଇଛି ବାଗ୍‌ବିତଣ୍ଡା ପାଇଁ। ଭଲ ଯେତିକି ଭେଲ ବି ସେତିକି ! ଏ କଥାଟାକୁ ଲୋକ ଭୁଲିଗଲେଣି।
ଅଳକା	ହେଲେ ବାଇମନ ବାବୁ ଛାଡ଼ିଲାଲୋକ ନୁହଁନ୍ତି। କଥାଟାକୁ ଗଣ୍ଠି ପକେଇ ଧରିଛନ୍ତି। ଏଇ କେଶ୍‌ରେ ମହୀପାଳବାବୁ ନାକେଦମ୍ ହେବେ।
ଅଭିଜିତ୍	ସବୁଠି ତମ ଫଟୋର କରାମତି ବିଷୟରେ ଚର୍ଚ୍ଚା। ଏମିତି ଗୋଟିଏ ଗୋଟିଏ ସୁଯୋଗ ଆସିଲେ ଜଣେ ଖୁସିରେ ଉପରକୁ ଉଠିଯିବ।
ଅଳକା	ହେଲେ ଏଡ଼ିଟର ମହାଶୟ ଯେମିତି ଖୁସି ନ ଥିବା ପରି ଜଣା ପଡୁଛନ୍ତି ! କିଛି ଗୋଟାଏ ଘଟିଲା ଭଳି ମନେ ହେଉଛି !
ଅଭିଜିତ୍	'ଉଁ'...'ହୁଁ'...! ତମ ଧାରଣା ପୂରାପୂରି ଭୁଲ୍। କେବଳ ଆମ ଦୁଇଜଣଙ୍କ ପାଇଁ ଖବର କାଗଜର ସାରକୁଲେସନ ପାଞ୍ଚ ହଜାର ବଢ଼ି ଯାଇଛି। ସେଇ ଗୋଟାଏ ରିପୋର୍ଟ....! ମୁଁ କ'ଣ ଭାବିଥିଲି, ଏତେ ହଟଚମଟ ସୃଷ୍ଟି ହେବ ବୋଲି ! ମତେ ଲାଗୁଛି ଏଡ଼ିଟର ଆମ ଦିହିଙ୍କ ପାଇଁ ବୋଧେ କିଛି ଏକ୍‌ସଟ୍ରା ପ୍ୟାକେଜ୍....
ଅଳକା	କ'ଣଟା ଆଉ ଅଧିକ ଦେବେ ! ଦେଇ ଦେଇ ଗୋଟାଏ ଅଧିକା ଇନ୍‌କ୍ରିମେଣ୍ଟ ଦେଇପାରନ୍ତି !

Digitized by PPRACHIN, SOA

ଅଭିଜିତ୍ — ଖବରକାଗଜର ନାଁ ବିକ୍ରିଛି। ସାରକୁଲେସନ ବଢ଼ିଛି। ଆସେମ୍ବ୍ଲିଠାରୁ ପାର୍ଲାମେଣ୍ଟଯାଏ ସବୁଠି 'ସତ୍ୟବଚନ'ର ଚର୍ଚ୍ଚା। ଜଣେ ସାଧରଣ ରିପୋଟର ଆଉ କ'ଣଟା ଅଧିକ ଆଶା କରିପାରେ!

ଅଳକା — ତମେ ତମ ଆଶାକୁ ନେଇ ଅପେକ୍ଷା କର। ମୁଁ ଆଉ ଅପେକ୍ଷା କରିପାରିବିନି। ମୁଁ ଯାଉଛି ବିକାଶ ମଣ୍ଡର କେତେଟା ଫଟୋ ଧୋଇବାକୁ ଦେଇଥିଲି। ନେଇଆସେ।

(ଅଳକା ଚାଲି ଯାଉଛି। ଅଭିଜିତ୍‌ଙ୍କ ମୁହଁରେ ହସ। ଆସିଛନ୍ତି ପରମଗୁରୁ।)

ପରମଗୁରୁ — ଆରେ ଅଭିଜିତ୍, ତମେ କେତେବେଳୁ ଆସିଲଣି? ମୋର ଟିକିଏ ଡେରି ହୋଇଗଲା। ମୁଁ ଯେତେ ଚେଷ୍ଟା କରୁଛି ଶୀଘ୍ର ଆସିବାକୁ, ହେଲେ କାମ ତ ମୋତେ ଛାଡୁନି।

ଅଭିଜିତ୍ — ଅଳକା ଆସିଥିଲା। ଏଇ ସାଙ୍ଗେ ସାଙ୍ଗେ ବାହାରିଗଲା।

(କିଛିଟା ବିବ୍ରତ ଜଣାପଡୁଥିଲେ ପରମଗୁରୁ)

ଅଭିଜିତ୍ — ସାର୍, ଆପଣ କିଛି ଗୋଟାଏ ଭାବୁଛନ୍ତି!

ପରମଗୁରୁ — ଏଁ...ହଁ...! ଅଭିଜିତ୍, ମନେ ମନେ ମୁଁ ତମକୁ ଖୋଜୁଥିଲି! ଗୋଟାଏ କଥା ତମକୁ କହିବି କହିବି ବୋଲି ଅନେକ ଦିନରୁ ଭାବୁଛି। ହେଲେ, କହିପାରୁନି।

ଅଭିଜିତ୍ — ସାର୍, ମୋତେ କହିବାରେ ଅସୁବିଧା କ'ଣ! ଆପଣଂକ ପାଇଁ ତ ଆମେ ମଣିଷ...।

ପରମଗୁରୁ — ବାରମ୍ବାର ଏମିତି କଥା କହି ତମେମାନେ ମୋତେ ଦୁର୍ବଳ କରିଦିଅନି।(pause), ଆଚ୍ଛା, ଅଭିଜିତ୍ ଆମର ଏଠିକା କାର୍ଯ୍ୟ ପ୍ରଣାଳୀରେ ତମେ କ'ଣ ଖୁସି?

ଅଭିଜିତ୍ : , ଆପଣଙ୍କ ଆଶୀର୍ବାଦରୁ ମୋର କିଛି ଅସୁବିଧା ନାହିଁ। ଲେଖିବା ପାଇଁ ସ୍ୱାଧୀନତା ଦେଇଛନ୍ତି। ବାସ୍ ସେତିକି ଯଥେଷ୍ଟ। ଆଉ କ'ଣ ଦରକାର।

ପରମଗୁରୁ — ମୁଁ ଚାହେଁ, ତମେ ଆହୁରି ଉପରକୁ ଉଠ। ବେଶ୍ ନାଁ କମାଅ। ତମମାନଙ୍କୁ ନେଇ ତ ଏ ଦେଶ।

ଅଭିଜିତ୍ — ସାର୍, ମୁଁ ନିଷ୍ପତ୍ତି କରିସାରିଛି। ବଂଚିଥିବା ଯାଏ ମୁଁ 'ସତ୍ୟବଚନ'ର ସମ୍ମାନରେ ଆଞ୍ଚ ଆସିବାକୁ ଦେବିନି। ଦରକାର ପଡ଼ିଲେ ମୋ ଜୀବନ ଦେଇଦେବି।

Digitized by PPRACHIN, SOA

ପରମଗୁରୁ ଇମୋସନାଲ ହୁଅନା, ଅଭିଜିତ୍ ! ତମ ପାଇଁ ଗୋଟାଏ ସୁନେଲି ସକାଳ ଅପେକ୍ଷା କରିଛି । ମୋ ମନ କହୁଛି ତମେ ନିଶ୍ଚୟ ଉନ୍ନତି କରିବ ।

ଅଭିଜିତ୍ ସବୁ ତ ସାର୍, ଆପଣଂକ ଦୟାରୁ ।

ପରମଗୁରୁ ତମେ ଭୁଲ କହୁଛ, ଅଭିଜିତ୍ ! କାହାରି ଦୟାରୁ କେହି ମଣିଷ ହୁଏନା । ତମ ପରିଶ୍ରମ, ତମ ନିଷ୍ଠା ତମ ସାଧନା ହିଁ ତମକୁ ଉଠାଇଛି । ଯୁଗେ ଯୁଗେ ଏ ପୃଥିବୀ ସାଧନାକୁ ସମ୍ମାନ ଦେଇ ଆସିଛି ।

ଅଭିଜିତ୍ 'ସତ୍ୟବଚନ' ଆଗେଇଛି । ଆନନ୍ଦରେ ଛାତି ମୋର କୁଣ୍ଢେମୋଟ ହୋଇଯାଉଛି । ଆଜି ଗଳି କନ୍ଦି ସବୁଠି ସତ୍ୟବଚନର ଚର୍ଚ୍ଚା । ଏତେ ଆନନ୍ଦ ଆମକୁ ସହି ପାରିବତ ?

ପରମଗୁରୁ ନା....ନା...ମୁଁ ତମ ପ୍ରତି ଅନ୍ୟାୟ କରୁଛି । ତମେ ଅନ୍ୟ କାଗଜରେ ଥିଲେ ଏତେବେଳକୁ ଯଥେଷ୍ଟ ଉପରକୁ ଉଠି ସାରନ୍ତଣି !

ଅଭିଜିତ୍ ସାର୍, ମୁଁ ଯାହା ପାଇଛି ଏଠୁ, ସେତିକି ମୋ ପାଇଁ ଯଥେଷ୍ଟ ।

ପରମଗୁରୁ ବାଇମନବାବୁ ଗୋଟାଏ ନୂଆ କାଗଜ ବାହାର କରୁଛନ୍ତି ! ସିଏ ବୋଧେ ତମକୁ -

ଅଭିଜିତ୍ ଏ ରାଜନୀତିବାଲାଏ ଦେଶକୁ ତ ଖୋଳ କରି ସାରିଲେଣି । ଶେଷକୁ ପେପରଟାକୁ ବି ଛାଡ଼ିଲେନି !

ପରମଗୁରୁ ଅଭିଜିତ୍, ମୁଁ ତମ ପାଇଁ ଭାରି ଚିନ୍ତିତ । ଏ ପେପର ଛଡ଼ା ତମର ଆଉ ଗୋଟାଏ ଦୁନିଆ ଅଛି । ତା' ପ୍ରତି ତମର କିଛି କର୍ତ୍ତବ୍ୟ ରହିଛି । ତମେ ଥରେ ଅଳକା କଥା ଭାବ । ଭବିଷ୍ୟତ କଥା ଚିନ୍ତାକର ।

ଅଭିଜିତ୍ ଯାହାର ଅଭାବ ଅସୁବିଧା ଥିବ, ତାକୁ ଚିନ୍ତା' କରିବାକୁ ସମୟ ମିଳିବ, ହେଲେ ମୋତେ — ? ଅଳକା ତ ସଦାବେଳେ ଆପଣଂକ ପ୍ରଶଂସା କରୁଛି । ଆମେ ବେଶ୍ ଖୁସିରେ ଅଛୁ, ସାର୍ ।

ପରମଗୁରୁ ହେଲେ, ମୁଁ ଖୁସି ନୁହେଁ, ଅଭିଜିତ୍ !

ଅଭିଜିତ୍ 'ସାର୍' !

ପରମଗୁରୁ ଉପରକୁ ଦେଖା ଯାଉଥିବା ଅଂଶକୁ ଦେଖି ଜାହାଜର କଳ୍ପନା କରାଯାଇପାରେନା । ଆହୁରି ତିନି ଚତୁର୍ଥାଂଶ ପାଣିରେ ବୁଡ଼ି ରହିଥାଏ । ତାକୁ ସାମନା କରୁଥିବା ମଣିଷ ଜାଣେ, ଜୀବନଟା କି ଭୟଙ୍କର ! କି ବିଭତ୍ସ !

Digitized by PPRACHIN, SOA

ଅଭିଜିତ୍ — ସାର୍, ଯାହା କହିବା କଥା ସିଧା କହନ୍ତୁ। ଆପଣ କିଛି ଗୋଟାଏ ଲୁଚାଇବାକୁ ଚେଷ୍ଟା କରୁଛନ୍ତି।

ପରମଗୁରୁ — ସମୟ ସହିତ ତାଳ ଦେଇ ଚାଲିବା ହେଉଛି ବୁଦ୍ଧିମାନ ବ୍ୟକ୍ତିର କାର୍ଯ୍ୟ।

ଅଭିଜିତ୍ — ଆପଣଙ୍କର କ'ଣ ହୋଇଛି, ସାର୍?

ପରମଗୁରୁ — ମୋର କିଛି ହୋଇନି। ମୁଁ ଖାଲି ତମ ଦୁହିଁଙ୍କ କଥା ଭାବୁଛି।

ଅଭିଜିତ୍ — ସାର୍, ସିଧା ସଳଖ କୁହନ୍ତୁ।

ପରମଗୁରୁ — ସେହି ଆସେମ୍ବ୍ଲି ଛକ ମଡ଼ର କେଶ୍ ଘଟଣା ନେଇ ସତ୍ୟବଚନ ଆଜି ହରଡ଼ଘଣାରେ।

ଅଭିଜିତ୍ — ଯାହା ପଛେ ହଉ, ସତ୍ୟବଚନ ତା' ଆଦର୍ଶ ପରଂପରାରୁ କେବେ ବିଚ୍ୟୁତ ନ ହେଉ।

ପରମଗୁରୁ — ଆଦର୍ଶ....ଆଦର୍ଶ! ଆଦର୍ଶ ହେଉଛି ଗୋଟାଏ ରଙ୍ଗିନ ପ୍ରଜାପତି। ସମୟ ସହିତ ତାଳ ଦେଇ ଚାଲିବା ହଉଛି ତାର ଧର୍ମ। ଅନାହାରୀ ଅର୍ଦ୍ଧାହାରୀ ବୁକୁ କେବେ ଆଦର୍ଶର ସ୍ୱପ୍ନ ଦେଖିପାରେନା। ସବୁ ସୁଖ...ସ୍ୱପ୍ନ...ସମ୍ଭାବନା ସେମାନଂକ ପାଇଁ ନିଷିଦ୍ଧ....ପୂରାପୂରି ନିଷିଦ୍ଧ।

ଅଭିଜିତ୍ — ସାର୍, ମୁଁ କିଛି ବୁଝିପାରୁନି।

ପରମଗୁରୁ — ବୟସ ବଢ଼ିବା ସହିତ ତମର ଏ ସବୁ କଥା ନିହାତି ବୁଝିବା ଦରକାର। ତା' ନହେଲେ ତମେ ହାରିଯିବ। ଆଗେଇବାର ଗଣଦୌଡ଼ରେ ତମେ ପଛରେ ପଡ଼ିଯିବ।

ଅଭିଜିତ୍ — ସାର୍, ସାରକୁଲେସନ ବଢ଼ିବା ନେଇ ଆପଣ କ'ଣ ଖୁସି ନୁହଁନ୍ତି? ଏଇଟା କ'ଣ ଆମ ସମସ୍ତଙ୍କ ପାଇଁ ଶୁଭ ଖବର ନୁହେଁ?

ପରମଗୁରୁ — ଶୁଭ ଖବରକୁ ନେଇ ପେପର ବଂଚେନା। ତାକୁ ବଂଚିବାକୁ ହେଲେ, ସେଥିପାଇଁ ବିଜ୍ଞାପନ ଦରକାର। ହେଲେ ଆମ ଖବର କାଗଜର ବିଜ୍ଞାପନ ବହୁତ କମିଯାଇଛି। ଆଉ କାହିଁକି କମିଯାଇଛି, ସେ କଥା ତମେ ଭଲ ଭାବେ ଜାଣ।

ଅଭିଜିତ୍ — ସାର୍, ଆମେ ସମସ୍ତେ ମିଳିମିଶି ଚେଷ୍ଟାକଲେ–

ପରମଗୁରୁ — କିଛି ହେବନି। ଲୋକଙ୍କ ପଇସାରେ ଖବର କାଗଜ ବଂଚେନା। ବଂଚେ ବିଜ୍ଞାପନ ଉପରେ। ଆଉ ସରକାର ଆମ କାଗଜକୁ ବିଜ୍ଞାପନ କମେଇ ଦେଇଛନ୍ତି। କେବଳ ସେହି ଘଟଣା ପାଇଁ।

ଅଭିଜିତ୍ — ତାହେଲେ, ଆପଣ କ'ଣ ଭାବୁଛନ୍ତି?

Digitized by PPRACHIN, SOA

ପରମଗୁରୁ	ଆତ୍ମସମର୍ପଣ ଛଡ଼ା ଅନ୍ୟ ଉପାୟ ନାହିଁ। ସରକାର ସହିତ କମ୍ପ୍ରମାଇଜ୍ ନ କଲେ ପେପର ପୂରାପୂରି ବନ୍ଦ ହୋଇଯିବ। ଘଟଣା ନେଇ ଆଉ ଖୋଳତାଡ଼ କରିବା ଉଚିତ ହେବନି। ବରଂ ନୀରବ ରହିବା ଭଲ।
ଅଭିଜିତ୍	ସାର୍, ଆପଣ କ'ଣ କହୁଛନ୍ତି। ସେମିତି କଲେ ଗୋଟାଏ ରିପୋଟର ମରିଯିବ।
ପରମଗୁରୁ	ତା' ନ ହେଲେ ସତ୍ୟବଚନ ଉପରେ ନିର୍ଭର କରୁଥିବା ଶହେଟା ପରିବାର ଉଚ୍ଛନ୍ନ ହୋଇଯିବେ।
ଅଭିଜିତ୍	ନା'...ନା'..। ସାର୍, ଆପଣ ସେଦିନ ନିଉଜ୍ ସେମିନାର୍‌ରେ କହିଥିଲେ ନା', ''ଖବର କାଗଜ ବଂଚି ରହିବ କେବଳ ସତ୍ୟ ସାଧନା ନିଷ୍ଠା ଉପରେ।''
ପରମଗୁରୁ	ମୁଁ ଯାହା କହିଥିଲି, ସେ ସବୁ ଭୁଲ୍।
ଅଭିଜିତ୍	ନା' ସାର୍, ନା' - ! ତାହା କେବେ ହୋଇପାରେନା,
ପରମଗୁରୁ	ସମୟ ସାଥିରେ ଆମେ ନ ଆଗେଇଲେ, ପଛରେ ପଡ଼ିଯିବା।
ଅଭିଜିତ୍	ଆପଣ ବୋଧହୁଏ ମହୀପାଳ ବାବୁଙ୍କ ପାଖରେ ପୂରାପୂରି ସରେଣ୍ଡର କରିଛନ୍ତି ! ତେବେ ଅଳକା ଯାହା କହୁଥିଲା, ତାହା ସବୁ ଠିକ୍ !
ପରମଗୁରୁ	କ'ଣ କହୁଥିଲା ? କ'ଣ କହୁଥିଲା ସେ ?
ଅଭିଜିତ୍	ସବୁ ଜାଣି ଯଦି ଅଜଣା ହେବେ, ଆମେ କହିବୁ କାହାକୁ ? ଶୁଣିବ କିଏ ? ସତ୍ୟବଚନ ଖାଲି ଏକ ସମ୍ବାଦ ପତ୍ର ନୁହେଁ, ଗୋଟାଏ ନିର୍ଭୀକ ଅନୁଷ୍ଠାନ। ତାକୁ ଆପଣ ବନ୍ଧା ପକେଇଦେଲେ ? କେଇଟା ଟଙ୍କା ପାଇଁ...। ଆପଣ ଠିକ୍ କଲେନି, ସାର୍।
ପରମଗୁରୁ	ସେମାନେ କ୍ଷମତାରେ ଅଛନ୍ତି। ସେମାନଙ୍କର ବାହୁବଳ, ଅର୍ଥବଳ ଅଛି।
ଅଭିଜିତ୍	ଆମ ପାଖରେ ସତ୍ୟ, ନିଷ୍ଠା, ଆଉ ନିର୍ଭୀକତା ଅଛି।
ପରମଗୁରୁ	ସେମାନେ ଶାସନ ଗାଦିରେ ଅଛନ୍ତି।
ଅଭିଜିତ୍	ଆମ ହାତରେ ବି କଲମ ଅଛି। ସେଇ କଲମ ମୁନରେ କେତେ କେତେ ଶାସକ ଭୂଲୁଣ୍ଠିତ ହୋଇଛନ୍ତି। କାହିଁ କଲମ ଆଉ କାହିଁ ତରବାରୀ !
ପରମଗୁରୁ	ଅଭିଜିତ୍, ତମେ ଅନ୍ତତଃ ଥରେ ବୁଝିବାକୁ ଚେଷ୍ଟାକର। ଶହେଟା ପରିବାର କଥା ଭାବ'। ସରେଣ୍ଡର କରିଗଲେ କ'ଣଟା କ୍ଷତି ହୁଅନ୍ତା !

Digitized by PPRACHIN, SOA

ଅଭିଜିତ୍		ମୋ ନୀତି ! ମୋ ଆଦର୍ଶ ! ଏ ସବୁର କ'ଣ କିଛି ଦାମ୍ ନାହିଁ ?
ପରମଗୁରୁ	:	ଭୋକ ଏମିତି ଏକ ଜିନିଷ, ଯାହା ଦାମ୍‌ର କୌଣସି ଧାର ଧାରେନା । ଓଦା ପେଟ କେବେ ବିପ୍ଳବ କରିପାରେନା । ଆଦର୍ଶ...ବିପ୍ଳବ...ଏଗୁଡ଼ାକ ସବୁ ଫମ୍ପା ଆୱାଜ୍ । ରାତ୍ରିର ରଙ୍ଗପରି ମୂଲ୍ୟହୀନ । ଦିବସର ଉଷ୍ଣତା ପରି ବର୍ଣ୍ଣହୀନ ।
ଅଭିଜିତ୍		କେତେ ମନ୍ତ୍ରୀ...କେତେ ନେତା...କେତେ ଶାସକ କାଳର କରାଳ ବକ୍ଷରେ ବୁଦ୍‌ବୁଦ୍ ପରି ବିଲୀନ ହୋଇଯିବେ । ହେଲେ ସତ୍ୟବଚନ ବଂଚି ରହିବ କେବଳ ତାର ନୀତି ପାଇଁ...ନିଷ୍ଠା ପାଇଁ । ତାକୁ ଆପଣ ବରବାଦ୍ ହେବାକୁ ଦିଅନ୍ତୁ ନାହିଁ ।
ପରମଗୁରୁ		ତମର ସରଳତା ପାଇଁ ମୋର ଭୟ ହେଉଛି । ହୁଏତ କେଉଁଦିନ ଏଇ ସତ୍ୟ ନିଷ୍ଠା ହିଁ ତମକୁ ଧ୍ୱଂସ ମୁହଁକୁ ଠେଲିଦେବ !
ଅଭିଜିତ୍		ମୁଁ ତ ବ୍ୟକ୍ତି, ବ୍ୟକ୍ତି ସ୍ୱାର୍ଥ ପାଇଁ ସତ୍ୟବଚନର ଜନ୍ମ ନୁହେଁ । ସତ୍ୟବଚନ ଏକ ସମ୍ବାଦପତ୍ର ନୁହେଁ ଏକ ଇତିହାସ....ଜୀବନ୍ତ ଇତିହାସ ।
ପରମଗୁରୁ		ଏବେ ବି ସମୟ ଅଛି, ଅଭିଜିତ୍ । ନିଜକୁ ସଂଶୋଧନ କରିନିଅ ।
ଅଭିଜିତ୍		ମୁଁ ଏଭଳି ଏକ ପାହାଚକୁ ଉଠିଆସିଛି, ଆଉ ସେଠାରୁ ତଳକୁ ଖସିବା ସମ୍ଭବ ନୁହେଁ । ସେ ପାହାଚକୁ ମୋତେ ପଠାଇଛି 'ସତ୍ୟବଚନ' । ମୋ ଦେହରେ ଶେଷରକ୍ତ ବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ଲଢ଼ିବି ସତ୍ୟ ପାଇଁ...ଶାନ୍ତି ପାଇଁ...ଅହିଂସା ପାଇଁ... *(ଚାଲିଯାଇଛି ଅଭିଜିତ୍ । ନିଶ୍ଚଳ ହୋଇ ଯାଇଛନ୍ତି ପରମଗୁରୁ)*
ପରମଗୁରୁ		ମୁଁ ତମକୁ କେମିତି ବୁଝେଇବି, ଅଭିଜିତ୍ । ସତ୍ୟବଚନର ଗଳାଟାକୁ ମୁଁ ନିଜେ ହିଁ ମୋ ହାତରେ ମୋଡ଼ି ଦେଇଛି । ମୁଁ ହିଁ ହତ୍ୟାକାରୀ । ମୁଁ ହିଁ ଖୁନୀ ଆସାମୀ... *(ହାତଟେକି ସରେଣ୍ଡର କରିଛନ୍ତି ପରମଗୁରୁ)*

Digitized by PPRACHIN, SOA

ସପ୍ତମ ଦୃଶ୍ୟ

ସ୍ଥାନ - ଥାନା

ସମୟ - ଦିବସ

ଚରିତ୍ର - ଝପଟ ସିଂ, ବାଇଡ଼ଙ୍କ

(ସହରର ସେହି ଥାନା। ପୋଲିସ ଇନ୍ସପେକ୍ଟର ନାହାନ୍ତି। କନେଷ୍ଟବଳ ବାଇଡ଼ଙ୍କ ଥାନାରେ ଏକା। ମନକୁମନ ଥାନାବାବୁଙ୍କ ଚେୟାର ଉପରେ ବସିପଡ଼ି ମନର ଅବଶୋଷ ମେଣ୍ଟାଇବାକୁ ଚେଷ୍ଟା କରୁଛି। ଗୋଟାଏ ଖବରକାଗଜରେ ବାହାରି ଥିବା ଏକ ଫଟୋକୁ ଲକ୍ଷ୍ୟ କରିଛି)

ବାଇଡ଼ଙ୍କ — କି ଛୋଟାପିଟା ଫଟୋ ହେଇଛି! ଉଠେଇଲାବାଲାକୁ ମାନିବାକୁ ପଡ଼ିବ। ମଣିଷ ମାରିବ ତ ଏମିତି ଷ୍ଟାଇଲ୍‌ରେ। କି ଷ୍ଟାଇଲ୍!

(ମନକୁ ମନ ହସୁଥିବାବେଳେ ଆସିଛି ଟ୍ରାଫିକ ପୋଲିସ ଝପଟ ସିଂ)

ଝପଟ ସିଂ — 'ଷ୍ଟାଇଲ୍'...!

ବାଇଡ଼ଙ୍କ — ଓ, ଆସିଗଲ। ଆସ। ଆଜି କି ଯୋଗରେ ମଣିଷ ଉଠିଥିଲା କେଜାଣି, କେହି ଜଣେ ବି ଆସୁନାହାନ୍ତି!

ଝପଟ ସିଂ — ବେପାର କ'ଣ ପୂରାପୂରି ମାନ୍ଦା?

ବାଇଡ଼ଙ୍କ — ଏକଦମ୍ ମାନ୍ଦା!

ଝପଟ ସିଂ — ଟ୍ରାନ୍ସଫର ସିଜନ୍। ମନ୍ତ୍ରୀଙ୍କ ପାଖକୁ ନ ଦଉଡ଼ି, ଥାନାକୁ କିଏ କାହିଁକି ଆସିବ!

ବାଇଡ଼ଙ୍କ — ଯାହାକୁହ ଭାଇ, ଏ ନେତା ମନ୍ତ୍ରୀ ସବୁ ଚଳୁ କରି ସାରିଲେଣି। ଆମ ପାଇଁ ଆଉ କିଛି ନାହିଁ।

ଝପଟ ସିଂ — ଆମେ ପରା ଜନତାର ସେବକ।

ବାଇଡ଼ଙ୍କ — ଆଇନ୍‌ର ରକ୍ଷକ! ଏତିକି ନା' ଆଉକିଛି? ଢେର ଥର ତ ଚକ୍କର କାଟିଲାଣି। କ'ଣ କିଛି ବୁଝିପାରୁନ?

Digitized by PPRACHIN, SOA

ଝପଟ ସିଂ	ମୋ କେଶ୍‌ଟା ଟିକିଏ ସାର୍‌ଙ୍କୁ କହି ଏପଟ ସେପଟ କରିଦିଅ। କେତେ ଆଉ କୋଟ କଚେରୀ ଦଉଡ଼ିବି ? ଭାରି ବାଧିଲାଣି।
ବାଇଡ଼ଙ୍କ	ସାପ ଗାତରେ ହାତ ପୂରେଇଛ। ଏଇନେ କାମୁଡ଼ିଲା କହିଲେ, କିଏ ଶୁଣିବ ?
ଝପଟ ସିଂ	ଆମେ ଏକା ଲାଇନ୍‌ର। କିଛି ଗୋଟାଏ କର।
ବାଇଡ଼ଙ୍କ	ଗାଡ଼ିରେ ପେଟ୍ରୋଲ ପକେଇ ପାରିବ ?
ଝପଟ ସିଂ	କୋଉଠୁ ଆଣିବି ! ଯେତେଟା ଗାଡ଼ିମଟର ଅଟକେଇଛି, ସବୁ ତ କୋଉ ମନ୍ତ୍ରୀର କି କୋଉ ନେତାର ! କିଏ ଆଉ ଦବ ?
ବାଇଡ଼ଙ୍କ	ଆଉ ଚିକ୍କଣା କଥା କହିବ ! ଦେଇ.... ଦେଇ...। ବିଡ଼ି ଗୋଟେ ଦିଅ।
ଝପଟ ସିଂ	ବିଡ଼ି ତ ନାହିଁ। ଏଇ ସିଗାରେଟ ପ୍ୟାକେଟ୍‌ରେ ଚଳେଇ ଦିଅ। *(ସିଗାରେଟ ପ୍ୟାକେଟ ଦେଇଛି)*
ବାଇଡ଼ଙ୍କ	ତମର ତାହେଲେ ପ୍ରମୋସନ ହେଇଗଲାଣି ! ତମ ଲାଇନ୍‌ରେ ଯାହାଭଲ ସିଗାରେଟ ମିଳୁଛି। ଆମର...। ଛାଡ଼...। ଖଣ୍ଡିଆ ବିଡ଼ିରେ ଦିନ ବିତିଯାଉଛି। ଯାହା ବା ହୁଅନ୍ତା, ଏ ଥାନାବାବୁଟା ଥିବାଯାଏ କିଛି କରେଇ ଦବନି।
ଝପଟ	ସେଇଟା ବି ମୋର ନୁହେଁ। ଗୋଟାଏ ଗାଡ଼ିବାଲାଠୁଁ ଛଡ଼େଇ ଆଣିଛି। ଦେଖିଲ, ଭଲ ବାସୁଛି। ଫରେନ୍ ସିଗାରେଟ୍ ଖାଇ ଗାଡ଼ି ଚଳେଇବ ! ପୁଣି ଇଣ୍ଡିଆରେ ! କେଶ୍‌ଟା ଛିଡ଼ି ଯାଇଛି।
ବାଇଡ଼ଙ୍କ	ଇଏ ଥାନାବାବୁଟା ଆସିବା ଦିନଠାରୁ ଏ ଯାଗାଟା ପୂରାପୂରି ରସହୀନ ହୋଇଯାଇଛି। ଝାଡ଼ିଝୁଡ଼ି ଆମ୍ଭୁଡ଼ିଲେ ବି ଗୋଟାଏ ବୁନ୍ଦା ରସ ଝରିବନି। ତମ ଲାଇନ୍‌କୁ ନ ଯାଇ ବଡ଼ ଭୁଲ୍ କଲା ମଣିଷ।
ଝପଟ	କାହିଁକି ଖରାତରାରେ ସିଝିଥାନ୍ତ ? ବରଂ ଏଠି ଛାଇମୂଳେ ହାଓ୍ୱା ଡଳେ ଭଲରେ ଅଛ। ଦେଖୁନ....ମୋତେ ଦେଖ। ଏମିତି ନେଇଛି, ଥୋଇବାକୁ ଜାଗା ପାଉନି। ଦେଖି ହଉନି କି ଦେଖେଇ ହଉନି। *(ସିଗାରେଟରେ ଅଗ୍ନି ସଂଯୋଗ କରିଛି ବାଇଡ଼ଙ୍କ)*
ବାଇଡ଼ଙ୍କ	ଭାରି ଭଲ ଜିନିଷ। ପୂରାପୂରି ଏକନମ୍ବରୀ ମାଲ୍।
ଝପଟ	ଫରେନ୍ ଜିନିଷ, ନିଶ୍ଚୟ ଭଲ ହେବ। ଭଲ ଜିନିଷ ଇଣ୍ଡିଆରେ କୋଉ ମିଳୁଛି ଯେ !

Digitized by PPRACHIN, SOA

ବାଇଡ଼ଙ୍କ	ମିଳିଲେ ବି ଆମ ଲୋକ କୋଉ ତାକୁ ରଖେଇଦେବେ । ବେଙ୍ଗ ବାଙ୍ଗ ଉଣ୍ଡି କିଛି ନା କିଛି ମିଶେଇଦେବେ ।

ଝପଟ	ଯାହା କହ ଭାଇ, ଏ ମିଶାମିଶିରେ ଆମ ଦେଶଟା ସମସ୍ତଙ୍କ ଆଗରେ । ପହିଲା ନମ୍ବର । ଏମିତିକା ମାନ କାହାକୁ ମିଳିଛି !

ବାଇଡ଼ଙ୍କ	ଛାଡ଼ ଭାଇ । ନିଜ କଥା ତ ବଳେଇ ଯାଉଛି । ଦେଶ କଥା କିଏ ଭାବୁଛି !

ଝପଟ	ମୋ କଥା କ'ଣ ହେଲା ?

ବାଇଡ଼ଙ୍କ	କ'ଣ କରିବି କହୁନ । ଯାହାର ଆଦିବାସୀ ଏରିଆରେ ପୋଷ୍ଟିଙ୍ଗ ପାଇଁ ଭୟ ନାହିଁ, ତାକୁ କ'ଣ କହିବି । କେମିତି କହିବି !

ଝପଟ	ମତେ ଭାରି ବାଧିଲାଣି ।

ବାଇଡ଼ଙ୍କ	ତାକୁ ବି ଆଉ କୋଉଠି ଜାଗା ମିଳିଲାନି । ସେଇ ଛକଟା ଉପରେ, ପୁଣି ପୁଲିସ୍ ଆଖି ସାମନାରେ ହାଣିବାକୁ ଥିଲା ।

ଝପଟ	କପାଳ ଦୋଷ । କାହାକୁ କହିବି ! ଲୋକଟାକୁ ଛେଳି କାଟିଲା ଭଳିଆ ସୋରା ସୋରା କରି ହାଣି ପକେଇଲା । ଏତେ ଲୋକ ଥିଲେ । କେହି ଜଣେ ବି ପାଟି ଫିଟେଇଲେନି ।

ବାଇଡ଼ଙ୍କ	ଜୀବନକୁ କାହାର ଭୟ ନାହିଁ । ହଉ ଠିକ୍ ଅଛି । ସାର୍‌ଙ୍କ ମୁଡ୍ ଦେଖି ମୁଁ ତାଂକୁ ଜଣେଇବି । ହେଲେ ପଟିଲା ଲୋକ ସିଏ ନୁହନ୍ତି ! ଦେଖାଯାଉ, କ'ଣ ହଉଛି ।

ଝପଟ	ହଉ, ଗୋଟେ ସିଗାରେଟ ଦିଅ, ଯିବା ।

ବାଇଡ଼ଙ୍କ	ଯିଏ ଆସିଛା, ସିଏ ଆସିଲା । ଥାନା ପାଇଖାନା, ଡାକ୍ତରଖାନା, କଂସେଇଖାନା ଏ ସବୁ ଜାଗାକୁ ଯାହା ଯାଏ, ସେ ସବୁ କ'ଣ ଆଉ ଫେରେ ? ଆରେ ଭାଇ ଯାଅ । ଏମିତି ଗୋଟିଏ ଗୋଟିଏ ଫରେନ୍ ଜିନିଷ ଦଉଥାଅ । ତମ କାମ ହେଇ ହେଇ ଥିବ... ।

(ମଞ୍ଚ ଅନ୍ଧକାର)

Digitized by PPRACHIN, SOA

ଅଷ୍ଟମ ଦୃଶ୍ୟ

ସ୍ଥାନ - ଅଫିସ
ସମୟ - ଦିବସ
ଚରିତ୍ର - ସଲିମ୍, ମହୀପାଳ, ବାଇମନ

(ମୁଖ୍ୟମନ୍ତ୍ରୀ ମହୀପାଳ ବାବୁଙ୍କ ଅଫିସ। ନିଜ ଭୂଜାଲିର ଧାର ପରଖୁଥିଲା ଗୁଣ୍ଡା ସଲିମ୍। ସିଗାରେଟ୍‌ରୁ ଧୂଆଁ ଛାଡୁଥିଲେ ମହୀପାଳ। ମୁଖ ମଣ୍ଡଳରେ ଚିନ୍ତାର ସ୍ପଷ୍ଟ ଝଲକ। ଦୀର୍ଘ ସମୟ ଧରି ମହୀପାଳଙ୍କୁ ନୀରବ ରହିବା ଦେଖି ମୁହଁ ଖୋଲିଲି ବାଧହୋଇ ସଲିମ୍)

ସଲିମ — କ'ଣ ଠିକ୍ କଲେ ?

ମହୀପାଳ — କିଛି ଗୋଟାଏ ସ୍ଥିର କରିପାରୁନି।

ସଲିମ — କହିବେ ଯଦି, ତାକୁ ଉଠେଇ ଆଣିବି।

ମହୀପାଳ — ସଦାବେଳେ ଆଇନ୍‌କୁ ହାତକୁ ନେବାଟା ଠିକ୍ ହେବନି। ପେପରବାଲା, ବିରୋଧୀଦଳ ସେହି ସୁଯୋଗକୁ ଅପେକ୍ଷା କରି ବସିଛନ୍ତି।

ସଲିମ — ମୁଁ ସେଗୁଡ଼ାଙ୍କୁ ଠିକ୍ ଚିହ୍ନିଛି। ମାଂସ ଖଣ୍ଡେ ଫିଙ୍ଗିଦେଲେ ପୋଷା କୁକୁର ବି ବାଟ ଛାଡ଼ିଦେବ। ପରୀକ୍ଷା କରି ଦେଖନ୍ତୁ।

ମହୀପାଳ — ମୁଁ ନିଜେ ଆଇନ୍‌ର ରକ୍ଷକ ହୋଇ ସେମିତି କରିବାଟା କ'ଣ ଯୁକ୍ତିଯୁକ୍ତ ହବ ?

ସଲିମ — ସେଇଥିଲାଗି କହୁଥିଲି, ଗଣ୍ଡିରୁ ମୁଣ୍ଡଟା ଅଲଗା କରିଦେଲେ କାମ ଶେଷ।

ମହୀପାଳ — ହଠାତ୍ ଏମିତି ଏକ ସିଦ୍ଧାନ୍ତରେ ପହଂଚି ଯିବାଟା ବୁଦ୍ଧିମାନର କାର୍ଯ୍ୟ ନୁହେଁ। ଆମେ ଜନତାର ପ୍ରତିନିଧି। ଲୋକଙ୍କର ଆମ ଉପରେ ଅଖଣ୍ଡ ବିଶ୍ୱାସ ରହିଛି। ଥରେ ସେ ବିଶ୍ୱାସର ଗଳା ଚିପି ଦେଲେ, ଆଉ ସେମାନଙ୍କ ପାଖକୁ ଯିବା ସମ୍ଭବ ହେବନି। ଯାହା ହେଲେ ବି ତ ମୁଁ ଜନତାଙ୍କ ପ୍ରତିନିଧି। ସେମାନେ ମୋତେ ଭୋଟ ଦେଇ ନିର୍ବାଚିତ କରିଛନ୍ତି।

Digitized by PPRACHIN, SOA

ସଲିମ — ଜନତା ନା' ଛତୁ! ମାଲ୍ ନେଇ ରାତାରାତି ଯେଉଁମାନେ ସ୍ୱର ବଦଳେଇଦେଲେ ସେମାନେ କେବେଠାରୁ 'ଜନତା' ହେଲେ? ଆଉ ଏଇ ଭୁଜାଲି...! ଯା'କୁ ଦେଖି ନଥିଲେ ସେମାନେ ଭୋଟ ଦେଇଥାନ୍ତେ?

ମହୀପାଳ — ମୁଖ୍ୟମନ୍ତ୍ରୀ! ଗୋଟାଏ ରାଜ୍ୟର ମୁଖ୍ୟମନ୍ତ୍ରୀ। ମୁଁ ତ ସାଧାରଣ ମଣିଷ ନୁହେଁ। ମୁଁ ଯେଉଁଠି ପାଦ ରଖିଚି, ସେଠି କଂପନ ସୃଷ୍ଟିହେବ। ତେଣୁ ଗୋଟାଏ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଲେ ଚାରିଆଡ଼କୁ ଚାହିଁ କାମ କରିବାକୁ ହୁଏ।

ସଲିମ — ପ୍ରତି କଥାରେ ଆପଣ ତାର ଆଗ ପଛ ବିଚାର କରି ବସିଲେ।

ମହୀପାଳ — ସେଇଥିପାଇଁ ତ ଆମ ଦିହିଁଙ୍କର ଭିତରେ ଫରକ୍। ସ୍ଥାନ ଅଲଗା ଅଲଗା। ଏକା ମଣିଷ, ହେଲେ ଚିନ୍ତାଧାରା ଭିନ୍ନ। ତୋ ହାତରେ ଭୁଜାଲି, ଆଉ ମୋ ପାଖରେ ଆଇନ୍। ଚେଷ୍ଟାକଲେ ବି ଆମେ ସମାନ ହୋଇପାରିବାନି।

ସଲିମ — ଯେତେଦିନ ପର୍ଯ୍ୟନ୍ତ ଆମେ କ୍ଷମତାରେ ଅଛେ, ସେତେଦିନ ପର୍ଯ୍ୟନ୍ତ ଆମ ହାତ ଚିକ୍କଣ। ଆଇନ ଆମ ପକେଟ୍‌ରେ। ଭୟ କାହିଁକି? ପଇସା ଫିଙ୍ଗିଲେ ସମସ୍ତଙ୍କ ମୁହଁ ବନ୍ଦ। ଆଉ ଯିଏ ପଇସାରେ କାବୁ ନ ହେବ, ସିଏ ଯା'ରି ଦ୍ୱାରା ବାଟକୁ ଆସିବ। *(ଭୁଜାଲି ଧାରରେ ଆଙ୍ଗୁଳି ଚଳାଇଛି)*

ମହୀପାଳ — ସଲିମ୍, ସମାଧାନର ଏଇଟା ଶେଷପନ୍ଥା ନୁହେଁ। ସବୁ ଜିନିଷର ହିସାବ ଛୁରୀ ଭୁଜାଲିରେ ହେଇପାରେନି। ଯୋଉଟା ଛୁଞ୍ଚିରେ ଛିଣ୍ଡିଯିବ, ତା' ପାଇଁ ଖଣ୍ଡା ତରୱାଲ କ'ଣ ଦରକାର? ଅସଲ କଥା ହଉଛି ରାଜନୀତି ଖେଳ ପାଇଁ ମୁଣ୍ଡ ଦରକାର। ଆଉ ମୁଣ୍ଡରେ ମସଲା ଦରକାର।

ସଲିମ — ମୁଁ ଆପଣଙ୍କ କଥାରୁ କିଛି ଧରିପାରୁନି। ଏଇଟା ନୁହଁ, ସେଇଟା ନୁହଁ। କୋଉଟା ତାହେଲେ ଠିକ୍?

ମହୀପାଳ — ତୁ ସିନା ଭୁଜାଲି ଚଳଉଚୁ, ହେଲେ ତୋ ମୁଣ୍ଡରେ ଟିକିଏ ବି ମସଲା ନାହିଁ। ସେ ଲୋକଟାକୁ ମାରି ଦେଇ ତୁ ଠିକ୍ କଲୁନି।

ସଲିମ — ଆପଣ ତ କହିଥିଲେ!

Digitized by PPRACHIN, SOA

ମହୀପାଳ — ମୁଁ କହିଥିଲି, ତା' ହାତ କି ଗୋଡ଼ରୁ ଟାଙ୍କେ ଉଡ଼େଇ ଦେଇ, ତାକୁ ବାଟକୁ ଆଣିବାକୁ। ମୁଁ ତ କହି ନ ଥିଲି ତାକୁ ଜୀବନରେ ମାରିଦେବା ପାଇଁ! ପୁଣି ଛକ ଉପରେ! ସମସ୍ତଙ୍କ ସାମନାରେ!

ସଲିମ — ଆପଣ ତ ଭଲଭାବେ ଜାଣନ୍ତି, ଏ ଖେଳଆ ଖେଳି ଫୋଡ଼ାଫୋଡ଼ିରେ ମୁଁ ବିଶ୍ୱାସ କରେନି। ଯଦି ରକ୍ତ ରଙ୍ଗରେ ମାଟି ଲାଲ୍ ନ ହେଲା, ତାହେଲେ ସେ 'ହୋରୀ'!

ମହୀପାଳ — ଛୋଟିଆ ଭୁଲ୍ ପାଇଁ ଆଜି ଆମକୁ କେତେ ଦାମ୍ ଦେବାକୁ ପଡୁଛି! ବିରୋଧୀବାଲାଏ ମତେ ନାକେ ଦମ୍ କରି ସାରିଲେଣି।

ସଲିମ — କହିବେ ଯଦି ସେମାନଙ୍କ ଭିତରୁ ଗୋଟାଏ ଦି'ଟାକୁ ଉପରକୁ ପଠାଇଦେବି।

ମହୀପାଳ — 'ନା'! ଗୋଟାଏ ଦାଗ ଏ ଯାଏ ଲିଭିନି।

ସଲିମ — କେଉଁମାନେ ଆମକୁ ଅସୁବିଧାରେ ପକଉଛନ୍ତି, ଆପଣ ସେମାନଙ୍କ ଲିଷ୍ଟ ମତେ ଦିଅନ୍ତୁ। ଆପଣଙ୍କୁ କିଛି କରିବାକୁ ପଡ଼ିବ ନାହିଁ। ମୋ କଲା କାମ ମୁଁ କରି ଦେଖେଇଦେବି।

ମହୀପାଳ — ଆରେ ମତେ ଟିକିଏ ଭଲଭାବେ ଚିନ୍ତା କରିବାକୁ ସମୟ ଦେ। କଥା କଥାକେ ଛୁରୀ ଭୁଜାଲି...! ସେଇଟା କ'ଣ ଭଲ ରାସ୍ତା ?

ସଲିମ — ଆପଣ କହୁଥିଲେ ନା' ଆମ ଦିହିଁଙ୍କ ରାସ୍ତା ଅଲଗା। ମୁଁ ମୋ ବାଟରେ କାମ କରିବି। ଏଥର କିନ୍ତୁ ଚିହ୍ନ ଛାଡ଼ି ଯିବିନି।

ମହୀପାଳ — ତୁ ବ୍ୟସ୍ତ ହ'ନି। ଯୋଉଟା ନଖରେ ଛିଣ୍ଡିଯିବ, ତା' ପାଇଁ ଖଣ୍ଡା କ'ଣ ଦରକାର ?

ସଲିମ — ସଲିମ୍ ଖୋପଡ଼ିରେ ସେ ସବୁ କିଛି ପଶିବନି। ଆଇନ ଅପରାଧୀକୁ ମାଫ୍ କରିପାରେ। ହେଲେ ଏ ସଲିମ୍‌ର ଅଦାଲତ ଆଜିଯାଏ କାହାକୁ କ୍ଷମା ଦେଇ ନାହିଁ କି ଦେବ ନାହିଁ। ସେ ରକ୍ତ ଦେଇଜାଣେ। ଆଉ ନେଇ ଜାଣେ।

ମହୀପାଳ — ଠିକ୍ ଅଛି। ଯଥା ସମୟରେ ମୁଁ ତୋ' ହାତରେ ଗୋଟାଏ ବଡ଼ କାମ ଦେବି। ଯଦି ନେଇଥାଣି ଥୋଇ ପାରିଲୁ, ତାହେଲେ ତୋ ଚେହେରା ବଦଳିଯିବ। ଆଉ ଯଦି ସର୍ତ୍ତର ଖିଲାପ୍ ହୁଏ– କ'ଣ ହେବ, ତାହା ମଧ୍ୟ ତୁ ଭଲ ଭାବେ ଜାଣିଛୁ।

ସଲିମ — ସଲିମ୍ ଆପଣଙ୍କର ନମକ୍ ଖାଇଛି। ବେଇମାନୀ ତା' ଜାତକରେ ନାହିଁ। ମୋ ଡିଉଟିରେ ମୁଁ କେବେ ଖିଲାପ୍ କରିନି କି କରି ପାରିବିନି। ଆପଣ ସେ ଭରସା ମୋ ଉପରେ ରଖନ୍ତୁ। ସଲିମ୍ ମଣିଷ ନହେଁ,

Digitized by PPRACHIN, SOA

ଜାନୁଆର୍। ଜାନୁଆର୍‌ଠାରୁ ବିଶ୍ୱସ୍ତ ପ୍ରାଣୀ ଏ ଦୁନିଆରେ ଦୁର୍ଲଭ। ଜାନୁଆର ଯେତିକି ହିଂସ୍ର ସେତିକି ବିଶ୍ୱସ୍ତ। ମୁନିବର କ୍ଷତି ହବାକୁ ସେ କେବେ ଦବନି।

ମହୀପାଳ ଅଭିଜିତ୍‌ର ଘର ଦେଖିଛୁ ? ସାମ୍ବାଦିକ...! ରିପୋର୍ଟର ଅଭିଜିତ୍ ଦାସ୍। 'ସତ୍ୟବଚନ' ଖବରକାଗଜର ରିପୋର୍ଟର ! ଲୋକଟା ଭାରି ତେନ୍ଦା। ଜାଣିଛୁ ?

ସଲିମ ମୁଁ ଭାବିଥିଲି, ଆପଣ ସିଂହ କି ବାଘକୁ ଜୀଅନ୍ତା ଧରିବାକୁ କହିବେ। ସତକଥା ହେଉଛି, ଏ ଟିକି ଟିକି ମୂଷା, ଅସରପା ମୋ ଲିଷ୍ଟରେ କେବେ ବି ନ ଥାନ୍ତି। ସେମାନଙ୍କୁ ଜାଣିବା କ'ଣ ଦରକାର ?

ମହୀପାଳ ତୁ ଯାହାକୁ ମୂଷା ବୋଲି କହୁଛୁ, ସେଇଟା ସାଧାରଣ ମୂଷା ନୁହେଁ, ପାହାଡ଼ି ମୂଷା ! ଦରକାର ପଡ଼ିଲେ ପାହାଡ଼ ବି ଟଳେଇଦବ।

ସଲିମ ଆପଣ କ'ଣ ଚାହୁଁଛନ୍ତି ? ତା' ଗଣ୍ଡି ନା' ମୁଣ୍ଡ ? ଜୀବିତ ନା' ମୃତ ? ଏମିତି ଜାଗାରେ ବଧ କରିବି, କୁକୁର କି ପୋଲିସ୍ କେହି ତାର ସନ୍ଧାନ ପାଇବେନି।

ମହୀପାଳ ତୁ ତା' ଘର ଦେଖିଛୁ ?

ସଲିମ ଏମାନେ କେବେ ବି ମୋ ହିସାବରେ ନ ଥାନ୍ତି। ଆଉ ଦରକାର ପଡ଼ିଲେ, ଠିକଣା ପାଇବାକୁ ବେଶି ସମୟ ଲାଗିବନି। ଏ ସହରରେ ଏମିତି ଜାଗା ନାହିଁ, ଯୋଉଠି ମୋ ଲୋକ ନାହାନ୍ତି !

ମହୀପାଳ କ'ଣ କରିବାକୁ ହେବ, ଯଥା ସମୟରେ ତୋତେ ଜଣେଇ ଦିଆଯିବ।

ସଲିମ କ୍ଷମତାରେ ଥାଇ ବି ଆପଣ ଭୟ କରୁଛନ୍ତି ?

ମହୀପାଳ ଭୟ ନୁହେଁ, ବିବେକର ଦଂଶନ। ମୋର ଏଇଠୁ ତ ରାଜନୀତି ଶେଷ ହଉନି। ଆହୁରି ଅନେକ କିଛି କରିବାକୁ ବାକି ଅଛି। ସେଇଥିପାଇଁ ମୋତେ ଉପର ତଳ ଚାହିଁବାକୁ ପଡୁଛି। ନଚେତ୍ ତାକୁ ସାବାଡ଼୍ କରିବାକୁ ମୋତେ ମିନିଟ୍ଏ ବି ଲାଗନ୍ତାନି।

ସଲିମ ତାହେଲେ କେତେଦିନ ଏମିତି ନିଜ ଭିତରେ ନିଜେ ଛଟପଟ ହଉଥିବ ?

ମହୀପାଳ ବାଇମନ ବାବୁଙ୍କୁ ଡକେଇଛି। କିଛିଗୋଟାଏ ନିଷ୍ପତ୍ତି ନେବାକୁ ପଡ଼ିବ। ତା' ନହେଲେ ସମାଜରେ ଆମର ଭାବମୂର୍ତ୍ତି ନଷ୍ଟ ହୋଇଯିବ।

ସଲିମ ବାଇମନବାବୁ କୋଉ ଭଲ ଲୋକ !

Digitized by PPRACHIN, SOA

ମହୀପାଳ — ଆରେ ରାଜନୀତିରେ କେହି କାହାରି ମିତ୍ର ନୁହନ୍ତି କି ଶତ୍ରୁ ନୁହନ୍ତି ।

(କଲିଙ୍ଗ ବେଲ୍ ବାଜିଛି । ଚାହିଁଛି ସଲିମ୍)

ମହୀପାଳ — ବାଇମନ ବୋଧେ ଆସିଲା ! ତୁ ଯାଆ । ମୁଁ ଯଥା ସମୟରେ ତୋତେ ଖବର ଦେବି ।

(ବାହାରି ଯାଉଛି ସଲିମ୍ । ଆସିଛନ୍ତି ବାଇମନ)

ବାଇମନ — ହଠାତ୍ ମୋଠି କ'ଣ ଦରକାର ପଡ଼ିଲା ?

(ପରସ୍ପରକୁ କୋଳେଇ ନେଇଛନ୍ତି)

ମହୀପାଳ — ବିନା କାମରେ ଏ ମହୀପାଳ କାହାକୁ ଡାକିଲାଣି ନା' ଡାକିବ ? ଆଉ, ପିଲାମାନେ କେମିତି ଅଛନ୍ତି ?

ବାଇମନ — କାହା କଥା କହିବି ? ଓରିଜିନାଲ୍ ନା' ଡୁପ୍ଲିକେଟ ? କାହା କଥା ?

ମହୀପାଳ — ଯାହା କହ ବାଇମନ, ବୟସ ବଢ଼ିଲା, ହେଲେ ସ୍ୱଭାବଟା ବଦଳିଲାନି । ଯେମିତି ଥିଲା, ସେମିତି ।

ବାଇମନ — ଝିଅ ବାହାଘର କଥା କ'ଣ ହେଲା ?

ମହୀପାଳ — ଭଲ ପାତ୍ରଟିଏ ମିଳିଲେ ତ !

ବାଇମନ — ହଇହୋ, ତମକୁ ପୁଣି ପାତ୍ର ଅଭାବ ! ଆହେ, ଯଦି ନ ମିଳୁଛି, ସୃଷ୍ଟି କରାଅ ।

(ଉଭୟ ଖୋଲା ହସ ହସିଛନ୍ତି)

ବାଇମନ — ଆଉ, କାହିଁକି ଡକେଇଥିଲ ?

ମହୀପାଳ — ତମର ସେ ବଗୁଲିଆ ପିଲାଯାକ ବିଧାନସଭାରେ କାହିଁକି ଏମିତି ବାଡ଼େଇ ପିଟି ହଉଛନ୍ତି ? କ'ଣ ଦରକାର ତାଙ୍କର, କହୁ ନାହାନ୍ତି ! ମୁଁ କ'ଣ ଦବାକୁ ମନାକଲି ? ତାପରେ ତମେ ତ ଭଲଭାବେ ଜାଣ, ଏ ଦିଆନିଆରେ ମୁଁ କାର୍ପଣ୍ୟ କରେନା ।

ବାଇମନ — ବାଲୁଙ୍ଗୀଦଳଙ୍କୁ କ'ଣ ପାରିହଉଛି !

ମହୀପାଳ — ଟ୍ରେନିଙ୍ଗ୍‌ର ଅଭାବ ।

ବାଇମନ — ଆଗେ ଖଣ୍ଡିଉଡ଼ା ଦଉଥିଲେ । ଏବେ ଡେଣା ପାକଳ ହେଇଗଲାଣି । ଚରିବୁଲି ଖାଇବାକୁ ଇଚ୍ଛା । ହେଲେ ସୁଯୋଗ ମିଳୁଛି କୋଉଠୁ !

ମହୀପାଳ — ହଁ, ବୁଢ଼ା ମାଙ୍କଡ଼ମାନେ ଥିବାଯାଏ ଛୁଆମାନଙ୍କୁ କିଏ ପଚାରେ ! ସେମାନେ କେମିତି ଜାଣିବେ, ଏ ନେତା ପଦ ପାଇଁ ଆମକୁ କେତେ ସଂଗ୍ରାମ କରିବାକୁ ପଡ଼ିଛି ।

Digitized by PPRACHIN, SOA

ବାଇମନ — କେତେ ଘର ଉଜୁଡ଼ିଛି ! ପୁଣି କେତେ ଘର ନୂଆ କରି ମୁଣ୍ଡ ଟେକିଛି ! ଆମରି ଆଗରେ ସେମାନେ ଜନମ ହେଉଛନ୍ତି । ରାତି ନ ପାହୁଁଣୁ ରାବିବା ଆରମ୍ଭ କରିଦେଲେଣି । କି ଯୁଗ ହେଲା ।

ମହୀପାଳ — ଆରେ ଭାଇ ଆଜିକା ଛୁଆ ଓଳିଆରୁ ଗଜା । ଯେତେ ଯାହା ହଉ ପଛେ, ମଗୁଆଳ ଯଦି ଠିକ୍ ଥିବ, ସେମାନେ ଯିବେ କୁଆଡ଼େ !

ବାଇମନ — ବେଳେବେଳେ ଏମିତି ବିତଣ୍ଡା ଯୁକ୍ତି କରୁଛନ୍ତି ମତେ ବି ଡର ଲାଗୁଛି ।

ମହୀପାଳ — କୁଆର ଭଟା ତ ଲାଗି ରହିଛି । କେତେବେଳେ ତମେ ଗାଦିରେ ତ, କେତେବେଳେ ମୁଁ ଗାଦିରେ । ଆମ ପାଇଁ ଯିବା ଆସିବା ସମାନ । ପିଲାମାନଂକୁ ଟିକିଏ ବୁଝେଇଦିଅ । କଥାଟାକୁ କାହିଁକି ଗଣ୍ଠି ପକେଇ ବସିଛନ୍ତି ?

ବାଇମନ — ଛକ ଉପରେ ଲୋକଟାକୁ ମାରି ଠିକ୍ କଲନି ।

ମହୀପାଳ — ସେମାନେ ତ ଦଳର ଶୃଙ୍ଖଳିତ ସେବକ.... ସୈନିକ । ଛକ ଉପରେ ସୈନିକ ମରିବନି ତ ଆଉ କ'ଣ ନେତା ମରିବ ! ଏ ଖେଳ ତ ସବୁ ଯୁଗରେ ଚାଲିଛି, ଚାଲୁଥିବ । ତା' ପାଇଁ ଗୋଟାଏ ଚିନ୍ତା କ'ଣ ?

ବାଇମନ — ବଗୁଲିଆ ପିଲାଗୁଡ଼ାକ !

ମହୀପାଳ — ତାଂକୁ ବୁଝେଇ ଦଉନ । ଆରେ ଆଜି ଆମେ ଶାସନରେ ଅଛୁ, କାଲି ତମ ପାଳି । ତମେ କ'ଣ ହଇରାଣରେ ପଡ଼ିବନି ? ସେତେବେଳେ ଆମ ପିଲାଏ ଛାଡ଼ିଦେବେ ?

ବାଇମନ — ''ଆହାରେ ଭଲ ମନ୍ଦ ନାହିଁ
ଯେ ଯାନେ ଯେମନ୍ତ ମିଳଇଁ''
(ଦୁହେଁ ହସି ଉଠିଛନ୍ତି)

[ମଞ୍ଚ ଅନ୍ଧକାର]

Digitized by PPRACHIN, SOA

ନବମ ଦୃଶ୍ୟ

ସ୍ଥାନ - ଥାନା
ସମୟ - ଦିବସ
ଚରିତ୍ର - ବାଇଡ଼ଙ୍କ, ପୋ:ଇ:, ଅଳକା, ପରମଗୁରୁ, ଅଭିଜିତ୍
(ସହର ତଳିର ସେହି ଥାନା। ଥାନା ଭିତରେ ନୀରବତା, ଥାନାବାବୁଙ୍କର ହଠାତ୍ ଟ୍ରାନ୍ସଫର ହୋଇଥିବାରୁ ସେ ମନଦୁଃଖରେ ବସିଛନ୍ତି। ତାଂକ ଦୁଃଖରେ ସମଭାଗୀ ପୋଲିସ କନେଷ୍ଟବଳ ବାଇଡ଼ଙ୍କ)

ବାଇଡ଼ଙ୍କ — ସାର୍, ମୁଁ ଆପଣଂକୁ ଥରେ ନୁହେଁ, ଅନେକ ଥର କହିଛି। ନଈ ମଝିରେ ଘର କରି କୁମ୍ଭୀର ସଙ୍ଗେ କଳି କରିବ? ଏବେ କ'ଣ କରିବେ? ମୁଁ ଆଗରୁ ଜାଣିଥିଲି, ଏଇଆ ହବବୋଲି। କାହିଁକି ଝାମେଲାରେ ମୁଣ୍ଡ ପୂରାଉଥିଲେ? ଟ୍ରାନ୍ସଫର ତ ହେଇଗଲା! କିଏ ଏବେ ପିଠିରେ ପଡ଼ିବ?

ପୋ:ଇ: — ବାଇଡ଼ଙ୍କ, ସତ୍ୟର ବିଜୟ ହେବ। ସତ୍ୟ ହେଉଛି ସେହି ଆଲୋକ ଶିଖା, ଯାହାକୁ ନିବୁଜ କୋଠରୀ ମଧ୍ୟରେ ଆବଦ୍ଧ କଲେ ମଧ୍ୟ, କୌଣସି ନା' କୌଣସି ଛିଦ୍ର ଦେଇ ତାହା ନିଶ୍ଚୟ ପ୍ରକାଶିତ ହେବ।

ବାଇଡ଼ଙ୍କ — ସତ୍‌ପଥରେ ଚାଲି ଚାଲି କ'ଣଟା ପାଇଲେ? ବିଖ୍ୟାତ ଆଦିବାସୀବହୁଳ ଅଞ୍ଚଳକୁ ଟ୍ରାନ୍ସଫର! ଏଇତ ସତ୍ୟର ପୁରସ୍କାର! ଏଇତ ସଚ୍ଚୋଟ ମଣିଷର ମୂଲ୍ୟ!

ପୋ:ଇ: — ଚିରଦିନ ଚୋର ଘରେ ଆଲୁଅ ରହେନି। ଯେତେବେଳେ ଅନ୍ଧାର ଆସିବ, ଭୀଷଣ ଭୟାନକ ହେବ ତାର ସ୍ୱରୂପ। ସେତେବେଳେ ତାକୁ ସାମନା କରିବାକୁ ସେମାନଙ୍କର ସାମର୍ଥ୍ୟ ନ ଥିବ!

ବାଇଡ଼ଙ୍କ — ସେମାନଙ୍କର ତ ଯାହା ହେବ, ହେବ। ଛାଡ଼ନ୍ତୁ। ହେଲେ ଆପଣ କ'ଣ ପାଇଲେ?

Digitized by PPRACHIN, SOA

ପୋ:ଇ: ଏ ଟ୍ରାନ୍ସଫରଟା କିଛି ସମୟ ପାଇଁ ମୋତେ ବିଚଳିତ କରିଦେଇଛି। ହେଲେ ସବୁ ସମୟ ପାଇଁ ନୁହେଁ। ମୋ ହାତକୁ ଥରେ ସୁଯୋଗ ଆସୁ। ମୁଁ ସେମାନଙ୍କୁ ବିଚ୍‌ବଜାରେ ହାତକଡ଼ା ଦେଇ ଚଲେଇ ଚଲେଇ ନେବି।

ବାଇଡ଼ଙ୍କ : ସେମାନଙ୍କର କିଛି ହବନି, ସାର୍। ଯଦି ସମସ୍ତଙ୍କ ଆଗରେ ଇଣ୍ଡା କରିଦିଅନ୍ତି, ତଥାପି ସେମାନଙ୍କୁ ବାଧିବନି। ଅତି ଅଲାଜୁକ ହେଲେ ଏ ଲାଇନ୍ ଧରନ୍ତି।

ପୋ:ଇ: ହେଲେ ମୁଁ ସେମାନଙ୍କୁ ଛାଡ଼ିବିନି। ସମସ୍ତଙ୍କ ଅସଲ ଚେହେରା ଜନତାଙ୍କ ସମ୍ମୁଖରେ ଖୋଲିଦେବି।

ବାଇଡ଼ଙ୍କ ସେ ସୁଯୋଗ ସେମାନେ ଆପଣଙ୍କୁ ଦେଲେ ତ? ମଣିଷ ଅତି ଧୂର୍ତ୍ତ ହେଲେ ରାଜନୀତି କରେ। ମହୀପାଳ ଆଉ ବାଇମନଙ୍କୁ ଦେଖୁନାହାନ୍ତି। ଦି'ଟା ଯାକ ଶାଗୁଣା। କେହି କାହାକୁ ଭଣା ନୁହଁନ୍ତି। ଅନ୍ୟକୁ ସେମାନେ କେବଳ ଭିଣି ଜାଣନ୍ତି। ବଂଚେଇ ଜାଣନ୍ତିନି। ନିଜ ସ୍ୱାର୍ଥ ଛଡ଼ା ଆଉ ସେମାନେ କିଛି ଜାଣନ୍ତି ନାହିଁ।

ପୋ:ଇ: ଆମ ଲୋକ ଯଦି ଥରେ ମୁହଁ ଖୋଲିଥାନ୍ତେ ଦେଶର ଆଜି ଏ ଅରାଜକତା ଦେଖା ଦେଇନଥାନ୍ତା।

ବାଇଡ଼ଙ୍କ : ସେମାନେ ଗୋଟିଏ ଗୋଟିଏ ବିଛୁଆତି।

ପୋ:ଇ: : ହେଲେ ମୁଁ ସେମାନଙ୍କୁ ଛାଡ଼ିବିନି।

ବାଇଡ଼ଙ୍କ : ଥରେ ଆଦିବାସୀ ଏରିଆକୁ ଯାଆନ୍ତୁ, ବଳେ ଜାଣିଯିବେ। ଜୀବନର ବାକିତକ ସମୟ ସେଇଠି କଟିଯିବ। ଆଉ ରାଜଧାନୀ ସ୍ୱପ୍ନ ଦେଖିବାକୁ ଆପଣଙ୍କୁ ସମୟ ମିଳିବନି। ଚେଷ୍ଟାକଲେ ମଧ୍ୟ ଆପଣ ପାରିବେନି।

(ଦୂରରୁ ଏଡ଼ିଟରଙ୍କୁ ଆସୁଥିବାର ଲକ୍ଷ୍ୟକରିଛି)

ବାଇଡ଼ଙ୍କ : ସାର୍, ସଇତାନ୍‌ଟା ଆନାକୁ ଆସୁଛି। ଟିକିଏ ହୁସିଆର ଥିବେ।

ପୋ:ଇ: : ହୁଁ, ଏଡ଼ିଟର! ସମ୍ବାଦପତ୍ର ଇତିହାସର ଗୋଟାଏ କଳଂକିତ ନାୟକ। ସ୍ୱାର୍ଥ ପାଇଁ ମଣିଷ...ଛି...ଛି!!

(ଥାନାକୁ ଆସିଛନ୍ତି ପରମଗୁରୁ)

ପରମଗୁରୁ ଅସମୟରେ ଆପଣଙ୍କୁ ଅସୁବିଧାରେ ପକାଉଥିବାରୁ ମୁଁ ଦୁଃଖିତ।

Digitized by PPRACHIN, SOA

ପୋ:ଇ: ନାଇଁ...ନାଇଁ...। ଆମ ପାଇଁ ସମୟ ଅସମୟ ମ'ଣ? ଆପଣମାନଙ୍କ ସେବା କରିବା ପାଇଁ ତ ଆମେ ରହିଛୁ। ଆଉ ହଠାତ୍ ଥାନାରେ କ'ଣ କାମ ପଡ଼ିଲା? କୁହନ୍ତୁ କି ସେବା ମୁଁ କରିପାରିବି? ଆରେ ବସନ୍ତୁ।

(ପରମଗୁରୁ ଚେୟାର ଉପରେ ବସିଛନ୍ତି)

ପୋ:ଇ: କିଛି ଖାସ୍ କାମ?

ବାଇଡ଼ଙ୍କ : ସାର୍, ଆଜି ଆକାଶ ପୁରାପୁରି ପରିଷ୍କାର। ଖଣ୍ଡିଏ ବି ମେଘ ନାହିଁ।

(ପରମଗୁରୁ ଚାହିଁଛନ୍ତି ବାଇଡ଼ଙ୍କ ଆଡ଼େ)

ପୋ:ଇ: ତମେ ଯାଅ। ଦରକାର ପଡ଼ିଲେ ଡ଼କାଇବି।

(ବାଇଡ଼ଙ୍କ ମୁରୁକି ହସି ଚାଲିଯାଉଛି)

ପରମଗୁରୁ ଆଉ, ଇନ୍‌ସପେକ୍ଟରବାବୁ! କୁହନ୍ତୁ, କେମିତି ଅଛନ୍ତି? ସବୁ ଭଲ ତ?

ପୋ:ଇ: ପୋଲିସ୍‌ବାଲା ତ ଜନତାର ସେବକ। ସେମାନଙ୍କର ପୁଣି ଭଲ ମନ୍ଦ ଗୋଟାଏ କ'ଣ!

ପରମଗୁରୁ ଆପଣଙ୍କ ସ୍ୱର ଟିକିଏ ଦବିଲା ଭଳି ଜଣାପଡୁଛି।

ପୋ:ଇ: ଆପଣମାନଙ୍କ ରାଜୁତିରେ କାହାରି ସ୍ୱର ଉଠିଲାଣି ନା' ଉଠିବ ! ଅବଶ୍ୟ ଏଠି ସବୁକିଛି ସମ୍ଭବ। ଏଇ ଦେଖୁନାହାନ୍ତି ସତ କଥା ଛାପି ଲୋକେ ତ ପୁଣି ତାକୁ ଅସ୍ୱୀକାର କରୁଛନ୍ତି! କ୍ଷମା ପ୍ରାର୍ଥନା କରୁଛନ୍ତି।

ପରମଗୁରୁ ଏ କଥାଟା କାହାକୁ ଲକ୍ଷ୍ୟ କରି କହୁଛନ୍ତି?

ପୋ:ଇ: ଆପଣ ଠିକ୍ ଜାଣିଛନ୍ତି। 'ସତ୍ୟବଚନ' ଭଳି ସମ୍ବାଦପତ୍ରକୁ ମାତ୍ର କେଇଟା ଟଙ୍କା ପାଇଁ ବନ୍ଧା ପକେଇ ଦେଲେ? ଖବର କାଗଜର ନୀତି ନିୟମକୁ ଜଳାଂଜଳି ଦେଇଦେଲେ? ଏତେବଡ଼ ଘଟଣାକୁ ଲୋକଲୋଚନକୁ ଆଣି, ଅଥଚ ରାତାରାତି ସ୍ୱର ବଦଳାଇ ଦେଲେ?

ପରମଗୁରୁ ଇନ୍‌ସପେକ୍ଟର, ତମେ କାହା ସାଙ୍ଗରେ କଥାବାର୍ତ୍ତା କରୁଛ, ଜାଣିଛ ତ?

ପୋ:ଇ: ଉଁ....ହୁଁ...ଏତେ ଶୀଘ୍ର ଗରମ ହୁଅନ୍ତୁନି। ଯିଏ ଯେତେ ଶୀଘ୍ର ଗରମ ହୁଏ, ସେତେ ଶୀଘ୍ର ଥଣ୍ଡା ହୁଏ। ମହାପାତ୍ରବାବୁ କେତେ ଦେଲେ?

Digitized by PPRACHIN, SOA

ପରମଗୁରୁ ଇନ୍‌ସପେକ୍ଟର, ମୋତେ ଉତ୍ତେଜିତ କରନି। ଯେଉଁ ବିଷୟ ତମ ଅଧିକାର ବାହାରେ, ସେ ବିଷୟରେ ମୁଣ୍ଡ ଖେଳାଅନି। ଯେତିକିରେ ଅଛ, ବରଂ ସେତିକିରେ ରହିବାକୁ ଚେଷ୍ଟାକର।

ପୋ:ଇ: ମୋ ପୋଜିସନ୍ ବିଷୟରେ ମୁଁ ସଦାବେଳେ ସଚେତନ।

ପରମଗୁରୁ ଯେଉଁ ବିଷୟରେ ମୋର ରୁଚି ନାହିଁ, ସେ ବିଷୟରେ ଆଲୋଚନା ନ କଲେ ବରଂ ଭଲ।

ପୋ:ଇ: ରୁଚି! ହଁ! 'ସତ୍ୟବଚନ' ଯେତେବେଳେ ସତ୍‌ପଥରୁ ଓହରି ଯାଇଛି, ସେତେବେଳେ ଆପଣଂକ ରୁଚି ଆଉ ଅରୁଚିକୁ କିଏ ପଚାରେ।

ପରମଗୁରୁ ଇନ୍‌ସପେକ୍ଟର! ତମେ ଭୁଲିଯିବା ଉଚିତ୍ ନୁହେଁ ଯେ ମୁଁ ଗୋଟାଏ ପେପରର୍ ଏଡ଼ିଟର!

ପୋ:ଇ: ସେଇଟା ହଉଛି ସରକାରୀ ଉଚ୍ଛିଷ୍ଟରେ ଉଦରଭରଣ କରୁଥିବା ଗୋଟାଏ ପେପର୍। ନେତା ମନ୍ତ୍ରୀଙ୍କ ପଦଲେହନ କରିବା ଯାହାର ନିତିଦିନିଆ ଧର୍ମ। ତୋଷାମଦ କରିବା ଯାହାର କର୍ତ୍ତବ୍ୟ। ଆଉ ବେଶିଦିନ ତାକୁ ବରଦାସ୍ତ କରାଯାଇ ପାରେନା। ସତ୍ୟବଚନର ଅସଲ ଚେହେରାକୁ ଏ ଦେଶର ଜନତା ଜାଣି ସାରିଲେଣି।

ପରମଗୁରୁ ଇନ୍‌ସପେକ୍ଟର, ନିଜ ଉପରେ ବହୁତ ଭରସା! ଆଉ କେଇ ଘଣ୍ଟାପରେ ପ୍ରେମାଞ୍ଜନ ପରିଡ଼ାକୁ ଚାର୍ଜ ହାଣ୍ଡ ଓଭର କରିବ। ତା'ସତ୍ତ୍ୱେ ବି....

ପୋ:ଇ: ଓ, ସେଇଥିପାଇଁ ତାହେଲେ ସତ୍ୟବଚନ ମୋ ପ୍ରତିବାଦଟା ଛାପିଲା ନାହିଁ!

ପରମଗୁରୁ ସତ୍ୟବଚନର ଗୋଟାଏ ନିଜସ୍ୱ ପଲିସି ଅଛି। ଯାହା ଇଚ୍ଛା ତାହା ତ ଛାପିହେବନି।

ପୋ:ଇ: ହଉ, ତାହେଲେ ଏଥର କାମ ଉପରକୁ ଆସନ୍ତୁ। ଆଗମନର ଉଦ୍ଦେଶ୍ୟ ?

ପରମଗୁରୁ ଗୋଟାଏ କମ୍ପ୍ଲେନ୍ ନେଇ ଆସିଥିଲି।

(କାଗଜଟି ବଢ଼ାଇ ଦେଇଛନ୍ତି ପୋ:ଇ:କୁ)

(ଅଭିଯୋଗ ପତ୍ରଟି ଉପରେ ଥରେ ଦୃଷ୍ଟି ବୁଲାଇ ନେଇଛନ୍ତି ପୋ:ଇ:)

Digitized by PPRACHIN, SOA

ପୋ:ଇ: ଏ ଗୁଡ଼ାକ ସବୁ ଡ୍ରାହା ମିଛ। ଅଭିଯୋଗ ପୁରାପୁରି ମନଗଢ଼ା। ଉଦ୍ଦେଶ୍ୟ ମୂଳକ। ଅଭିଜିତ୍ ଭଳି ଡେଡ଼ିକେଟେଡ୍ ସାମ୍ବାଦିକ, ପୁଣି ଆପଣଂକ କାଗଜର ଲୋକମାନଂକୁ ମତେଇ ଧର୍ମଘଟ କରେଇବ! ଅସମ୍ଭବ! ବିନା କାରଣରେ ?

ପରମଗୁରୁ ମୋ କାଗଜରୁ ସସ୍‌ପେଣ୍ଡ ହେଲାପରେ କ'ଣ ଆଉ ସେ କରିଥାନ୍ତା ?

ପୋ:ଇ: ଆପଣ ସସ୍‌ପେଣ୍ଡ କରିଛନ୍ତି, ନା'ସେ ନିଜ ଇଚ୍ଛାରେ କାଗଜ ଛାଡ଼ି ଦେଇଛନ୍ତି ? କେଉଁଟା ତାହେଲେ ସତ ? କିଏ ତେବେ ସତ କହୁଛନ୍ତି ? ସିଏ ନା' ଆପଣ ?

ପରମଗୁରୁ ମୁଁ ମିଛ କହୁଛି ?

ପୋ:ଇ: ଦିନରେ ଗୋଟାଏ ରୂପ ଆଉ ରାତିରେ ଭିନ୍ନ ଗୋଟାଏ ଭେକ। ପ୍ରକାଶ୍ୟ ଦିବାଲୋକରେ ରଙ୍ଗ ବଦଳାଉଥିବା ଗୋଟାଏ ଦଲାଲଠାରୁ କିଏ ବା କାହିଁକି ସତ୍ୟ ଆଶାକରିବ ?

ପରମଗୁରୁ ଇନ୍‌ସପେକ୍ଟର, ମୁହଁ ସମ୍ଭାଳି କଥାବାର୍ତ୍ତା କର। ପରିଣତି ଭଲ ହେବନି, କହିଦଉଛି।

ପୋ:ଇ: ଅନ୍ୟାୟରବି ଗୋଟାଏ ସୀମା ଅଛି! ଅଭିଜିତ୍ ଭଳି ରିପୋଟରକୁ କଗଜରୁ କାଢ଼ି ଆପଣ ଆଦୌ ଠିକ୍ କରିନାହାନ୍ତି!

ପରମଗୁରୁ କୋଉଟା ଠିକ୍, କୋଉଟା ଭୁଲ୍ - ସେ କଥା ମତେ ଶିଖାଇବା ଦରକାର ନାହିଁ। କେତେଟା ମିନିଟ୍ ପରେ ଏ ଚେୟାର ତମେ ଛାଡ଼ିବ। ବାସ୍, ତା' ପରବର୍ତ୍ତୀ ସମୟ କଥା ଚିନ୍ତାକର।

[ଝଡ଼ ବେଗରେ ପ୍ରବେଶ କରିଛନ୍ତି ଅଭିଜିତ୍। ହାତରେ କୋର୍ଟର ଘୋଷଣା ନାମା]

ଅଭିଜିତ ଆଉ ଚିନ୍ତା କରିବାକୁ ପଡ଼ିବନି, ମିଷ୍ଟର ଦଲାଲ 'ଆଇ ମିନ୍' ଏଡ଼ିଟର ପରମଗୁରୁ! ଆପଣମାନଂକର ସବୁ ଚେଷ୍ଟା ପଣ୍ଡ ହୋଇ ଯାଇଛି। ଟ୍ରାନ୍ସଫର ଉପରେ ହାଇକୋର୍ଟ ଷ୍ଟେ ଅଡ଼ର ଦେଇଛନ୍ତି। ନିଅନ୍ତୁ ଇନ୍‌ସପେକ୍ଟରବାବୁ, ଆପଣଂକ କପି ମୁଁ ସିଧା କୋର୍ଟରୁ ଆଣିଛି। *[ପରମଗୁରୁର ଅଭିଯୋଗ ପତ୍ରଟିକୁ ଚିରି ଟିକି ଟିକି କରି ଫିଙ୍ଗି ଦେଇ ଛଡ଼ି ପୋ:ଇ:]*

ପରମଗୁରୁ : 'ଇନ୍‌ସପେକ୍ଟର'!

ଅଭିଜିତ : ଯାଆନ୍ତୁ, ଘରେ ବସି ଅଣ୍ଡା ମିଜାଜ୍‌ରେ ପରିବର୍ତ୍ତୀ ଯୋଜନା ବିଷୟରେ ଚିନ୍ତା କରିବେ। ହଁ, ଆପଣଂକ ପାର୍ଟନର ମହୀପାଳବାବୁଙ୍କୁ ମଧ ଜଣାଇଦେବେ।

[ଦାନ୍ତ କଡ଼ ମଡ଼ କରି ଚାଲି ଯାଇଛି ପରମଗୁରୁ। ପୋ:ଇ: କୁଣ୍ଢାଇ ଧରିଛି ଅଭିଜିତ୍‌କୁ]

Digitized by PPRACHIN, SOA

ପୋ:ଇ: ଏଇ ଟ୍ରାନ୍ସଫର ନେଇ ମୁଁ କିଛିଟା ଅପସେଟ୍ ହୋଇ ପଡ଼ିଥିଲି। ଯା'ହଉ ଶେଷରେ ଈଶ୍ୱର ଆମ ଡାକ ଶୁଣିଲେ।

ଅଭିଜିତ ଯିଏ ସାଧାରଣ ଜନତା ପାଇଁ ରାତିଦିନ ଲଢୁଛି ତା' ପାଇଁ ଈଶ୍ୱର ଅଛନ୍ତି।

ପୋ:ଇ: ବଦମାସ୍, କମପ୍ଲେନ ଲେଟର ନେଇ ଆସିଥିଲା ! ଅଭିଯୋଗଟା ହଉଛି, ଅଭିଜିତ୍ ଖବରକାଗଜର ଲୋକମାନଙ୍କୁ ମତେଇ ଧର୍ମଘଟ ପାଇଁ ଉସ୍କାଉଛି। ଲୋକଟା କେଡ଼େ ଧୂର୍ତ୍ତ !

ଅଭିଜିତ ଏଣିକି ସେମାନଙ୍କ ଅସଲ ଚେହେରାଟା ଆମକୁ ଖୋଲି ଦେବାକୁ ପଡ଼ିବ।

ପୋ:ଇ: ଆମେ ନିଶ୍ଚୟ ଜିତିବା। ଆଜିର ସଫଳତା ହଉଛି ଆମ ଜୟଯାତ୍ରାର ପ୍ରଥମ ପାହାଚ।

ଅଭିଜିତ ରାଜଧାନୀର ଅନେକ କଳାବଜାରୀ ମୁନାଫାଖୋର୍‌ଙ୍କ ସହିତ ମହୀପାଳର ଭିତିରି ସଂପର୍କ ଅଛି। ରାତି ବାରଟା ପରେ ମହୀପାଳର ଅଫିସ କାମ ଆରମ୍ଭ ହୁଏ। ଏମାନେ ସମସ୍ତେ ସେଇଠି ଏକତ୍ରିତ ହୁଅନ୍ତି

ପୋ:ଇ: ହଁ, ସେ ସବୁ ଜାଗା ଉପରେ ଆମକୁ ସତର୍କ ଦୃଷ୍ଟି ରଖିବାକୁ ହେବ।

ଅଭିଜିତ ଚୋରା ମଦଠାରୁ ଆରମ୍ଭ କରି ତାର ଜାଲ୍ ମେଡ଼ିସିନ୍ କାରଖାନା ବି ଅଛି।

ପୋ:ଇ: ଏକା ସାଙ୍ଗରେ ଏକା ସମୟରେ ଚଢ଼ଉ ହେଲେ ତା' ବିଷଦାନ୍ତଟା ଭାଂଗିଯିବ।

ଅଭିଜିତ ହେଲେ ଆପଣଙ୍କ ଡ଼ିପାଟମେଣ୍ଟରେ ତାର ଖାସ୍ କେତେଜଣ ଅଛିନ୍ତି। ସେମାନେ ତାକୁ ସବୁ ସମ୍ବାଦ ଠିକ୍ ସମୟରେ ଯୋଗାଇଥାନ୍ତି।

ପୋ:ଇ: ହଁ, ଘଟଣାଟା ପୁରାପୁଣି ଯେମିତି ସିକ୍ରେଟ ରଖିବାକୁ ହବ, ସେ ଦିଗ ପ୍ରତି ମତେ ଧ୍ୟାନ ଦେବାକୁ ପଡ଼ିବ। ସେ ଦାୟିତ୍ୱ ମୋର। କେହି କିଛି ଆମ 'ମିସନ୍' ବିଷୟରେ ଜାଣି ପାରିବେନି, ଆମେ ଆଗେଇବା। *[ବାହାରୁ ଦୌଡ଼ି ଦୌଡ଼ି ଆସିଛି ଅଙ୍କା]*

ଅଙ୍କା ଇନ୍ସପେକ୍ଟର ବାବୁ... ଇନିସ୍‌ପେକ୍ଟରବାବୁ, ସେମାନେ ମୋତେ ମାରିବାକୁ ଗୋଡ଼େଇଛନ୍ତି !

Digitized by PPRACHIN, SOA

ଅଭିଜିତ ଅଳକା, କିଏ ? କେଉଁମାନେ ?

[ବାହାରକୁ ଯାଇଛନ୍ତି ପୋ:ଇ:/ଅଭିଜିତ୍ । ଥଙ୍କା ମେଣ୍ଟାଉଛି ଅଳକା । ଆସିଛି ବାଇଡ଼ଙ୍କ]

ବାଇଡ଼ଙ୍କ ମାଡ଼ାମ୍, ଟିକିଏ ଦେଖି ଚାହିଁ ଚଲାବୁଲା କରନ୍ତୁ। ସେଗୁଡ଼ାକ ଆଦୌ ଭଲ ମଣିଷ ନୁହଁନ୍ତି। ସେମାନେ ମହୀପାଳ ଲୋକ।

[ଆସିଛନ୍ତି ପୋ:ଇ: ଏବଂ ଅଭିଜିତ]

ଅଭିଜିତ ଅଳକା, ତମେ କାହାରିକୁ ଚିହ୍ନିନା ?

ଅଳକା ସମସ୍ତଙ୍କ ମୁହଁରେ ଥିଲା କଳା ପରଦା।

ପୋ:ଇ: ମହୀପାଳର ଇଏ ବି ଗୋଟାଏ ଚାଲ୍। ତେବେ ଅଳକାଦେବୀ ମୋ ମତରେ ଆପଣ ଏଣିକି ବାହାରେ ବୁଲାବୁଲି ଉପରେ ଟିକିଏ ନଜର ରଖନ୍ତୁ।

ଅଳକା କାଲି ରାତିରେ ଆମ ଘର ଚାରିପଟେ ଦୁଇଟା ଲୋକଙ୍କୁ ପଇଁତରା ମାରିବାର ଦେଖିଛି।

ବାଇଡ଼ଙ୍କ ଆଜ୍ଞା, ସେ ଯାଗାଟା ଆପଣ ବଦଳେଇଦିଅନ୍ତୁ।

ଅଳକା ମୁଁ ବି ଠିକ୍ ସେଇଆ ଭାବୁଛି।

ଅଭିଜିତ ହଠାତ୍ ଏ ସହରରେ ଘରଟା ମିଳିବା....

ପୋ:ଇ: ଯେତେଦିନଯାଏ କିଛି ଯୋଗାଡ଼ ନ ହେଉଛି, ଆପଣ ମୋ କ୍ୱାଟରରେ ରୁହନ୍ତୁ। ତା'ପରେ ମୋ ଫାମିଲି ଆସିବାକୁ ଡେରି ଅଛି।

ଅଳକା ଆପଣ ଆମ ପାଇଁ....

ପୋ:ଇ: ଆପଣ ମାନଂକ ହେପାଜତ କରିବା ମୋ କର୍ତ୍ତବ୍ୟ।

ଅଳକା ହଁ, ଫଟୋଗୁଡ଼ାକ ନେଇ ଆସିଛ। *[ବ୍ୟାଗରୁ ଫଟୋଗୁଡ଼ାକ କାଢ଼ି ଦେଉଛି ପୋ:ଇ: କୁ ଅଳକା । ଦେଖୁଛନ୍ତି ପୋ:ଇ:]*

ପୋ:ଇ: ମହୀପାଳଟା ଗୋଟାଏ ଏଡ୍ସ ରୋଗୀ। ଏମାନେ ପୁଣି ଦେଶକୁ ଶାସନ କରିବେ !

Digitized by PPRACHIN, SOA

ଦଶମ ଦୃଶ୍ୟ

[ମୁଖ୍ୟମନ୍ତ୍ରୀ ମହାପାତ୍ର ବାବୁଙ୍କ ଦପ୍ତର। କିଛି ଗୋଟାଏ ଗଭୀର ମନ୍ତ୍ରଣାରେ ବୁଡ଼ି ରହିଥିଲେ ମହାପାତ୍ର ଏବଂ ବାଇମନ।]

ବାଇମନ — କ'ଣ କହୁଥିଲ କହିବାକୁ ?

ମହାପାତ୍ର — କୋଉକଥା ?

ବାଇମନ — ମୁଁ କେମିତି ଜାଣିଲି ? ସେଦିନ ଭଜବାବୁଙ୍କ ଝିଅ ବାହାଘର ପାର୍ଟିରେ....

ମହାପାତ୍ର — ଓ, ହଁ... ମନେ ପଡ଼ିଲା। ଆରେ ଏପ୍ରିଲ ମାସରେ ଗୋଟାଏ ପ୍ରତିନିଧି ଦଳ କୋରିଆ ଗସ୍ତରେ ଯିବା ଠିକ୍ ହେଇଛି।

ବାଇମନ — କ'ଣ ସେହି ବିଦେଶୀ ଶିଳ୍ପୋଦ୍ୟୋଗୀ ମାନଂକୁ ଭେଟିବା ନା' ଆଉ କିଛି ?

ମହାପାତ୍ର — ଆରେ ଭାଇ, କି ଶିଳ୍ପ କି ଉଦ୍ୟୋଗୀ! ପିଲାଏ ବିଦେଶ ଗସ୍ତରେ ବାହାରିଛନ୍ତି। ତେଣୁ କିଛି ନା କିଛି ଉଦ୍ଦେଶ୍ୟତ ଦେଖାଇବାକୁ ପଡ଼ିବ। ତା' ନ ହେଲେ ଲୋକେ ପଛରେ ଆମକୁ ସମାଲୋଚନା କରିବେ।

ବାଇମନ — ଯାହା କହ ଭାଇ, ଏ ଦେଶର ଜନତାଙ୍କୁ ମାନିବାକୁ ପଡ଼ିବ। କ'ଣ ନ ସହୁଛନ୍ତି ମ!

ମହାପାତ୍ର — ସମସ୍ତଙ୍କୁ କିଛି କିଛି ବାଣ୍ଟିକରି ଭୋଗ ଛିଣ୍ଡେଦେଲେ ପଛରେ କେହି ମୁହଁ ଖୋଲିବାକୁ ନଥିବବେ!

ବାଇମନ — ମାନିବାକୁ ପଡ଼ିବ!

ମହାପାତ୍ର — ଏ ଦେଶରେ କେବଳ ଦୁଇଜଣ ନେତା ଅଛନ୍ତି।

ବାଇମନ — ଆଉ ସେ ଦୁଇଜଣ ହେଉଛନ୍ତି ବାଇମନ ଆଉ ମହାପାତ୍ର!
[ଦୁହେଁ ହସି ଉଠିଛନ୍ତି ଖୁବ୍ ଜୋରରେ]

ମହାପାତ୍ର — ମୋ ଡାକିବାର ଉଦ୍ଦେଶ୍ୟ ହେଲା, ଆମ ପ୍ରତିନିଧି ଦଳକୁ ତମେ ଲିଡ଼୍ କରିବ। ତମେ ସେମାନଂକୁ ବିଦେଶରେ ସମ୍ଭାଳିବ।

Digitized by PPRACHIN, SOA

ବାଇମନ ଲୋକେ କିଛି କଦର୍ଥ କରିବେନିତ ?

ମହୀପାଳ ସେ କଥାଟା ମୁଁ ଯାଇଥିଲେ ଅବଶ୍ୟ ଉଠିଥାନ୍ତା । ବିରୋଧୀଦଳ ନେତା ଗଲେ କିଏ କାହିଁକି କହିବ !

ବାଇମନ ଲୋକେ ଧରିନେବେ, ଦେଶର ଉନ୍ନତି ଏଥର ନିଶ୍ଚିତ ! ନା' କ'ଣ କହୁଛ ? ତମ ବୁଦ୍ଧିକୁ ତାରିଫ୍ ନ କରି ରହି ହଉନି ।

ମହୀପାଳ ସେ ଯେଉଁ ଟଗଲା ପିଲା କେତେଟା ବାଡ଼େଇ କଚାଡ଼ି ହଉଛନ୍ତି, ସେମାନଙ୍କୁ ବି ସାଙ୍ଗରେ ନେଇ ଯାଅ । ବିଦେଶ ବୁଲି ଆସିବେ ।

ବାଇମନ ଗୋଟାଏ ଢେଲାରେ ଦୁଇଟା ଶିକାର । ମୁଣ୍ଡରେ ବୁଦ୍ଧିଥିଲେ ମଣିଷ ବି ପାହାଡ଼ ଘୁଞ୍ଚେଇପାରେ ।

ମହୀପାଳ ସଦାବେଳେ ବିଧାନ ସଭାରେ ପାଟିତୁଣ୍ଡ କରୁଛନ୍ତି । ଯାଆନ୍ତୁ ବିଦେଶୀ ଫୁଲ ଦେଖି ଆସିବେ । ଦେଶୀ ଫୁଲ ତ ଢେର ଦେଖିଛନ୍ତି । ଏଥର ବିଦେଶୀ ଦେଖନ୍ତୁ । ହଁ, କହିଦବ । ଦୂରରୁ ରହି ଫୁଲକୁ ଦେଖିବେ । ପାଖକୁ ଯିବେନି ।

ଡାଇମନ ଭଲ ହେଲା । ପିଲାଏ ବି ବୁଝିଯିବେ । ଏଇଟା ହେଲା ସେମାନଙ୍କର ବେଳ । ବୁଲାବୁଲି କରି ଫେରନ୍ତୁ ।

ମହୀପାଳ ଆଉ ଗସ୍ତଟା ଜମେଇବା ଦାୟିତ୍ୱ ତମର ।

ବାଇମନ ଲେଡ଼ି ମେମ୍ବର କେହି ରହୁଛନ୍ତି ନା' ନାହିଁ ?

ମହୀପାଳ ସେ ବିଭାଗଟା ତମର । ଆମ ପାର୍ଟିରେ ସେମିତି କେହି ନାହାନ୍ତି । ତମର ସିଏ ନହୁଲୀକୁ ନେଇଯାଉନା ।

ବାଇମନ ତା' ସ୍ୱାମୀଟା ଜକ୍ । ରାଜି ହବ କି ନାହିଁ ।

ମହୀପାଳ ବିଦେଶ ଗସ୍ତ ! ଜୀବନରେ ଏ ସୌଭାଗ୍ୟ ବାରମ୍ବାର ଆସେନା । ତାହା ପୁଣି ସରକାରଙ୍କ ପଇସାରେ । ଏ ଶତାବ୍ଦୀର ସବୁଠାରୁ ବ୍ୟୟବହୁଳ ବିଦେଶଗସ୍ତ । ତାକୁ ଟିକିଏ ଭଲଭାବେ ବୁଝେଇ ଦେଲେ ସେ କ'ଣ ବୁଝିବନି !

ବାଇମନ ଦେଖିବା । କ'ଣ ହଉଛି ।

ମହୀପାଳ ଗସ୍ତରେ ରସିକିଆ ଲୋକ ନ ଗଲେ ଗସ୍ତଟା ଜମିବନି । ସେଇଥିଲାଗି ତମକୁ ପଠଉଛି ।

ବାଇମନ ତା' କଥା କ'ଣ ହେଲା ?

ମହୀପାଳ କାହା କଥା ?

Digitized by PPRACHIN, SOA

ବାଇମନ — ସେହି ଟାଉନଥାନା ଇନ୍‌ସପେକ୍ଟର କଥା। ବଡ଼ ଉପଦ୍ରବ କଲାଣି। ତାକୁ ଏଠୁ ନ କାଢ଼ିଲେ ଆମ ଖେଳ ବନ୍ଦ ହୋଇଯିବ। ଭୀଷଣ ମାରାତ୍ମକ ଲୋକଟା !

ମହୀପାଳ — କୋର୍ଟ ଷ୍ଟେ କରି ଦେଇଛି ବୋଲି ସିଏ ଭାବିଚି, ବାଜି ମାରିନେବ ! ମୁଁ ଖାଲି ତମକୁ ଅପେକ୍ଷା କରିଥିଲି। ଏଣିକି ଦେଖ। କ'ଣ ହଉଛି। କଣ୍ଟାକୁ କଣ୍ଟାରେ କାଢ଼ିବାଟା ଏ ମହୀପାଳ ଭଲଭାବେ ଜାଣେ।

ବାଇମନ — ସିଏ ଉଖାରି ନଥିଲେ କେଶ୍‌ଟା କେବେଠାରୁ ମେଣ୍ଟି ଯାଆନ୍ତାଣି। ହଁ, ଅଭିଜିତ୍‌କୁ ସିଏ କୁଆଡ଼େ ସାହାଯ୍ୟ କରୁଛି !

ମହୀପାଳ — ହଁ, ସେ ଖବର ମଧ ମୁଁ ପାଇଛି। ଏଥର ସ୍ୱର୍ଗରୁ ଇନ୍ଦ୍ର ଆସିଲେ ବି ତାକୁ ରକ୍ଷା କରି ପାରିବେ ନାହିଁ। ଦେଖ, ଖେଳ କେମିତି ଜମୁଛି ! *[ଟେଲିଫୋନ୍ ବାଜିଛି। ରିସିଭର ଉଠାଇଛନ୍ତି ମହୀପାଳ। ଉଦ୍ଭଣ୍ଠା ମନରେ]*

ବାଇମନ — କିଏ ?

ମହୀପାଳ — 'ହଁ'..! ଠିକ୍ ଅଛି। ଭିତରକୁ ଛାଡ଼ିଦିଅ। ଆରେ ମୁଁ ତାକୁ ଡକେଇଥିଲି। *[ରିସିଭର ରଖିଛନ୍ତି ମହୀପାଳ]*
ରିପୋର୍ଟର ଅଭିଜିତ୍ ଦାସ !

ବାଇମନ — ତାକୁ କାହିଁକି- ?

ମହୀପାଳ — କହୁଥିଲି ନା' ଖେଳ ଜମିବ। ଦେଖ।

ବାଇମନ — ମୁଁ ତାହେଲେ ?

ମହୀପାଳ — ତମେ ରହିଲେ କିଛି ଅସୁବିଧା ନାହିଁ। ଶିକାରକୁ ଖେଳେଇ ଖେଳେଇ ଧରିବାରେ ଗୋଟାଏ ବିଶେଷ ମଜା ଅଛି।

ବାଇମନ — ସେଇଟା ମଣିଷ ନୁହେଁ। ଗୋଟାଏ ଜନ୍ତୁ।

ମହୀପାଳ — କେତେ ସାଂଘାତିକ ଜନ୍ତୁଙ୍କୁ ଏ ମହୀପାଳ ଗଦ ଶୁଂଘେଇ ମେଣ୍ଢା ବନେଇ ଛାଡ଼ିଛି।

ବାଇମନ — ଆମେ କିଛି କହୁ ନ ଥିବାରୁ ଟୋକାଟାର ମୁହଁ ଭାରି ବଢ଼ିଯାଉଛି, *[ଭିତରକୁ ଆସିଛି ଅଭିଜିତ୍। ଠାଣିରେ ଶତସିଂହର ପରାକ୍ରମ। ବେଖାତିର ଭାବ]*

ମହୀପାଳ — ଆରେ ଆସ... ଆସ... ଅଭିଜିତ୍। ବାଇମନବାବୁ ଏଇ ମାତ୍ର ଆସି ପହଂଚିଛନ୍ତି। ସିଏ ରହିଲେ ତମର କିଛି ଆପତ୍ତି ଅଛିକି ?

Digitized by PPRACHIN, SOA

ଅଭିଜିତ — ମୁଁ ବି ତାଂକୁ ତ ଖୋଜୁଥିଲି। ଭଲ ହେଲା, ଏଇଠି ସାକ୍ଷାତ ହୋଇଗଲା।

ବାଇମନ — ମୋ ପାଖରେ କାମ ? ଆରେ ମୁଁ ବିରୋଧୀ ଦଳର। ମୁଁ କ'ଣଟା ସାହାଯ୍ୟ କରିପାରିବି ?

ଅଭିଜିତ — ଅଭିଜିତ୍ ସାହାଯ୍ୟ ପାଇଁ କାହାରିକୁ ଭିକ୍ଷା ମାଗେନି। ସେ ଦାବି ହାସଲ କରିଜାଣେ।

ମହୀପାଳ — ନ ଜାଣି ସେ ରିପୋର୍ଟର ହୋଇଛି ! ଅଭିଜିତ୍, ତମେ ଶହେଭାଗ ଠିକ୍। ହଁ କୁହ। କ'ଣ ପିଇବ ? ଥଣ୍ଡା ନା' ଗରମ ?

ଅଭିଜିତ — No.. Thanks! ଆପଣମାନଂକ ସାକ୍ଷାତ୍, ସେତିକି ଯଥେଷ୍ଟ। ଆପଣମାନେ ହେଲେ ଚଳନ୍ତି ଠାକୁର।

ବାଇମନ — ଥଣ୍ଡା ଗରମ ଚଳିବନି ! ତମେ କି ସାମ୍ବାଦିକ ?

ଅଭିଜିତ — ମୋ ପରିଚୟ ତ ଆପଣମାନେ ପାଇ ସାରିଛନ୍ତି। ଏ କଥାଟା ଆଉ କେହି ନ ଜାଣନ୍ତୁ ପଛେ, ଆପଣ ଦି'ଜଣ ଠିକ ଜାଣିଛନ୍ତି ?

ମହୀପାଳ — ବାଇମନ ବାବୁ ! ସମସ୍ତଙ୍କ ସାଙ୍ଗରେ ତମେ ତାଙ୍କୁ ସମାନ କରୁଛ ? ଅଭିଜିତ୍ ଗୋଟାଏ ଜଳନ୍ତା ନିଆଁ। ଗୋଟାଏ ହୀରା...। ଏମିତି ରିପୋଟର କୋଟିକରେ ଗୋଟିଏ ମିଳେ।

ବାଇମନ — ଅଭିଜିତ୍, ତମେ କ୍ୱାଟର ପାଇଁ କାହିଁକି ଲାଗୁନ ? କେତେଦିନ ସେ ଅନ୍ଧାରିଆ ଗଳିରେ ପଡ଼ିଥିବ ?

ମହୀପାଳ — କ'ଣ ହେଲା ? ତମେ ଏ ଯାଏ କ୍ୱାଟର ପାଇନା ? ଏ କଥା ମତେ ଆଜିଯାଏ କେହି ଜଣାଇ ନାହାନ୍ତି ! ଠିକ୍ ଅଛି...। କାଲି ମତେ ତମେ ମୋ ଅଫିସରେ ଦେଖା କରିବ। ତମ ପାଇଁ କିଛି ନା କିଛି କରିବାକୁ ପଡ଼ିବ।

ଅଭିଜିତ — ମୋ ପାଇଁ ଆପଣମାନଂକର ଏ ଦରଦ ପାଇଁ ବହୁତ ବହୁତ ଧନ୍ୟବାଦ। ହଁ, ଏଣିକି Let us come to the point!

[ମହୀପାଳ-ବାଇମନ ପରସ୍ପରକୁ ଚାହିଁଛନ୍ତି]

ମହୀପାଳ — 'ନିଶ୍ଚୟ'। ହଁ, କ'ଣ ସବୁ ଜାଣିବାକୁ ଚାହୁଁଥିଲ ?

ଅଭିଜିତ — ଆସେମ୍ଲି ଛକ ମଡ଼ର କେଶ୍ ଘଟଣା....

ବାଇମନ — କ'ଣ ସେଥିରୁ ପାଇବ ? ଗଲା କଥା ଗଲାଣି।

ଅଭିଜିତ — ଓ, ଏମିତ କଥା !

ମହୀପାଳ — ବାଇମନବାବୁ ଠିକ୍ କହିଛନ୍ତି। ପୁରୁଣା କଥାଟାକୁ ଉଖାରି କ'ଣଟା ଲାଭ ପାଇବ ?

Digitized by PPRACHIN, SOA

ଅଭିଜିତ — ସେ ଘଟଣାକୁ ଆପଣ ଚାପିଦେବାକୁ ଚେଷ୍ଟା କରୁଛନ୍ତି। 'ସତ୍ୟବଚନ' ଏଡ଼ିଟରଙ୍କୁ ଆପଣ-

ମହୀପାଲ — ସବୁ ଶୁଣାକଥା ସତ ନୁହେଁ। ସବୁ ସତ କଥାଗୁଡ଼ାକ ଏମିତି ବିଚ୍ ବଜାରରେ ଶୁଣାଯାଏନି।

ବାଇମନ — ଏ ଦେଶରେ ତମେ ଯେଉଁମାନଙ୍କୁ ପବ୍ଲିକ୍ ବୋଲି କହୁଛ, ସେମାନେ ସଦାବେଳେ ଉଡ଼ାକଥା ଶୁଣିବାକୁ ଭଲ ପାଆନ୍ତି। ଆଉ ବିଶ୍ୱାସ ବି କରିଯାଆନ୍ତି।

ଅଭିଜିତ — ତେବେ ଆପଣଙ୍କ ମତାମତ ?

ମହୀପାଲ — ଏନକ୍ୱାରୀ ଚାଲିଛି। ଦୋଷୀ ନିଶ୍ଚୟ ଦଣ୍ଡ ପାଇବ,

ଅଭିଜିତ — ଏ ଦେଶର ନେତା ସେଗୁଡ଼ାକ ସବୁ ଥଙ୍ଗେ ଲିଭେଇ ସାରିଲେଣି। କିଏ ଦଣ୍ଡପାଇବ, ତାହା ମଧ ସେମାନେ ଜାଣନ୍ତି।

ବାଇମନ — ଅଭିଜିତ୍, ଆମ ଉପରେ ଦୋଷ ଲଦିବାଟା ତମମାନଙ୍କର ଗୋଟାଏ ନିତିଦିନିଆ ଅଭ୍ୟାସ ହୋଇଗଲାଣି। ଘଟଣାକୁ ଥରେ ବୁଝିବାକୁ ଚେଷ୍ଟାକର।

ଅଭିଜିତ — ପାରିବେତ ସେମାନଙ୍କୁ ବୁଝାନ୍ତୁ, ଯାହାର ବାପ ମରିଛି, ଯାହାର ସ୍ୱାମୀ ମରିଛି, ଯାହାର ପୁଅ ହଜି ଯାଇଛି... ସବୁଦିନ ପାଇଁ...

ବାଇମନ — ଅର୍ଥକୁ ଅନର୍ଥ କରିବା ତମମାନଙ୍କର ଗୋଟାଏ ଗୋଟାଏ ସ୍ୱଭାବ ସୁଲଭ ବିଳାସ।

ଅଭିଜିତ — ଛୁରୀଧାର ଧାରରେ ଯେଉଁମାନେ ପ୍ରତି ମୁହୂର୍ତ୍ତରେ ବାଟ ଚାଲନ୍ତି, ସେମାନଙ୍କ ପାଇଁ ବିଳାସଟା ସ୍ୱପ୍ନ ସେ ସବୁ କେବଳ ଏ ଦେଶର ନେତାମାନଙ୍କ ପାଇଁ।

ମହୀପାଳ — ଓହୋ, ସେ ଯୁକ୍ତିତର୍କରୁ ଆମକୁ କ'ଣ ମିଳିବ ? ଅଭିଜିତ୍, ଟିକିଏ ଥଣ୍ଡାମନରେ ସବୁ କଥା ବିଚାର କର। ତମର ଭବିଷ୍ୟତ ଅଛି।

ଅଭିଜିତ — ମୋ ବିଷୟ ଆପଣମାନେ ଭୁଲିଯାଆନ୍ତୁ।

ମହୀପାଳ — ଠିକ୍ ଅଛି। ଆଉ କିଛି ?

ଅଭିଜିତ — ଟାଉନ୍‌ଥାନା ଇନ୍‌ସପେକ୍ଟରକୁ ଆପଣ ଜାଣିଶୁଣି ଟ୍ରାନ୍‌ସଫର କରୁଛନ୍ତି ? କ'ଣ ପାଇଁ ?

ମହୀପାଳ — ଯାହା କିଛି ହୋଇଛି ଆଇନ୍‌କୁ ଆଖିଆଗରେ ରଖି। ପୋଲିସ ମାନୁଆଲ ଅନୁସାରେ ତାଙ୍କୁ ଟ୍ରାନସଫର କରାଯାଇଛି। ସେ ଯିବାକୁ ବାଧ୍ୟ।

Digitized by PPRACHIN, SOA

ଅଭିଜିତ : ରାଜଧାନୀର ଅନ୍ୟ ଥାନାମାନଙ୍କରେ ଅନ୍ୟମାନେ ପୁଣି ୧୫ ବର୍ଷରୁ ଊର୍ଦ୍ଧ୍ୱକାଳ ରହିଲେଣି। କାହିଁ, ସେମାନଙ୍କୁ ତ ଟ୍ରାନ୍ସଫର କରୁନାହାନ୍ତି ?

ବାଇମନ : ସେଥିପାଇଁ ଶାସକ ଅଛି। ତମେ କାହିଁକି ସେଥିରେ ମୁଣ୍ଡ ଗଳାଉଛ ?

ମହୀପାଳ : ସେ ଇନିସ୍‌ପେକ୍ଟର ପାଇଁ ତମର କାହିଁକି ଏତେ ଦରଦ ? ମାନେ କିଛି- ?

ଅଭିଜିତ ଅଭିଜିତ୍ ଦାସ ଏ ଯାବତ୍ କାହାରିଠାରୁ ଲାଞ୍ଚ ନେଇନି, କି କୌଣସି ଲାଞ୍ଚଖୋର୍‌କୁ ଛାଡ଼ିନି, ଅସଲ କଥା ହେଲା, ଯେଉଁ ଲୋକଟା ଏ କେଶ୍ ସହିତ ସଂପୃକ୍ତ, ଏନ୍‌କ୍ୱାରୀ କରୁଛି, ତାକୁ ବଦଳି କଲେ, କେଶ୍‌ଟା ଦୁର୍ବଳ ହୋଇଯିବ।

ମହୀପାଳ ଏଇ ଘଟଣାଟା ବୋଧେ ପ୍ରଥମ କରି ଏଠି ଘଟୁନାହିଁ! ଯା' ପୂର୍ବରୁ ଢେର ଏଇ ଧରଣର କେଶ୍ ଘଟିଛି ଏବଂ ଭବିଷ୍ୟତରେ ଘଟିବ ମଧ୍ୟ।

ଅଭିଜିତ ଏଇ ଘଟଣା କୌଣସି ଅଘଟଣ ଘଟାଇବ ନାହିଁ। ଏ ଜବାବ ମୁଁ ଆପଣମାନଙ୍କୁ ଆଗରୁ ଦଉଛି। *[ପରସ୍ପରର ମୁହଁକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଛନ୍ତି ବାଇମନ ଏବଂ ମହୀପାଳ]* କ'ଣ ଭାବୁଛନ୍ତି ? ଗୋଟାଏ ଖବରକାଗଜର ଏଡ଼ିଟରକୁ କିଣି ନେଇଗଲେ ବୋଲି, ପୁରାପୁଣି ସମ୍ବାଦପତ୍ର ଜଗତଟା ଆପଣମାନଙ୍କ ହାତ ମୁଠାରେ ରହିଗଲା ?

ମହୀପାଳ ବାଜେ କଥା ବନ୍ଦ କର। ଆଉ କିଛି ପଚାରିବ ?

ଅଭିଜିତ ଏଥର ମୁଁ ପଚାରୁଛି ଏ ଦେଶର ତୁଙ୍ଗ ନେତା, ମାନେ ବିରୋଧୀ ଦଳର ବାଦଶାହା ବାଇମନବାବୁଙ୍କୁ।

ବାଇମନ ଯାହା ଇଚ୍ଛା ହଉଛି, ପଚାର।

ଅଭିଜିତ ଆପଣଙ୍କ ଦଳର ଜଣେ ଟୋକୁଆ କର୍ମୀକୁ ସେମାନେ ସମସ୍ତଙ୍କ ଆଖି ସାମ୍‌ନାରେ ମାରିଲେ, ତା' ପାଇଁ ଆପଣ କରିଛନ୍ତି ? ମାନେ ଆପଣଙ୍କ ଦଳ, କ'ଣ କରିଛି ?

ବାଇମନ ମୁଁ ଶାଢ଼ୀ ଆଉ ଚୁଡ଼ି ପିନ୍ଧି ବସିନି। ବିରୋଧୀ ଦଳ ନେତା ହିସାବରେ ଯାହା କରିବା କଥା, କରିଛି।

ଅଭିଜିତ ବିଧାନସଭାରେ ହଟଗୋଳ.... ରାଜରାସ୍ତାରେ ବିକ୍ଷୋଭ ଧର୍ମଘଟ... ଶୋଭାଯାତ୍ରା....! ବାସ୍ ଏତିକି ?

Digitized by PPRACHIN, SOA

ବାଇମନ — ଜଣେ ବିରୋଧୀଦଳ ନେତା ଆଉ କ'ଣଟା କରି ପାରନ୍ତା ? ଜୁଡ଼ିସିଆଲ ଏନକ୍ୱାରୀ ପାଇଁ ଦାବିକରିଛି ।

ଅଭିଜିତ — ଯିଏ ଲୁହ ଲୁହାଣ ହେଇ ଆପଣଂକ ପାଇଁ ଭୋଟ ଯୋଗାଡ଼କଲା, ଆପଣଂକ ହାତ ମୁଠା ଟାଣକଲା, ତା' ପାଇଁ ତାହେଲେ ଆପଣଂକର ଏଇ ପୁରସ୍କାର ? ଆପଣ ଶାସକଦଳ ନେତା ସହିତ ହାତ ମିଳେଇଛନ୍ତି । ଏ କଥା କ'ଣ ମିଛ ?

ମହୀପାଳ — କଥାରେ ନଥା ଯୋଡ଼ିଲେ ସେଇଟା ଅକଥାରେ ପରିଣତ ହୋଇଯାଏ । ତେଣୁ ତମର ଯେତିକି ଓଜନ ସେତିକିରେ ରହିବାକୁ ଚେଷ୍ଟାକର ।

ବାଇମନ — ହଁ, କଥାକୁ କଲର କରିବାକୁ ଚେଷ୍ଟାକରନି ।

ଅଭିଜିତ — 'ହୁଁ' *[ହସିଛି ତାହଲ୍ୟ ଭରା ହସ]*! ଯେଉଁ ଘଟଣା ନେଇ ରାଜଧାନୀ ସରଗରମ, ଯେଉଁ ଘଟଣାରେ ଶାସକ ଆଉ ବିରୋଧୀ ଦଳ ପରସ୍ପରର ମୁହାଁମୁହିଁ, ଆଉ ଆପଣ ଦୁଇନେତା ଏଠି ଏ ବିଳମ୍ବିତ ପ୍ରହରରେ କି ଗୋପନ ମଧୁଚନ୍ଦ୍ରିକା ରଚିବାକୁ ଯାଉଛନ୍ତି ?

ମହୀପାଳ — Mind your own business ! ତମ ଭଳି କେତେ ରିପୋଟରଙ୍କୁ ମାଡ଼ି ଚକଟି ପିଙ୍ଗି ଦେଇଛି ।

ଅଭିଜିତ — ହେଲେ ଏ ରିପୋଟର ସେ ରିପୋଟର ନୁହେଁ, ଯାହାକୁ 'ଓ୍ୱଇନ୍'... 'ଓମେନ୍' ଆଉ 'ମନି' ଦେଖେଇ ଆପଣ କାବୁ କରିଦେବେ !

ବାଇମନ — ଦେଖ ଅଭିଜିତ୍, ନିଜ ପ୍ରଫେସନ ନେଇ ତମେ ବ୍ୟସ୍ତ ରୁହ । ହେଲେ କାହାରି ପ୍ରାଭେଟ ଲାଇଫ୍ ଉପରେ ହସ୍ତକ୍ଷେପ କରନି । ବରଂ ନୀରବ ରହିଲେ ତମର ମଂଗଳ ।

ମହୀପାଳ — ତମେ କ'ଣ ଭାବିଛ ଆମକୁ ? ଦୁଇ ଦଳର ନେତା ହେଲୁ ବୋଲି କ'ଣ ଆମର କିଛି ବ୍ୟକ୍ତିଗତ ରୁଚି ନାହିଁ । ପ୍ରାଇଭେସି ନାହିଁ ?

ଅଭିଜିତ — ବିଳମ୍ବିତ ରାତ୍ରିରେ ଯେଉଁମାନେ ଏକଜୁଟ ହୁଅନ୍ତି, ସେମାନେ ସମସ୍ତେ ଗୋଟିଏ ପଥରଯାତ୍ରୀ । କାରଣ ଦିବସର ଆଲୋକ ସେମାନଂକ ପାଇଁ ଯନ୍ତ୍ରଣା ଦାୟକ ।

ମହୀପାଳ — ଅଭିଜିତ୍, ତମେ ଏଥର ଯାଇପାର । ମୁଁ ତମର ମଙ୍ଗଳ ଚାହୁଁଥିଲି । ହେଲେ....

ଅଭିଜିତ — ଆପଣମାନେ ଚାହୁଁଥିଲେ ମୁଁ ଆପଣଂକର ବୋଲକରା ହୋଇଥାନ୍ତି... ! ଆପଣଂକ କଥାରେ ଉଠବସ୍ ହେଇଥାନ୍ତି ! 'ନା'... 'ନା'... ତାହା କେବେ ହେଇପାରିବନି ।

Digitized by PPRACHIN, SOA

ବାଇମନ — ପ୍ରବାଦ ଅଛି, ଘୁଷୁରୀକୁ ପାଚିଲା କଦଳୀ ଗନ୍ଧାଏ।

ଅଭିଜିତ — ହଁ, ମୋର ଶେଷପ୍ରଶ୍ନ ତୁମ୍ଭଙ୍କୁ। କେତେଦିନ ଏ ଦେଶର ଜନତାଙ୍କୁ ମେଣ୍ଢା ବନେଇ ରଖିଥିବେ ?

ମହୀପାଳ — ଯେତଦିନଯାଏ ସେମାନଙ୍କର ଚେତନା ଉଦୟନ ହୋଇଛି! ଯେତେଦିନଯାଏ ସେମାନେ ବିପ୍ଳବ କରି ଶିଖିନାହାନ୍ତି! ଯେତେ ଦିନ ଯାଏ ସେମାନେ ଅଧିକାର ସଚେତନ ନ ହୋଇଛନ୍ତି!

ବାଇମନ — ଆଉ ଯେତେଦିନଯାଏ ତମଭଳି ସାମ୍ବାଦିକ ଆମ ପଛରେ ଲାଗିଥିବେ

ଅଭିଜିତ — ସବୁଦିନ ଅମା ଅନ୍ଧକାର ନ ଥାଏ। ଅମାବାସ୍ୟା ପରେ ପୁଣି ଜହ୍ନରାତି ଆସିବ। ସେଦିନକୁ ଅପେକ୍ଷା କରନ୍ତୁ ଆପଣମାନେ। ଜହ୍ନ ଆଲୁଅରେ ଜନତା ଆପଣମାନଂକୁ ଥୋବଡ଼ାକୁ ଭଲଭାବେ ଚିହ୍ନିପାରିବେ। ଆଉ ତା' ପରେ ହେବ ସମୁଦ୍ର ମନ୍ଥନ... ଦୁଷ୍ଟ ଦଳନ....

ବାଇମନ — ୟୁ ସ୍କାଉଣ୍ଡ୍ରେଲ!

[ଅଭିଜିତ୍ ଉପରକୁ ମାରିବାକୁ ହାତ ଉଠାଇଲା ବେଳେ ହାତଟା ଧରିନେଇଛି ଅଭିଜିତ]

[ମଞ୍ଚ ଅନ୍ଧକାର]

Digitized by PPRACHIN, SOA

ଏକାଦଶ ଦୃଶ୍ୟ

[ମୁଖ୍ୟମନ୍ତ୍ରୀ ମହାପାତ୍ରଙ୍କ ମନ୍ତ୍ରଣାକକ୍ଷ। ମୁଖ୍ୟମନ୍ତ୍ରୀ ଅନୁପସ୍ଥିତ। ଗୋଟାଏ ଭୂଜାଲିର ଧାରକୁ ପରଖୁଥିଲା ସଲିମ୍। ସିଧାସଳଖ ପଶିଯାଉଥିଲା ଟ୍ରାଫିକ ପୋଲିସ ଝପଟସିଂ। ମୁଖରେ ଥିଲା ଜୟ ସୀୟାରାଂ ମନ୍ତ]

ଝପଟସିଂ — 'ଜୟ ସୀୟାରାମ୍'... 'ଜୟ ସୀୟାରାମ୍'...:

ମଲିମ — ହୋ 'ସୀୟାରାମ୍', ଇଥାଡ଼େ।

ଝପଟ ସିଂ — ମତେ କହୁଛନ୍ତି ?

ସଲିମ — ଶୁଣ। ନମ୍ବର କେତେ ?

ଝପଟ — ଆଜ୍ଞା।

ସଲିମ — ଆପଏଣ୍ଟମେଣ୍ଟ ନେଇଛ ?

ଝପଟ — ମୁଁ ଝପଟ ସିଂ। ସାର୍ ଡକେଇଥିଲେ।

ସଲିମ — ଓ, ତୁ ତାହେଲେ ସେଇ ଟ୍ରାଫିକ୍ ପୋଲିସ୍!

ଝପଟ — ନମସ୍କାର ଆଜ୍ଞା! ଚିହ୍ନିପାରୁନି...

ସଲିମ — କେମିତି ଚିହ୍ନିବୁ ? ମନେପକା..... ଆବେ ଚାହିଁଛୁ କ'ଣ ? ମନେ ପକା... ।ସେଦିନ ସେହି ଏଗାରଟା ବେଳ କଥା... ଆସେମ୍ବ୍ଲିଛକ..

ଝପଟସିଂ — ସତ କହୁଛି ଆଜ୍ଞା, ମୁଁ କିଛି ଦେଖିନି। ମୁଁ କିଛି ଜାଣିନି।

ସଲିମ — ସେଇଟା ମଙ୍ଗଳ।

ଝପଟିସିଂ — ମାଇକିନିଆଟା ମନା କରୁଥେଲା ଡ୍ୟୁଟିକି ଯିବା ପାଇଁ। କାହିଁକି ଯେ ସେଦିନ ତା'କଥା ନମାନି ଡିଉଟିକି ଗଲି...

ମଲିମ : ଏ ଜିନିଷଟା ଦେଖୁଚୁ! *[ଭୂଜାଲି ଦେଖାଇ]*

ଝପଟସିଂ : କି ଝାମେଲାରେ ପଡ଼ିଲା ମଣିଷ! ବୋଉକଥା କରିବି ? କିଏ ପିଠିରେ ପଡ଼ିବ ଏଇନେ ?

ସଲିମ — ତୁ ଭାରି ସିଆଣିଆ! ନୁହଁ ?

Digitized by PPRACHIN, SOA

ଝପଟସିଂ	ସତ କହୁଛି। ମୋର କିଛି ଦୋଷ ନାହିଁ। ସେଦିନ ମୁଁ ଡିଉଟିରେ ଥିଲି। ଲୋକଟା ପ୍ରାଣ ବିକଳରେ ଦୌଡ଼ି ଦୌଡ଼ି ଆସିଲା-

ସଲିମ	ହୁଁ, ତାପରେ ?

ଝପଟସିଂ	ବାଘ ଭଳିଆ ଆଉ ଗୋଟାଏ ଲୋକ ତା' ଉପରକୁ ଝାମ୍ପି ପଡ଼ିଲା। ତାକୁ ମାଡ଼ିବସିଲା। ଭୁଜାଲିଟା କାଢ଼ି ତା' ପେଟ ଭିତରେ ଭର୍ତ୍ତି କରିଦେଲା। ନିମିଷକରେ ସବୁ ଶେଷ। *[ଏକା ନିଶ୍ୱାସକେ ଏତିକ କହିଗଲା ଝପଟ। ଧଇଁ ସଇଁ ହେବାକୁ ଲାଗିଲା।]*

ସଲିମ	ଭୁଜାଲିରେ ମାରିଥିବା ସେ ଲୋକଟାକୁ ତୁ ଚିହ୍ନିଲୁ ?

ଝପଟ	କେମିତି ଚିହ୍ନିବି ? ଗାଡ଼ି ମଟର କଥା ଅଲଗା। କେତେ ମଣିଷ ଯିବା ଆସିବା କରୁଛନ୍ତି। କାହାକୁ ଚିହ୍ନିବି ? କେମିତି ଚିହ୍ନିବି ?

ସଲିମ	ଆଉ କିଛି ଦେଖିଲୁ ?

ଝପଟ	ଟ୍ରାଫିକ କଣ୍ଟ୍ରୋଲ କରୁକରୁ ତ ମୋର ବେଳ ଯାଉଛି। ବାର ଆଡ଼କୁ ଚାହିଁବାକୁ ବେଳକାହିଁ ?

ସଲିମ	ସେ ଯାଗାରେ ମତେ ଦେଖିଲୁ ?

ଝପଟ	ଆପଣ ଭଲଲୋକ। ସେ ସବୁ ଯାଗାକୁ କାହିଁକି ଯିବେ ! କଥା କଥାକେ ସେଠି ଛୁରୀ ଭୁଜାଲି ଚାଲିଛି।

ସଲିମ	ଆବେ ତୁ ବହୁତ୍ ବକୁଛୁ। ହଁ, ଶୁଣ। ତୁ ଯାହା ଦେଖିଲୁ, ସେ ସବୁ ଦେଖିନୁ। ମନେ ରହିବ ?

ଝପଟ	ହଁ, ଆଜ୍ଞା। ହାଣ ମୁହଁକୁ ଯିବାକୁ କାହାକୁ ଭଲ ଲାଗେ ! ମୋ ଜୀବନଟା କ'ଣ ମତେ ଗନ୍ଧଉଛି ? ଆଜ୍ଞା, ଏଥର ମୁଁ ସାର୍‌କୁ ଦେଖା କରିପାରିବି ?

ସଲିମ୍	'ସାର୍' ! କୋଉ ସାର୍ ଫାର ଡାକିନଥିଲେ। ମୁଁ ଡକେଇ ପଠେଇଥିଲି। ଯାହା କହିଲି, ମନେ ରହିଲା ?

ଝପଟ	ସବୁ ମନେଅଛି। ମଲା ପର୍ଯ୍ୟନ୍ତ ମନେ ରହିବ। ମୁଁ ରହିବି, ନା' ଯିବି ?

ସଲିମ	ଆଉ କାହିଁକି ରହିବୁ ? ଯା'.... ।
(ଝପଟ ସିଂ ନମସ୍କାର ପକେଇ ଚାଲି ଯାଉଛି। ବାହାରୁ ଆସିଛନ୍ତି ଏଡ଼ିଟର ପରମଗୁରୁ)

ପରମଗୁରୁ	ଏ ଲୋକଟା ?

ସଲିମ	ସେଇ ଟ୍ରାଫିକ୍ ପୋଲିସ୍। ତା' ନଟ୍ ବୋଲ୍ଟ ଟାଇଟ୍ କରୁଥିଲି।

Digitized by PPRACHIN, SOA

ପରମଗୁରୁ — କୁମ୍ଭୀର ନେଇ ତେଣେ ମଝି ନଈରେ କଲାଣି, ପୁଅ ଏଠି ନଟ ବୋଲଟ୍ ଟାଇଟ୍ କରୁଛି !

ସଲିମ୍ — କଥାଟା ସିଧା ନ କହି—

ପରମଗୁରୁ — ଭାରି ତ ବଡ଼ ବଡ଼ କଥା କହୁଥିଲୁ। ସେ ସ୍ତ୍ରୀ ଲୋକଟାକୁ ଧରିପାରିଲୁନି ?

ସଲିମ — ଅଳ୍ପକେ ଖସିଗଲା। ହେଲେ ଏଥର ଆଉ ନୁହେଁ। ସଲିମ୍ ଚେଲା ଚାମୁଣ୍ଡା ନେଇ ଶିକାର କରିବାକୁ ଯିବନି। ସେ ଏକଲା ଯିବ। ତା' ଶିକାର ସେ ଏକା ଧରିବ।

ପରମଗୁରୁ — କୋର୍ଟ 'ଷ୍ଟେ' ଅଡ଼ର ଦେଇ ସବୁ ଭଣ୍ଡୁର କରିଦେଲା। ଇନ୍‌ସପେକ୍ଟରଟା ବଂଚିଗଲା।

ସଲିମ — ଭୟ କାହିଁକି ? ଏ ସଲିମ୍‌ର କୋର୍ଟ ଏ ଯାଏ ଆରମ୍ଭ ହୋଇନି।

ପରମଗୁରୁ — ଅଭିଜିତ୍ ଆଉ ଇନ୍‌ସପେକ୍ଟର, ଦୁଇଜଣଯାକ ମିଶି ଯାଇଛନ୍ତି। ଅଳକା ପଛରେ ପୋଲିସ୍ ରହିଛି।

ସଲିମ୍ — ପୋଲିସ୍ ତ ଚବିଶି ଘଣ୍ଟା ତାକୁ ଜଗିବସିବନି। ଗୋଟାଏ ମିନିଟ୍ ମୋ ପାଇଁ ଯଥେଷ୍ଟ।

ପରମଗୁରୁ — ହଁ, ସେ ଦିନ ସେ ଯେମିତି କୋର୍ଟକୁ ଯାଇ ନ ପାରେ, ସେ ଦାୟିତ୍ୱ ତୋର। ଯଦି ପହଂଚିଗଲା, ଆମେ ସମସ୍ତେ ମରିବା। ପ୍ରଥମେ ତୁ ମରିବୁ।

ସଲିମ — ମରଣକୁ ମୋର ଭୟ ନାହିଁ। ମରିବା ମାରିବା ପାଇଁ ତ ଆମର ଜନ୍ମ। ମୁଁ ଖାଲି ଯାହା...

ପରମଗୁରୁ — କିଛି ଗୋଟାଏ କର।

ସଲିମ — କୋର୍ଟକୁ ଯିବା ପୂର୍ବରୁ ତା' ଜିଭଟାକୁ ଓପାଡ଼ି ଦେବି। ନିଆଁ ସାଙ୍ଗେ ଖେଳିବାକୁ ସେ ଆଉ ଦିନକ ପାଇଁ ସାହସ କରିବନାହିଁ।

ପରମଗୁରୁ — ସେତିକି କରିପାରିବୁ ?

ସଲିମ — ଏ ସଲିମ୍ ତା' କଥାରେ କେବେ ଖିଲାପ କରେନି।

ପରମଗୁରୁ — ଜିଭଟା ସିନା ଓପାଡ଼ିଦବୁ, ହେଲେ ହାତ ଦୁଇଟା ରହିଯିବ। ସେଥିରେ ଯଦି ଲେଖି ଜଣେଇଦିଏ ?

ସଲିମ — ତାହେଲେ କ'ଣ ଚାହୁଁଛ ?

ପରମଗୁରୁ — ହାତ ରହିଲେ ତ ଲେଖିବସିବ ! ମୂଳୁ ମାଇଲେ ଯିବ ସରି, ଦେବଙ୍କ ସିନା କିମ୍ପା କଳି। ହାତଟାକୁ ସାଫ୍ କରିଦେଲେ, ଚିହ୍ନ ଆଉ କିଛି ନଥିବ।

(କିଛି ସମୟ ଚିନ୍ତା କରିଛି ସଲିମ୍। କ'ଣ କରିବ କିଛି ଠିକ୍

Digitized by PPRACHIN, SOA

ସଲିମ — ଏଇଟା କରିବନି....ସେଇଟା କରିବନି । କୋଉଟା ତାହେଲେ କରିବ ?

(ବିବ୍ରତ ଅବସ୍ଥାରେ ଚାଲିଛି ସଲିମ୍)

ପରମଗୁରୁ — ସେ ସ୍ତ୍ରୀ ଲୋକଟା ଆମ ରାସ୍ତାରୁ ହଟିଗଲେ, ଆଉ କିଛି ଚିନ୍ତା ନାହିଁ । ହେଲେ ଅଳକା ସହଜରେ ହାର ସ୍ୱୀକାର କରିବନି । ମୁଁ ତାକୁ ଜାଣିଛି । ଦି'ଟା ଯାକ, ଭୀଷଣ ଭୟଙ୍କର ମଣିଷ ।

ସଲିମ — ତା'ହାତ ଥିବ, ହେଲେ ସେଥିରେ ଲେଖିବାକୁ ଆଙ୍ଗୁଳି ରହିବନି । ତା'ପରଠୁଁ ଆଉ କୌଣସି ନାରୀ କେବେ ଆଖି ଉଠେଇ ସଲିମ୍‌କୁ ଚାହିଁବାକୁ ସାହସ କରିବେନି ।

ପରମଗୁରୁ — ସେ ଏଇନେ ଗର୍ଭବତୀ । ଆମ ପାଇଁ କାମଟା ନିଶ୍ଚେ ସହଜ ହେବ ।

ସଲିମ — ହଁ । ସେ ବଂଚିରହିବ, କେବଳ ଜାନୁଆର ଭଳି । ଛୁଆ ହେଲେ ବି ତା' ସାଙ୍ଗରେ ପଦେ କଥା ହୋଇ ପାରିବନି ।

ପରମଗୁରୁ — ଖୁବ୍ ସାବଧାନ ! ବାର ତାରିଖ ଦିନ ସେ କୋର୍ଟକୁ ସାକ୍ଷୀ ଦେବାକୁ ଯିବ । ଗୋଟାଏ ବାଟ । ମସ୍‌ଜିଦ୍ ଗଳି ।

(ଖୁବ୍ ଜୋର୍‌ରେ ହସି ଉଠିଛି ସଲିମ୍ ହସ ଭିତରେ ମଞ୍ଚ ଅନ୍ଧାର ହୋଇଛି)

Digitized by PPRACHIN, SOA

ଦ୍ୱାଦଶ ଦୃଶ୍ୟ

ସ୍ଥାନ - ସହରତଳି ଥାନା
ସମୟ - ସଂଧ୍ୟା
ଚରିତ୍ର - ଇନ୍‌ସପେକ୍ଟର, ବାଇମନ

(ସହରତଳି ସେହି ଥାନା। ସଂଧ୍ୟା ସମୟ। ପୋଲିସ ଇନ୍‌ସପେକ୍ଟର କିଛି ଗୋଟାଏ କେଶ୍ ନେଇ ଫାଇଲ୍ ଭିତରେ ବୁଡ଼ି ରହିଥିଲେ। ବାହାରୁ ଆସିଛନ୍ତି ବାଇମନ ବାବୁ। କିଛି ସମୟ ଲକ୍ଷ୍ୟ କରିଛନ୍ତି ବାଇମନ। ତଥାପି ଇନ୍‌ସପେକ୍ଟର ନ ଚାହିଁବାରୁ ବାଧ ହୋଇ ମୁହଁ ଖୋଲିଛନ୍ତି ବାଇମନବାବୁ)

ବାଇମନ ଇନ୍‌ସପେକ୍ଟର–

ପୋ:ଇ: ଆପଣ କେତେବେଳେ, ସାର୍ ?

ବାଇମନ ଏଇ କିଛି ସମୟ ହେଲା ଆସିଛି।

ପୋ:ଇ: ମୁଁ ଗୋଟାଏ କେଶ୍ ଭିତରେ ମଜ୍ଜି ଯାଇଥିଲି। ଆପଣଙ୍କ ଆଡ଼କୁ ଆଦୌ ଦୃଷ୍ଟି ଦେଇନି।

ବାଇମନ କାମ ଭିତରେ ବୁଡ଼ି ରହିବାଟା ଉନ୍ନତିର ଲକ୍ଷଣ।ହେଲେ ଏ ସବୁକୁ ସମ୍ମାନ ଦଉଛି କିଏ ?

ପୋ:ଇ: ମୋଠି କିଛି କାମ ଥିଲା ?

ବାଇମନ ବିନା କାମରେ ରାଜନୀତିବାଲାଏ କୋଉଠିକି ପାଦ ବଢ଼ାନ୍ତି ? ତାପରେ ପୁଣି ଥାନା....!

ପୋ:ଇ: ହୁକୁମ ସାର୍, ଆପଣଙ୍କ ପାଇଁ ମୁଁ କି ପ୍ରକାର ସେବା କରି ପାରିବି ?

ବାଇମନ ଓ ହୋ ଇନ୍‌ସପେକ୍ଟର, ପୁଣି ସେହି ଅଫିସିଆଲ ଲାଙ୍ଗୁଏଜ ବ୍ୟବହାର କଲ ? ଟିକିଏ ସିଧା ହୁଅ।

ପୋ:ଇ: ଆପଣମାନେ ସେ ସୁଯୋଗ ଦେଲେ ତ ? ପାଟିରୁ ପଦେ କଥା ସିଧା ବାହାରିଲେ ଆଦିବାସୀ ଇଲାକାକୁ ପ୍ରମୋସନ୍....

Digitized by PPRACHIN, SOA

ବାଇମନ — ଅବଶ୍ୟ କଥାଟା ସତ। ହେଲେ ସବୁଦିନ ଏଇଟା ଚାଲିପାରିବନି। ଆଇନ କାନୁନ୍ ଶାସନ ସବୁର ପରିବର୍ତ୍ତନ ଘଟୁଛି। ଘଟିବ ମଧ୍ୟ। ତାକୁ ମୁଁ କି ତମେ, କେହି ରୋକି ପାରିବେନି।

ପୋ:ଇ: — ସାର୍, କ'ଣ ପାଇଁ ଆସିଥିଲେ, କହିଲେନି ?

ବାଇମନ — ଇନ୍‌ସପେକ୍ଟର, ଆଜିକାଲି ଯାହା ବେଳକାଳ ହେଲାଣି ଆଉ ଏ ସହରରେ ରହିହେବନି।

ପୋ:ଇ: — ସାର୍, ଏ କଥା ଆପଣ କହୁଛନ୍ତି !ଖୋଦ୍ ବିରୋଧୀଦଳ ନେତା ! ଆପଣ ନିଜେତ ସେହି ଆଇନ କାନୁନ୍ ତିଆରି କରିଛନ୍ତି !

ବାଇମନ — ଦିନ ଦି' ପହରେ ହରଣଚାଳ। କହିବାକୁ ଭାରି ଲାଜ ଲାଗୁଛି !ଅଜାଗା ଘା' ଦେଖିହଉନି କି ଦେଖେଇହଉନି।

ପୋ:ଇ: — ସାର୍, କଣ ଆପଣ କହୁଛନ୍ତି ?

ବାଇମନ — ତା' ଡ୍ରାଇଭରଟା ମୋ ଚାକରାଣୀଟାକୁ ନେଇ ଫେରାର ହୋଇଯାଇଛି।

ପୋ:ଇ: — କାହା ଡ୍ରାଇଭର କଥା କହୁଛନ୍ତି ?

ବାଇମନ — କାହାର ଆଉ ! ସେହି ମହୀପାଳର ଡ୍ରାଇଭର। ସିଏ ଯେମିତି, ତା' ଡ୍ରାଇଭରଟା ବି ସେମିତି। ଗୋଟାଏ ଲୋଫର୍...ସ୍କାଉଣ୍ଡ୍ରେଲ....

ପୋ:ଇ: — ଏଇଟା ତ ଆପଣଙ୍କର ଘରୋଇ ମାମଲା। ମୁଁ ଏଥିରେ କ'ଣ କରିପାରିବି ?

ବାଇମନ — ଚାକରାଣୀଟା ନ ଥିବାରୁ ଆମେ ନାକେଦମ୍ ହେଲୁଣି। ଚା' କପେ ଦବାକୁ କେହି ନାହାନ୍ତି।

ପୋ:ଇ: — ମୋ ବିଚାରରେ ଆପଣ ଯଦି ଗୋଟିଏ କାମ କରିପାରନ୍ତେ ଭଲ ହୁଅନ୍ତା !

ବାଇମନ — କ'ଣ ?

ପୋ:ଇ: — ଆପଣ ଆପଣଂକ ଡ୍ରାଇଭରକୁ କୁହନ୍ତୁ। ସେ ବି ମହୀପାଳବାବୁଙ୍କ ଚାକରାଣୀକୁ ଉଡ଼େଇ ଆଣୁ। ଆଉ କିଛି ଝିନ୍‌ଝଟ ନ ଥିବ। ପ୍ଲସ୍...ମାଇନସ୍...କ୍ୟାନସେଲ୍....। ଝାମେଲା ଆଉ ନ ଥିବ। ଯା' ହଉ ଚମତ୍କାର ଯତିପାତ !

ବାଇମନ — ମହୀପାଳର ଡ୍ରାଇଭରଟା ଏତେ ନୀଚ ବୋଲି ମୁଁ ଜାଣି ନ ଥିଲି ! ତା'ପରେ ମହୀପାଳଟା କୋଉ ଭଲ ଲୋକ ଯେ ! ସମୟ ପାଖେଇ ଆସିଲାଣି। ତିନି ମାଳିଠୁ ଯିବ।

Digitized by PPRACHIN, SOA

ପୋ:ଇ: ସିଏ ଗଲେ ଆପଣ ଆସିବେ। ଆପଣ ଗଲେ ସିଏ ଆସିବେ। ସିଂହାସନ କେବେ ଖାଲି ପଡ଼ିବ ନାହିଁ। ଆପଣ ଦୁଇଜଣ ତ ହେଉଛନ୍ତି ଯୋଗ୍ୟ ପ୍ରାର୍ଥୀ।

ବାଇମନ : ଇନ୍‌ସପେକ୍ଟର ଥଟ୍ଟା କରୁନ ତ ?

ପୋ:ଇ: : ସାର୍ କି କଥା କହୁଛନ୍ତି ? ମୋ ଚାକିରୀ କ'ଣ ମୋତେ ପିତା ଲାଗିଲାଣି ? ତା'ପରେ ଆପଣଙ୍କ କରାମତି କ'ଣ ମୁଁ ଜାଣିନି ?

ବାଇମନ ମହୀପାଳଟା ଆଦୌ ଭଲ ଲୋକ ନୁହଁ। ଏଇ ଅଭିଜିତ୍ କେଶ୍‌ଟାକୁ ଦେଖୁନ। ତାକୁ କେମିତି ନାକେ ଦମ୍ କଲାଣି। ସତ କଥା କହିବାଟା ଯେମିତି ଗୋଟାଏ ଅପରାଧ !

ପୋ:ଇ: ଏ ସବୁ ତ ଆପଣଙ୍କର ଅବଦାନ। ଶାସନ ଯେତେବେଳେ ଦୁର୍ନୀତି ଗ୍ରସ୍ତ ହୁଏ, ଶାସକ ଯେତେବେଳେ ଭ୍ରଷ୍ଟ ହୁଏ, ଆଇନ ଯେତେବେଳେ ଭକ୍ଷକ ହୁଏ, ସେତେବେଳେ ସମୟ ମଧ ଧାଣୁ ପାଲଟି ଯାଏ। ସତ୍ୟ ଶାନ୍ତି ଅହିଂସାର ଅବମୂଲ୍ୟାୟନ ଘଟେ।

ବାଇମନ ଯା'ର କ'ଣ କିଛି ପ୍ରତିକାର ନାହିଁ ?

ପୋ:ଇ: ଅଛି। ବିଚ୍ ବଜାର ଉପରେ ନେତାମାନଙ୍କୁ ସମସ୍ତଙ୍କ ସାମ୍ନାରେ ହତ୍ୟା କରିବା।

ବାଇମନ ଇନ୍‌ସପେକ୍ଟର !

ପୋ:ଇ: ସମାଜକୁ ବଂଚାଇବାକୁ ହେଲେ ଏଇଟା ହିଁ ଏକମାତ୍ର ପନ୍ଥା। ସେ ଦିନ ବି ବେଶି ଦୂର ନୁହେଁ। ଆପଣ ନିଜକୁ ଥରେ ଆବିଷ୍କାର କରିବାକୁ ଚେଷ୍ଟାକରନ୍ତୁ। ସବୁ ଜାଣିପାରିବେ।

ବାଇମନ ଆମ ପାର୍ଟି କ୍ଷମତାକୁ ଆସୁ। ମୁଁ ଏ ଦେଶର ନକ୍ସା ବଦଳେଇ ଦେବି।

ପୋ:ଇ: ପୁଣି ସେହି ପୁରୁଣା ଢୋଲ ପିଟିଲେ ! ଏ ଗୁଡ଼ାକ ସିନା ଏ ଦେଶର ଜନତାଙ୍କୁ ଶୁଣେଇବେ। ସେମାନେ ଶୁଣିବାକୁ ଭଲପାଇବେ। ହେଲେ ମୋତେ କାହିଁକି ଶୁଣଉଛନ୍ତି ?

(ଟେଲିଫୋନ ବାଜିଛି। ରିସିଭର ଉଠାଉଛନ୍ତି ପୋଲିସ୍ ଇନ୍‌ସପେକ୍ଟର)

ହଁ...ଇନ୍‌ସପେକ୍ଟର କହୁଛି।...ନମସ୍କାର। ସିଏ ଯୋଉ ଦଳର ହଉ। ବହେ ଛେଚିଦିଅ। ଆଗ ମାଡ଼। ପଛେ ବିଚାର।....ଶାସକ ଦଳର ହଉ କି, ବିରୋଧୀଦଳର ହଉ। ଆମର ଯାଏ ଆସେ କେତେ !

(ରିସିଭର ରଖୁଛନ୍ତି ପୋ:ଇ:)

Digitized by PPRACHIN, SOA

ବାଇମନ — କ'ଣ ହେଉଛି ?

ପୋ:ଇ: — କିଛି ନାହିଁ। ହଁ, କ'ଣ କହୁଥିଲେ ?

ବାଇମନ — ବୁଝିଲେ ଇନ୍‌ସପେକ୍ଟର। ମହାପାତ୍ରର ଦିନ ଶେଷ ହେଇ ଆସୁଛି। ଏଇଟା ବି ତାର ଅନ୍ତିମ ରାଜନୀତି। ତା' ନାଁରେ ଯାହାସବୁ ପେପର୍‌ରେ ବାହାରିଛି, ଏଥିରୁ ତାର ରାଜନୀତି ସରିଲା ବୋଲି ଜାଣ।

ପୋ:ଇ: — ଦେଶକୁ କିଛି ଫରକ୍ ପଡ଼ିବନି। ଗୋଟିଏ ଶାଗୁଣା ଗଲେ, ଆଉ ଗୋଟାଏ ଶାଗୁଣା ଆସିବ। ଜଣେ ରାତିରେ ଲୁଟ୍‌ତରାଜ କରୁଥିଲା, ଆଉ ଜଣେ ଦିନ ଦି'ପହରେ କରିବ।

ବାଇମନ — ଇନ୍‌ସପେକ୍ଟର, ତମେ ଯାହା କହିଲେ ମତେ ବାଧୁଛି। କାରଣ ମୁଁ ଚାହୁଁଛି, ମହାପାତ୍ର ଏଇ କେଶ୍‌ରେ ପାନେ ପାଉ।

(ବାହାରୁ ଝଡ଼ ବେଗରେ ଆସିଲା ବାଇଡ଼ଙ୍କ)

ବାଇଡ଼ଙ୍କ — ସାର୍, ସବୁ ଗଣ୍ଡଗୋଳ ହୋଇଗଲା। ଅଳକା ଦେବୀଙ୍କୁ ମହାପାତ୍ରର ଗୁଣ୍ଡାମାନେ ଉଠାଇନେଇଛନ୍ତି।

ପୋ:ଇ: — ଓ, 'ନୋ'...'ନୋ'....

ବାଇମନ — ମତେ ଲାଗୁଛି, ଏ ସବୁ ସେହି ମହାପାତ୍ରର ଚକ୍ରାନ୍ତ।

ପୋ:ଇ: — ଗାଡ଼ି ବାହାର କର *(ବାଇଡ଼ଙ୍କକୁ)*। ମୁଁ ତାକୁ ଏମିତି ପାନେ ଶିକ୍ଷାଦେବି, ସେ ଆଉ କେବେ ରାଜନୀତି କରିବନି, କି କରିବାକୁ ସାହସ କରିବନି।

(ତିନିହେଁ ବାହାରିଛନ୍ତି)

Digitized by PPRACHIN, SOA

ତ୍ରୟୋଦଶ ଦୃଶ୍ୟ

ସ୍ଥାନ - ନର୍ସିଙ୍ଗ ହୋମ
ସମୟ - ଦିବସ
ଚରିତ୍ର - ବାଇଡ଼ଙ୍କ, ଅଭିଜିତ୍, ପୋ:ଇ:

(ସହରର କୌଣସି ଏକ ନର୍ସିଙ୍ଗହୋମ୍। ନର୍ସିଙ୍ଗହୋମ କରିଡୋର୍‌ରେ ବିବ୍ରତ ଅବସ୍ଥାରେ ପଦଚାଳନା କରୁଥିଲେ ରିପୋଟର ଅଭିଜିତ୍। ନର୍ସିଙ୍ଗହୋମ୍‌ର ଭିତରେ କୋଳାହଳ ଲାଗି ରହିଥିଲା। ବାହାରେ ପଡ଼ିଥିବା ବେଞ୍ଚରେ ବସିଥିଲା ବାଇଡ଼ଙ୍କ। ଅଭିଜିତ୍‌ଙ୍କୁ ସାନ୍ତ୍ୱନା ଦେବା ପାଇଁ ଉଠିଛି ବାଇଡ଼ଙ୍କ....)

ବାଇଡ଼ଙ୍କ — ଧୈର୍ଯ୍ୟ ଧରନ୍ତୁ, ଅଭିଜିତ୍‌ବାବୁ! ଆପଣ ଏମିତି ହେଲେ ପରିସ୍ଥିତି ସମ୍ଭାଳିବ କିଏ ? ସାର୍ ଭିତରେ ଅଛନ୍ତି ମାନେ କିଛି ଅସୁବିଧା ହେବନାହିଁ। ତାପରେ ଏ ନର୍ସିଙ୍ଗହୋମ୍‌ର ଡାକ୍ତର ହେଉଛନ୍ତି ସାର୍‌ଙ୍କ ବଂଧୁ।

ଅଭିଜିତ — ମୁଁ ଅଳକା କଥା ଭାବୁନାହିଁ। ଭାବୁଛି ଏ ସହରବାସୀଙ୍କ କଥା। ସହରରେ ଆଇନକାନୁନ୍ ସଚେତ ମଣିଷ...ସମସ୍ତେ ଥାଇ ମଧ୍ୟ ସେମାନେ ଅଳକାର ଜିଭ କାଟିଦେଲେ, ହାତ ଦୁଇଟା ଜଖମ କରିଦେଲେ। କେହି କିଛି କହିଲେନି!

ବାଇଡ଼ଙ୍କ — ସେମାନେ ଅମେରୁଦଣ୍ଡି ପ୍ରାଣୀ। ମେରୁଦଣ୍ଡ ଥିଲେ ସିନା କହନ୍ତେ!

ଅଭିଜିତ — ଦିନଟାରେ ଘର ଭିତରେ ପଶି ସମସ୍ତଙ୍କ ସାମ୍ନାରେ ଗୋଟାଏ ଗର୍ଭବତୀ ନାରୀକୁ ଉଠାଇ ନେଲେ, ଜଣେ ହେଲେ ବି କେହି ପ୍ରତିବାଦ କଲେନି!

ବାଇଡ଼ଙ୍କ — ଯେଉଁ ଦେଶରେ ମହୀପାଳ ଆଉ ବାଇମନ ନେତା, ସେଠି ଭଲ ମଣିଷ ଆସିବେ କୋଉଠୁ! ତଥାପି ସତ୍ୟର ଜୟ ହେବ। ସବୁଦିନେ ମହୀପାଳମାନେ ନ ଥିବେ, କି ସେମାନଙ୍କ ଶାସନ ନ ଥିବ! ସେତେବେଳଯାଏ ଆପଣଙ୍କୁ ଧୈର୍ଯ୍ୟ ଧରି ରହିବାକୁ ହେବ।

Digitized by PPRACHIN, SOA

ଅଭିଜିତ : 'ସତ୍ୟ'....'ସତ୍ୟ'...। ଦୋଷୀ ଦଣ୍ଡପାଇବ। ମହୀପାଲ ସରକାରର ପତନ ଘଟିବ। ହେଲେ ମୁଁ ପାଇବି କ'ଣ? ଅଳକା କ'ଣ ତାର ପୂର୍ବ ସ୍ୱାସ୍ଥ୍ୟ ଫେରିପାଇବ?

ବାଇଡ଼ଙ୍କ ଉପରେ ଠାକୁର ଅଛନ୍ତି। ସେ ନିଶ୍ଚୟ ଆପଣଙ୍କୁ ସାହାଯ୍ୟ କରିବେ। ଏଇନେ ପରୀକ୍ଷାର ବେଳ। ଆପଣ ଧୈର୍ଯ୍ୟ ହରାନ୍ତୁନି।

ଅଭିଜିତ କ'ଣଟା ଆଉ ମିଳିବ? ଆଜି ବିରୋଧୀଦଳ ନେତା ଲମ୍ବା ଚଉଡ଼ା ବିବୃତି ଦଉଛନ୍ତି। ଯେତେବେଳେ ଘର ଭିତରୁ ମହୀପାଳର ଭଡ଼ାଟିଆ ଗୁଣ୍ଡାମାନେ ଅଳକାକୁ ଉଠାଇନେଲେ, କେଉଁଠି ଥିଲେ ସେ? ସେତେବେଳେ ଟକ୍ ମକ୍ ହେଇ ଫୁଟି ଉଠିଲାନି ତାଂକର ବାଦଶାହୀ ରକ୍ତ? ସେହି ତ ଦିନେ ଗୁଣ୍ଡାମାନଂକୁ ଅଭୟ ଦେଇଥିଲେ! ଆଉ ଆଜି?

ବାଇଡ଼ଙ୍କ ବିରେଧୀଦଳ ନେତା ହୁଅନ୍ତୁ, କିମ୍ବା ଶାସକଦଳ ନେତା ହୁଅନ୍ତୁ, କେହି ଭଲ ମଣିଷ ନୁହଁନ୍ତି।

ଅଭିଜିତ ଏ ଯାଏ ଇନ୍‌ସପେକ୍ଟର ବାହାରୁ ନାହାନ୍ତି କାହିଁକି?

ବାଇଡ଼ଙ୍କ ଅପରେସନ ଚାଲିଛି। ସିରିଅସ୍ ଅପରେସନ୍। ସାର୍ ପାଖେ ପାଖେ ଅଛନ୍ତି। କିଛି ଅସୁବିଧା ହବନି।

ଅଭିଜିତ ଯଦି ଅଳକାର କିଛି ହୋଇଯାଏ, ମୁଁ ସେମାନଂକୁ କେବେ ବି ଛାଡ଼ିବିନି।

ବାଇଡ଼ଙ୍କ ଠାକୁରଙ୍କୁ ଡାକନ୍ତୁ। ଡେଲିଭରିଟା ଭଲରେ ଭଲରେ ହେଇଯାଉ।

ଅଭିଜିତ କେତେ ସମୟ ଲାଗୁଛି, ପିଲା ଜନ୍ମ ହେବାକୁ!

ବାଇଡ଼ଙ୍କ ଅଭିଜିତ୍‌ବାବୁ, ପିଲା ଜନ୍ମ ଖେଳଘର ନୁହେଁ। ତାପରେ ଯୋଉ ଅବସ୍ଥାରେ ମାଡ଼ାମ୍‌ଙ୍କୁ ଅଣାଯାଇଛି—

ଅଭିଜିତ ମୁଁ ଖାଲି ଭାବୁଛି ଅଳକା କଥା। ତାର ଯେମିତି କିଛି ନ ହେଉ।

(ନର୍ସିଙ୍ଗ ହୋମ୍ ଭିତରୁ ଆସିଛନ୍ତି ପୋ:ଇ:)

ପୋ:ଇ: ବଧେଇ ଅଭିଜିତ୍‌ବାବୁ! ଆପଣଂକର ପୁତ୍ର ସନ୍ତାନ ଜାତ ହୋଇଛି।

ବାଇଡ଼ଙ୍କ ଆଜ୍ଞା, ମୁଁ କହୁ ନଥିଲି ପୁଅ ହେବ ବୋଲି! ମୁଁ ତାହେଲେ ମିଠା ପାଇଁ ଯାଉଛି?

ଅଭିଜିତ ଅଳକା କେମିତି ଅଛି? ଭଲ ଅଛି ତ?

(କିଛିଟା ଆଡଏଡ଼୍ କରିବାକୁ ଚେଷ୍ଟା କରୁଥିଲେ ପୋ:ଇ:। ମାତ୍ର ପାରିନାହାନ୍ତି।) କୁହନ୍ତୁ ଇନ୍‌ସପେକ୍ଟର, ଅଳକା କେମିତି ଅଛି?

Digitized by PPRACHIN, SOA

ପୋ:ଇ:	I am sorry ! ଭଗବାନ ଆମ ଡାକ ଶୁଣିଲେ ନାହିଁ। ଶତ ଚେଷ୍ଟାକରି ଡାକ୍ତରମାନେ ତାଂକୁ ବଂଚାଇ ପାରିଲେ ନାହିଁ।
ଅଭିଜିତ	'ନା' ଇନ୍‌ସପେକ୍ଟର, 'ନା'.... !
ବାଇଡ୍‌ଙ୍କ	ସେମିତି ଅବସ୍ଥାରେ କେହି କ'ଣ ବଂଚିପାରେ !
ପୋ:ଇ:	ହଁ, ଛାତିଟାକୁ ପଥର କରିଦେବାକୁ ପଡ଼ିବ। ଯେଉଁ ଶୁଶୁଟି ଜନ୍ମ ନେଇଛି, ସେ କାନ୍ଦି ପାରୁନି।
ଅଭିଜିତ	ତା'ମାନେ ?
ପୋ:ଇ:	ବୋଧହୁଏ ସେ ମୂକ !
ଅଭିଜିତ	ହେ ଭଗବାନ ! ମୋ କାନ ଦୁଇଟାକୁ ଅଥର୍ବ କରିଦଉନ କାହିଁକି ?
ବାଇଡ୍‌ଙ୍କ	ସାର୍, ଏମିତି କାହିଁକି ହେଲା ? ଅଭିଜିତ୍‌ବାବୁ ନିଜ ପାଇଁ ତ କିଛି କରିନଥିଲେ !
ପୋ:ଇ:	ଯେଉଁଠି ପ୍ରତିବାଦର ସ୍ୱର ଲୋପପାଏ, ସେଠି ଏଇଭଳି ମୂକମାନେ ଜନ୍ମ ନିଅନ୍ତି। ଯେତେଦିନଯାଏ, ଏ ଦେଶର ଜନତା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ ନ କରିଛନ୍ତି, ସେତେଦିନଯାଏ ପରିଣତି ଏଇଆ ହେଉଥିବ !
ବାଇଡ୍‌ଙ୍କ	ସାର୍, ଯା'ର କ'ଣ କିଛି ପ୍ରତିକାର ନାହିଁ ?
ପୋ:ଇ:	ଏକମାତ୍ର ପ୍ରତିକାର ହେଉଛି - 'ପ୍ରତିବାଦ'।
	(ମଞ୍ଚସାରା ଘୁରିବୁଲିଛି 'ପ୍ରତିବାଦ'ର ସ୍ୱର। ଧିରେ ଧିରେ ଆଲୋକ ଲିଭି ଆସିଛି)

Digitized by PPRACHIN, SOA

ଶେଷଦୃଶ୍ୟ

ସ୍ଥାନ - ରାସ୍ତା

ସମୟ - ଦିବସ / ରାତି

ଚରିତ୍ର - ଅଭିଜିତ, ଅଳକା, ଶିବଭକ୍ତଗଣ।

(ମଞ୍ଚରେ ପୂର୍ଣ୍ଣ ଆଲୋକରେ ପ୍ରତିଫଳନ। ସାମ୍ନାରେ ଦର୍ଶକଙ୍କୁ ମୁହଁ କରି ଠିଆ ହୋଇଥିଲେ ଅଭିଜିତ୍। ଯେମିତି କି ଅନେକ କଥା ତାଂକର କହିବାର ଅଛି। ଦର୍ଶକମାଂନଙ୍କୁ। ଏ ଦେଶର ଜନତାଙ୍କୁ....)

ଅଭିଜିତ — ମୋ ଦେଶର ଅଗଣିତ ବନ୍ଧ୍ୟା ନରନାରୀଗଣ! କେତେଦିନ ଯାଏ ଅତ୍ୟାଚାର ସହି ଚାଲିଥିବ? କେତେଦିନ ଯାଏ ଅନ୍ୟାୟର ବେଡ଼ି ପିନ୍ଧି ମାଙ୍କଡ଼ ନାଚ ଦେଖୁଥିବ? ମୋ ପ୍ରଶ୍ନର ଉତ୍ତର ଦିଅ। କାହାପାଇଁ ଗୋଟାଏ ନିରପରାଧ ନାରୀ ଆଜି ଶହୀଦ ହୋଇଛି?

ହଁ ଗଲା ପୂର୍ବରୁ ତମମାନଙ୍କର ସହନଶୀଳତାକୁ ବଧେଇ ଜଣାଇ ଗୋଟାଏ ଉପହାର ଦେଇଯାଇଛି। ମୂଲ୍ୟବାନ ଉପହାର। ସେ ଉପହାରଟି ହେଉଛି ଗୋଟାଏ ସଦ୍ୟ ନବଜାତ ଶିଶୁ....ମୂକ ଶିଶୁ...। କି ଦୋଷ କରିଥିଲା ସେ ନିର୍ଦ୍ଦୋଷ ଶିଶୁଟି? ସୂର୍ଯ୍ୟାଲୋକ ଦେଖିବା ପୂର୍ବରୁ କାହିଁକି ତାର କଣ୍ଠ ସ୍ୱର ନୀରବ ହୋଇଗଲା? କ'ଣ ଅପରାଧ ସେ କରିଥିଲା। ତମମାନଙ୍କ ପାଖରେ? କି ଅପରାଧ କରିଥିଲା? କ'ଣ ପାଇଁ ସେ ମୂକ ହୋଇଗଲା? କ'ଣ ପାଇଁ? କ'ଣ ପାଇଁ?.....

(ମଞ୍ଚରେ ଆଲୋକ ପୂରାପୂରି ମଉଳି ଯାଉଛି। ମଞ୍ଚର ସମ୍ମୁଖ ଭାଗରେ ଦର୍ଶକମାନଂକୁ କିଛି ମାଗିବା ଢଂଗରେ ରହିଯାଇଛି ଅଭିଜିତ୍। ମଞ୍ଚର ସେହି ସୀମିତ ଆଲୋକ ଭିତରେ ଆସିଛନ୍ତି ଅଳକା ଏବଂ ଶିବ ଭକ୍ତଗଣ। ପୂର୍ବର ସେଇ ପରିବେଶ। ସେଇ ଅନ୍ଧକାର ରାତି। ସେଇ ପାଦଚଲା ରାସ୍ତା।)

Digitized by PPRACHIN, SOA

ଅଳକା   ବେଶ୍ ଏଥର କୁହ। ପାରିବ ଏ ଦେଶକୁ ଅନାମୟ କରି ? ପାରିବ ଏ ସମାଜକୁ କ୍ଲେଶମୁକ୍ତ କରି ?
ପତିତପାବନ ଶିବଙ୍କ ମସ୍ତକରେ ପବିତ୍ର ଜଳ ଢାଳିବା ପୂର୍ବରୁ ଥରେ ନିଜକୁ ସଂଶୋଧନ କରିବାକୁ ଚେଷ୍ଟାକର। ମଣିଷ ପରି ବଂଚି ରହିବାକୁ ଚେଷ୍ଟାକର। ଅନ୍ୟାୟ ଅତ୍ୟାଚାର ସହ୍ୟ କରି ନୁହେଁ, ତା'ର ପ୍ରତିବାଦ କରି.... ! 'ପ୍ରତିବାଦ'.... ହଁ... ହଁ.. 'ପ୍ରତିବାଦ'....
(ଅଳକାକୁ ସମର୍ଥନ କରି ସମସ୍ତେ ହାତ ଉପରକୁ ଟେକିଛନ୍ତି....)

■■

Digitized by PPRACHIN, SOA

କିଛି ମତ : କିଛି ମନ୍ତବ୍ୟ

୧. ଆମେ କ୍ରାନ୍ତିର ନାଟକ 'ମୂକ'

ଉଦଳା-ମୟୂରଭଞ୍ଜର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଆମେ କ୍ରାନ୍ତି' ପରିବେଷିତ ନାଟକ 'ମୂକ' ନାଟ୍ୟମ୍ ଆୟୋଜିତ ଚତୁର୍ଥ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ମଞ୍ଚସ୍ଥ ହୋଇ ସର୍ବମୋଟ ଚାରୋଟି ପୁରସ୍କାର ଲାଭ କରିଛି। ଅନୁଗୁଳର ସଭାଘର ମଞ୍ଚରେ ଗତ ଡିସେମ୍ବର ୨୧ ତାରିଖ ସନ୍ଧ୍ୟାରେ ଅଭିନୀତ ହୋଇଥିଲା ଏହି ନାଟକ। ନିର୍ଦ୍ଦେଶନା ଦେଇଥିଲେ ସୁପରିଚିତ ଅଭିନେତା ରାମଚନ୍ଦ୍ର ମହାପାତ୍ର ଏବଂ ନାଟକଟିର ରଚନାକାର ଥିଲେ ଡଃ ନାରାୟଣ ସାହୁ। ପ୍ରତିଯୋଗିତାରେ ଏହି ନାଟକକୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶନା, ସର୍ବଶ୍ରେଷ୍ଠ ଅଭିନେତ୍ରୀ, ଦୁଇଟି ସ୍ୱତନ୍ତ୍ର ଜୁରି ପୁରସ୍କାର ସମେତ ମୋଟ ଚାରିଗୋଟି ପୁରସ୍କାର ମିଳିଥିଲା। ନାଟକର ବିଭିନ୍ନ ଭୂମିକାରେ ଥିଲେ ଆଶୀଷ ମହାନ୍ତି, ପ୍ରଦ୍ୟୁମ୍ନ ଦାସ, ରତିକାନ୍ତ ବେହେରା *(ଜୁରି ପୁରସ୍କାର)*, ପ୍ରଦୀପ ପଣ୍ଡା, ସିତୁନ, କ୍ଷୀରୋଦ ମହାନ୍ତି, ପଙ୍କଜ ଖୁଣ୍ଟିଆ, ମହେଶ୍ୱର ସାହୁ, ସୁଦର୍ଶନ ନାୟକ, *(ଜୁରି ପୁରସ୍କାର)*, ଦୀନେଶ କବାଟ, ଦେବେନ୍ଦ୍ର ମହାନ୍ତି, ରତ୍ନାକର ଦାସ, ଅଖିଳ ସ୍ୱାଇଁ ଏବଂ ଶ୍ୟାମା କର୍ମକାର *(ସର୍ବଶ୍ରେଷ୍ଠ ଅଭିନେତ୍ରୀ)* ନାଟକର ସଙ୍ଗୀତ ପରିଚାଳନା କରିଥିଲେ ଜୟକୃଷ୍ଣ ପୃଷ୍ଟି। ଆଲୋକ ପରିଚାଳନା କରିଥିଲେ ନିର୍ଦ୍ଦେଶକ ନିଜେ।

ସମସାମୟିକ ସମାଜ ବ୍ୟବସ୍ଥା ପ୍ରତି ଏ ନାଟକର କଥାବସ୍ତୁ ଏକ ପ୍ରଚଣ୍ଡ କୁଠାରଘାତ। ସାଂପ୍ରତିକ କଳୁଷିତ ରାଜନୈତିକ ଅନୁଷ୍ଠାନର ଲୁକ୍କାୟିତ ସ୍ୱରୂପକୁ ଉନ୍ମୋଚନ କରାଯାଇଥିଲା ନାଟକରେ। *(ପ୍ରଜାତନ୍ତ୍ର ୧୨.୧.୯୭– ମଞ୍ଚମାୟା)*

୨. ନାଟ୍ୟମ୍ ନାଟମେଳାରେ 'ମୂକ'

ପ୍ରତିଟି ଯୁଗରେ ସତ୍ୟର କଣ୍ଠରୋଧ କରାଯାଇଛି। ରାଜତନ୍ତ୍ରଠାରୁ ଗଣତନ୍ତ୍ର ପର୍ଯ୍ୟନ୍ତ ସବୁଠି ସତ୍ୟ ଉପରେ ଅତ୍ୟାଚାର ହୋଇଛି।

ସତ୍ୟର ଏହି ଅଗ୍ନିପରୀକ୍ଷା ଦେବାକୁ ଆଗେଇ ଆସି ଏକ ସାମ୍ବାଦିକ ପରିବାର ଲହୁଲୁହାଣ ହୋଇଛି। ସେମାନଙ୍କର ଏକମାତ୍ର ଭୁଲ୍ ହେଲା, ସେମାନେ ସମାଜରେ ସତ୍ୟ ସମ୍ବାଦ ପରିବେଷଣ କରିଛନ୍ତି। ପ୍ରତିଦାନରେ ସେମାନଙ୍କୁ କିଛି ମିଳିନି। ଉପହାର ସ୍ୱରୂପ ମିଳିଛି ଏକ ମୂକ ନବଜାତକ। ନାଟକଟିକୁ ରଚନା କରିଥିଲେ ନାରାୟଣ ସାହୁ ଏବଂ ନିର୍ଦ୍ଦେଶନା ଦେଇଥିଲେ ରାମଚନ୍ଦ୍ର ମହାପାତ୍ର। ବିଭିନ୍ନ ଭୂମିକାରେ ଅଂଶଗ୍ରହଣ କରିଥିଲେ ପ୍ରଦ୍ୟୁମ୍ନ, ରତିକାନ୍ତ, ସୁଦର୍ଶନ, ପଙ୍କଜ, ଆଶୀଷ, ମହେଶ୍ୱର, ଦୀନେଶ, ଦେବେନ୍ଦ୍ର, କ୍ଷୀରୋଦ, ଅଖିଳ, ରତ୍ନାକର, ସିତୁନ ଏବଂ ଶ୍ୟାମା। ସଂଗୀତ ପରିଚାଳନା କରିଥିଲେ ଜୟକୃଷ୍ଣ ପୃଷ୍ଟି। ୨୧ ତାରିଖ ଦିନ ନାଟକ 'ମୂକ' ମଞ୍ଚସ୍ଥ ହୋଇଥିଲା।

Digitized by PPRACHIN, SOA

୩. 'ଆମେ କ୍ରାନ୍ତି'ର ସଫଳତା

ଉଦଳା ତା୬।୧ (ପିଏନ୍ଏସ୍): ଗତ ୨୧ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଗୋଳରେ 'ନାଟ୍ୟମ୍' ପକ୍ଷରୁ ଅନୁଷ୍ଠିତ ନାଟ୍ୟ ମେଳାରେ ଉଦଳାର ଅଗ୍ରଣୀ ନାଟ୍ୟ ସଂସ୍ଥା 'ଆମେ କ୍ରାନ୍ତି' ପକ୍ଷରୁ ନାଟକ 'ମୂକ' ମଞ୍ଚସ୍ଥ କରାଯାଇ ଶ୍ରେଷ୍ଠ ନାଟ୍ୟକାର, ଶ୍ରେଷ୍ଠ ନିର୍ଦ୍ଦେଶକ, ଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର ପାଇବା ସହିତ ୨ ଜଣ କଳାକାର ସ୍ୱତନ୍ତ୍ର ଜୁରୀ ପୁରସ୍କାର ପାଇଛନ୍ତି।

ଅନୁଷ୍ଠିତ ହୋଇ ଯାଇଥିବା ଏହି ନାଟ୍ୟମେଳାରେ ଓଡ଼ିଶାର ସୁନାମଧନ୍ୟ ନାଟ୍ୟ ସଂସ୍ଥାମାନେ ନିଜ ନିଜର ଅଭିନୟ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ଉଦଳାର 'ଆମେ କ୍ରାନ୍ତି' ଅଭିନୟ କରିଥିବା ''ମୂକ'' ନାଟକର ନାଟ୍ୟକାର ଡଃ ନାରାୟଣ ସାହୁ, ନିର୍ଦ୍ଦେଶକ - ରାମଚନ୍ଦ୍ର ମହାପାତ୍ର ଏବଂ ଅଭିନେତ୍ରୀ ଶ୍ୟାମା କର୍ମକାରଙ୍କୁ ଯଥାକ୍ରମେ ଶ୍ରେଷ୍ଠ ନାଟ୍ୟକାର, ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ ଅଭିନେତ୍ରୀର ସମ୍ମାନ ମିଳିଥିବା ବେଳେ ରତିକାନ୍ତ ବେହେରା ଏବଂ ସୁଦର୍ଶନ ନାୟକ ଅଭିନୟ ପାଇଁ ସ୍ୱତନ୍ତ୍ର ଜୁରି ପୁରସ୍କାର ଲାଭ କରିଛନ୍ତି।

ନିକଟରେ କେନ୍ଦୁଝରେ 'କସାଣ୍ଡ୍ରା' ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ନାଟକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଆମେ କ୍ରାନ୍ତି ଅଭିନୀତ 'ଉପନ୍ୟାସ' ନାଟକ ଶ୍ରେଷ୍ଠ ବିବେଚିତ ହୋଇଥିଲା। 'ମୂକ' ନାଟକର ଅନ୍ୟ କଳାକାରମାନେ ହେଲେ ପ୍ରଦ୍ୟୁମ୍ନ ଦାସ, ଆଶିଷ ମହାନ୍ତି, ରତ୍ନାକର, ସନ୍ତୋଷ ବାଛିନୀ, ପଙ୍କଜ ଖୁଣ୍ଟିଆ, କ୍ଷୀରୋଦ ମହାନ୍ତି, ଏବଂ ଅନ୍ୟମାନେ। (ପ୍ରଗତିବାଦୀ)

୪. ନାଟକ ପ୍ରତିଯୋଗିତାରେ ଶ୍ରେଷ୍ଠ ନାଟକ 'ପ୍ରଶ୍ନ'

ଭୁବନେଶ୍ୱର, ଗତ ୧୮ ତାରିଖ ଦିନ ରବିନ୍ଦ୍ର ମଣ୍ଡପଠାରେ ଜନସେବକ କ୍ଲବ ଦ୍ୱାରା ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଉଦଳାର ଅଗ୍ରଗାମୀ ନାଟ୍ୟସଂସ୍ଥା 'ଆମେ କ୍ରାନ୍ତି' ପକ୍ଷରୁ ନାଟକ 'ପ୍ରଶ୍ନ' ଅଭିନୀତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି।ଏହି ନାଟକ ଏକକାଳୀନ ତିନୋଟି ପୁରସ୍କାର ଲାଭ କରିଛି। ଶ୍ରେଷ୍ଠ ନାଟ୍ୟକାର ଭାବେ ନାଟ୍ୟକାର ନାରାୟଣ ସାହୁ, ଶ୍ରେଷ୍ଠ ଅଭିନେତା ଭାବେ ରତିକାନ୍ତ ବେହେରା ଏବଂ ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ପ୍ରଦ୍ୟମ୍ନ ଦାସ ପୁରସ୍କୃତ ହୋଇଛନ୍ତି। ନାଟକଟିର ନିର୍ଦ୍ଦେଶନା ଦେଇଥିଲେ ଥିଏଟର ଏବଂ ଚଳଚ୍ଚିତ୍ର ଜଗତର ପୋଖତ କଳାକାର ରାମଚନ୍ଦ୍ର ମହାପାତ୍ର।

ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ରତିକାନ୍ତ, ରତ୍ନାକର, ପଦ୍ୟୁମ୍ନ ସୁଦର୍ଶନ, ମହେଶ୍ୱର, ଅଖିଳ, ପଙ୍କଜ, ସନ୍ତୋଷ, ଆଶୀଷ ଏବଂ ପ୍ରତିମା। ରାମଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନା ବେଶ୍ ମନଛୁଆଁ ହୋଇଥିଲା। ସଙ୍ଗୀତ ଏବଂ ମଞ୍ଚ ପରିଚାଳନା କରିଥିଲେ ଜୟକୃଷ୍ଣ ପୃଷ୍ଟି ଏବଂ ଅମରେଶ ଦାସ। (ଛାଇ ଆଲୁଅ- ପ୍ରଗତିବାଦୀ)

Digitized by PPRACHIN, SOA

୫.'ଭଏସ୍'ର ନାଟକ 'ମୂକ' ପୁରସ୍କୃତ

ଭୁବନେଶ୍ୱର : ବ୍ରହ୍ମପୁର ଟାଉନ୍ ହଲ ଠାରେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସାଂସ୍କୃତିକ ସଂଗଠନ 'ଭଏସ' ପକ୍ଷରୁ ପରିବେଷଣ କରାଯାଇଥିଲା ଯୁଗୋପଯୋଗୀ ନାଟକ 'ମୂକ'। ପ୍ରକାଶ ଥାଉକି ପ୍ରତିଯୋଗିତାରେ ଏହି ନାଟକଟି ଶ୍ରେଷ୍ଠ ସଂଗୀତ ଦ୍ୱିତୀୟ ପ୍ରଯୋଜନା ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶନା ଏବଂ ତୃତୀୟ ଶ୍ରେଷ୍ଠ ପାଂଡୁଲିପି ଏହିପରି ଏକାଦିକ୍ରମେ ଚାରୋଟି ପୁରସ୍କାର ଲାଭ କରିଛି।

ସମସାମୟିକ ଘଟନା ଉପରେ ରଚିତ ନାଟକ 'ମୂକ' ଥିଲା ସାଂପ୍ରତିକ ସମାଜ ପାଇଁ ଏକ ଜ୍ୱଳଂତ ଚେତାବନୀ। ଗୋଟିଏ ସାଂବାଦିକ ପରିବାରର ହାହୁତାଶମୟ ଯଂତ୍ରଣାକ୍ଲିଷ୍ଟ ଚିତ୍ର ଏଥିରେ ସ୍ପଷ୍ଟ ବାରି ହୋଇପଡ଼େ। ନାଟକଟିକୁ ରଚନା କରିଥିଲେ ନାଟ୍ୟକାର ଡ.ନାରାୟଣ ସାହୁ। ନାଟକଟିର ନିର୍ଦ୍ଦେଶନା ଦେଇଥିଲେ ସାର୍ଥକ ସାମଂତରାୟ ଏବଂ ସଂଗୀତ ପରିଚାଳନା କରିଥିଲେ ପ୍ରଶାଂତ ମହାଂତି। ନାଟ୍ୟାଂଶରେ ଅଂଶ ଗ୍ରହଣ କରିଥିଲେ ଦିଲୀପ ସିଂହ, ମନୋଜ ନଂଦ, ଚୁକୁ, ସୁରଜିତ ମହାଂତି, ଖଗେଶ୍ୱର ନାୟକ, ଶୋଭାକର ଦାସ, ଫତେସିଂହ, ଗିରୀଶ ଦାସ, ମନୋଜ ସାମନ୍ତରାୟ, ଯୁଧିଷ୍ଠିର ରାଉତ ଏବଂ ସରିତା ଦାସ। ସ୍ମାରକ ଥିଲେ ଅରୁଣ ମହାଂତି ଏବଂ ରଣଜିତ୍ ରାଉତରାୟ।

ନାଟକଟି ଦର୍ଶକମାନଂକୁ ମନୋରଂଜନ ସହିତ ଅନୁଚିଂନ୍ତନ ପାଇଁ କିଛିଟା ଖୋରାକ ଯୋଗାଇ ଥିଲା। ଯୁଧିଷ୍ଠିର, ଗଣେଶ୍ୱର, ମନୋଜ ଏବଂ ସରିତାଂଙ୍କ ଅଭିନୟ ପ୍ରାଣବଂତ ହୋଇପାରିଥିଲା। *(ସମୟ ୧୨।୩।୯୯)*

୬. ବ୍ରହ୍ମପୁର ଟାଉନହଲ ଠାରେ ଶାଶ୍ୱତୀ ନାଟ୍ୟ ସଂସ୍ଥା ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ଫେବୃଆରୀ ୨୪ ତାରଖ ଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ବହୁ ନାଟ୍ୟସଂସ୍ଥା ଯୋଗ ଦେଇଥିଲେ। ଢେଙ୍କାନାଳର ଶତରୂପା *(ପିଞ୍ଜରାରେ ରାତ୍ରୀ)*, ଜୟପୁରର ନିର୍ଝରିଣୀ *(ଯାରେ ଭାସି ଭାସି ଯା)*, କଟକର ଥିଏଟର ମୁଭମେଣ୍ଟ *(ଆଶାର ଆକାଶ)*, ଭୁବନେଶ୍ୱର ଭଏସ *(ମୂକ)*, ଜଟଣୀର ହାୱା ହାୱା *(ଧର୍ମର ନାଆଁ ହୋ ଭଗରେ)*, ଯାଜପୁରର ଡ୍ରେଣ୍ଡ ସେଟରସ *(ବିଷାଦ ବୃତ୍ତରେ ବୃହନ୍ନଳା)*, ବ୍ରହ୍ମପୁରର ଶାଶ୍ୱତୀ ନାଟ୍ୟସଂସ୍ଥା *(ରାକ୍ଷସ ଚରିତ)* ନାଟକ ମଂଚସ୍ଥ କରିଥିଲା।

ମୂକ ନାଟକଟି ଫେବୃଆରୀ ୨୭ ତାରିଖ ଶନିବାର ସନ୍ଧ୍ୟାରେ ଟାଉନହଲ ଠାରେ ମଂଚସ୍ଥ ହୋଇଥିଲା। ସମସାମୟିକ ଘଟଣା ଉପରେ ପ୍ରତିଷ୍ଠିତ ଏହି ନାଟକଟି ବେଶ୍ ଦର୍ଶକ ହୃଦୟରେ ଗଭୀର ଉତ୍କଣ୍ଠା ଜନ୍ମାଇଥିଲା। ବିଚାରକଙ୍କ ଲେଖନୀରୁ ଏହା ଚାରିଗୋଟି ପୁରସ୍କାର ଲାଭ କରିଥିଲା, ଯଥା : ଶ୍ରେଷ୍ଠ ସଂଗୀତ, ଦ୍ୱିତୀୟ

Digitized by PPRACHIN, SOA

ଶ୍ରେଷ୍ଠ ପ୍ରଯୋଜନା ଶ୍ରେଷ୍ଠ ନିର୍ଦ୍ଦେଶନା ଏବଂ ତୃତୀୟ ଶ୍ରେଷ୍ଠ ପାଣ୍ଡୁଲିପି। ଏହି ନାଟକଟିକୁ ରଚନା କରିଥିଲେ ନାଟ୍ୟକାର ଚଳଚ୍ଚିତ୍ର ସଂଳାପ ଲେଖକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟକାର ଡକ୍ଟର ନାରାୟଣ ସାହୁ। ଏହାକୁ ନିର୍ଦ୍ଦେଶନା ଦେଇଥିଲେ ଶ୍ରୀଯୁକ୍ତ ସାର୍ଥକ ସାରଥୀ ସାମନ୍ତରାୟ। ସଂଗୀତ ପରିଚାଳନା କରିଥିଲେ ପ୍ରଶାନ୍ତ ମହାନ୍ତି *(ମଣ୍ଟୁ)*। ଏହି ନାଟକଟିରେ ଅଂଶଗ୍ରହଣ କରିଥିଲେ : ଦିଲୀପ ସିଂ, ମନୋଜ ନନ୍ଦ, ସୁରଜିତ ମହାନ୍ତି, ଗଣେଶ୍ୱର ନାୟକ, ଶୋଭାକର ଦାସ, ଫତେ ସିଂହ, ସିରିସ ଦାସ, ମନୋଜ ସାମନ୍ତରାୟ, ଯୁଧିଷ୍ଠିର ରାଉତ, ଟୁକୁ ଏବଂ ସରିତା ଦାସ *(ମିଲି)*। ସ୍ମାରକ ଥିଲେ ଅରୁଣ ମହାନ୍ତି ଏବଂ ରଣଜିତ ରାଉତରାୟ।

ଆଜିର ସମାଜ ଦ୍ୱିଧାଗ୍ରସ୍ତ। ପ୍ରତିବାଦ ବା ପ୍ରତିବାଦର ସ୍ୱର ଅବଲୁପ୍ତ। ମଣିଷ ଆଜି ଅଥର୍ବ ଆଉ ମୂକ। ପ୍ରତିଟି ଯୁଗରେ କଣ୍ଠରୋଧ କରାଯାଇଛି ସତ୍ୟର। ଗୋଟିଏ ଶାସନ ପରେ ଆଉ ଏକ ଶାସନ ଆସିଛି। ରାଜତନ୍ତ୍ର ଠାରୁ ଗଣତନ୍ତ୍ର ପର୍ଯ୍ୟନ୍ତ ସବୁଠି ସତ୍ୟ ଉପରେ ଅତ୍ୟାଚାର କରାଯାଇଛି। ସର୍ବସାଧାରଣ ସ୍ଥାନରେ ଘଟିଥିବା ଏକ ହତ୍ୟାକାଣ୍ଡକୁ କେନ୍ଦ୍ର କରି ଗୋଟିଏ ହସଖୁସି ଭରା ସାମ୍ବାଦିକ ପରିବାର ତଟିତଳାନ୍ତ ହୋଇଛି। ସେମାନଙ୍କର ଏକମାତ୍ର ଭୁଲ୍ ହେଲା ସେମାନେ ଯାହା ସତ୍ୟ ତାହାହିଁ ପ୍ରକାଶ କରିଛନ୍ତି। ସାମ୍ବାଦିକ ଏବଂ ତାଙ୍କ ପତ୍ନୀ ଉଭୟ ସାମ୍ବାଦପତ୍ରରୁ ବିତାଡ଼ିତ ହୋଇଛନ୍ତି। ପତ୍ନୀଙ୍କର ଜିଭ କାଟି ଦିଆଯାଇଛି। ନର୍ସିଂହୋମରେ ସେ ପ୍ରାଣତ୍ୟାଗ କରିବା ପୂର୍ବରୁ ଏକ ମୂକ ଶିଶୁକୁ ଜନ୍ମ ଦେଇଛନ୍ତି। କାହିଁକି ସେ ମୂକ ହେଲା ତାରି କଥା କୁହାଯାଇଛି ଏ ନାଟକରେ। ନାଟ୍ୟକାର ନାରାୟଣ ସାହୁଙ୍କ ବଳିଷ୍ଠ ଲେଖା ଓ ଲେଖନୀ ଓ ଉନ୍ନତ ଭାବ ଓ ଭାବନାର ପରିପ୍ରକାଶ ଘଟିଛି ଏ ନାଟକଟିରେ। ଏପରିକି ଦିଲୀପ ସିଂ ଓ ମନୋଜ ନନ୍ଦଙ୍କ ଅଭିନୟ ଖୁବ୍ ବାସ୍ତବ ହୋଇ ଉଠିଛି। ଯୁଧିଷ୍ଠିର ରାଉତ, ମନୋଜ ସାମନ୍ତରାୟ, ଗଣେଶ୍ୱର ନାୟକ ଏବଂ ସୁରଜିତ ମହାନ୍ତିଙ୍କର ଅଭିନୟ ନାଟକଟିର ପୁରସ୍କାର ପାଇଁ ଖୋରାକ ଯୋଗାଇଛି। ଏକ ହସଖୁସିଭରା ଦୁନିଆ ଆଖିରେ ଏକ ବିୟୋଗାତ୍ମକ ସ୍ୱରଲହରୀ ସୃଷ୍ଟି କରିଛି ଏହି ନାଟକଟି। ମୁକ୍ତଧାରାର ନାଟ୍ୟଶୈଳୀକୁ ଅବଲମ୍ବନ କରି ନାଟ୍ୟକାର ଏକ ନୂତନ ମଂଚକୌଶଳର ଅବତାରଣା କରିଛନ୍ତି। ଏପରିକି ନାଟକଟି ସଂପୂର୍ଣ୍ଣ ରୂପେ ଗୋଟିଏ ସେଟ୍‌ରେ ଓ ମିଡ଼ିଲ ଜୋନରେ ମଂଚସ୍ଥ ହେବା ହେତୁ ୪ର୍ଥ ଜୋନ ଷ୍ଟେଜ ଉପରେ ଆଉ ଏକ ଜୋନର ପରିକଳ୍ପନା ମଧ୍ୟ କରାଯାଇଥିଲା। ଏଥିପାଇଁ ନାଟକଟି ଦର୍ଶକମାନଙ୍କ ମନୋରଂଜନ ସହିତ ଅନୁଚିନ୍ତନ ପାଇଁ କିଛିଟା ଭାବରାଜିର ଉଦ୍ରେକ କରିଥିଲା। *(କୋଇଲାନଗରୀ ଏକ୍ସପ୍ରେସ୍–୮ ମାର୍ଚ୍ଚ, ୧୯୯୯)*

□□

Digitized by PPRACHIN, SOA